## ସଂକ୍ଷେପରେ

### ସଡ଼କ ଦୁର୍ଘଟଣାରେ ପୂର୍ବତନ ସରପଞ୍ଚ ଆହତ

**ଯୋଗେଶ୍ୱରପୁର,୬।୪(ରଶ୍ମିରଞ୍ଜନ ସାହୁ):**

ନୟାହାଟ ଫାଣ୍ଡି ଅଧୀନ ଜଙ୍ଗଲବରୀ ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ବର୍ତ୍ତମାନ ସରପଞ୍ଚ ପ୍ରଭାତୀ ସାହୁଙ୍କ ସ୍ୱାମୀ ପ୍ରଣୟ କୁମାର ସାହୁ ବାଇକ୍‌ରୁ ଖସି ଆହତ ହୋଇଛନ୍ତି। ପ୍ରଣୟ ବାଇକ୍ ଯୋଗେ ଘରକୁ ଫେରୁଥିବାବେଳେ ଏକ ବାଲି ବୋଝେଇ ହାଇୱା ନୟାହାଟ ମଙ୍ଗଳା ଢାବାଠାରେ ସାଇଡ୍ ମାରିବାରୁ ସେ ବାଇକ୍‌ରୁ ଖସି ପଡ଼ିଥିଲେ। ଫଳରେ ସେ ଏବେ ଚାରିଛକ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ଅଛନ୍ତି।

### ୫ ଦିନ ହେବ ଗୋପ ଷ୍ଟେଟ୍ ବ୍ୟାଙ୍କ ଏଟିଏମ୍‌ରେ ତାଲା

**ଗୋପ,୬।୪(ଭାରତୀ ଭୂଷଣ ଉପାଧ୍ୟାୟ):**

ଗୋପ ଷ୍ଟେଟ୍ ବ୍ୟାଙ୍କ ଏଟିଏମ୍ ଗତ ୫ ଦିନ ଧରି ଅଚଳ ହେବା ପରେ ଏବେ ଏଟିଏମ୍‌ରେ ତାଲା ଝୁଲୁଥିବା ଦେଖିବାକୁ ମିଳିଛି। ଫଳରେ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଗ୍ରାହକ ଉକ୍ତ ବ୍ୟାଙ୍କକୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଅଭିଯୋଗ ହେଉଛି। ପ୍ରକାଶ ଯେ, ଗୋପ ଷ୍ଟେଟ୍ ବ୍ୟାଙ୍କ ଏଟିଏମ୍ କିଛିଦିନ ଧରି ଅଚଳ ହେବା ସହିତ ବିଭିନ୍ନ ସମୟରେ ବନ୍ଦ ରହୁଥିଲା। ଏଟିଏମ୍‌ଟି ମଧ୍ୟ ଅଧିକାଂଶ ସମୟ ଖରାପ ହେବା ଭଳି ଅଭିଯୋଗ ରହିଥିଲା। ଏବେ କିନ୍ତୁ ୫ ଦିନ ଧରି ଏଟିଏମ୍‌ରେ ତାଲା ଝୁଲୁଥିବା ଜଣାପଡ଼ିଛି। ଏନେଇ ଷ୍ଟେଟ୍ ବ୍ୟାଙ୍କ ଉଚ୍ଚ ଅଧିକାରୀଙ୍କୁ ଜଣାଇବା ସହ କେତେଜଣ ଗ୍ରାହକ ଏକ୍ତ୍ର କରି ତୁରନ୍ତ ଏଟିଏମ୍ ଖୋଲିବାକୁ ଦାବି କରିଛନ୍ତି। ଏ ବାବଦରେ ଷ୍ଟେଟ୍ ବ୍ୟାଙ୍କ ଶାଖା ପରିଚାଳକ ରାଜକୁମାର ମହାନ୍ତିଙ୍କୁ ପଚାରିବାରେ କାମ ଚାଲିଛି, ଖୁବ୍‌ଶୀଘ୍ର ଏଟିଏମ୍ କାର୍ଯ୍ୟକ୍ଷମ ହେବ ବୋଲି ସେ କହିଥିଲେ।

### ଚୋରି ଅଭିଯୋଗରେ ୨ ଗିରଫ

**ସାକ୍ଷୀଗୋପାଳ,୬।୪ (ପ୍ରଶାନ୍ତ ବାରିକ୍/କିଶୋର ମହାପାତ୍ର):**

ସତ୍ୟବାଦୀ ଥାନା ଅନ୍ତର୍ଗତ ଶାଣ୍ଡରା ପଞ୍ଚାୟତ କାର୍ଯ୍ୟାଳୟରୁ ଏଲ୍‌ସିଡି ଟିଭି ଓ ସ୍ପିକର ଚୋରିକରିବା ଅଭିଯୋଗରେ ସତ୍ୟବାଦୀ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫକରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଉକ୍ତ ଥାନା ଅନ୍ତର୍ଗତ ମଣ୍ଡିକେରା ଗ୍ରାମର ଚନ୍ଦନ ବରାଳ (୨୧) ଓ ତାଙ୍କ ସାଙ୍ଗ ପ୍ରତାପ ଭାରତୀ (୩୬)। ପୋଲିସ ଏମାନଙ୍କଠାରୁ ଚୋରି ସାମଗ୍ରୀ ଜବତ କରିଛି। ଏନେଇ ପୋଲିସ ନଂ.୧୦୭/୨୪ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଗୁରୁବାର ବିଳମ୍ବିତ ରାତ୍ରିରେ ଚନ୍ଦନ ଓ ପ୍ରତାପ ଶାଣ୍ଡରା ପଞ୍ଚାୟତ କାର୍ଯ୍ୟାଳୟରୁ ଏକ ଏଲ୍‌ସିଡି ଟିଭି ଓ ଏକ ଦାମୀ ସ୍ପିକର ଚୋରିକରି ନେଇଯାଇଥିଲେ। ଶୁକ୍ରବାର ସକାଳୁ ଉକ୍ତ କାର୍ଯ୍ୟାଳୟ ପିଅନ କାହ୍ନୁଆ ମଲ୍ଲିକ ପଞ୍ଚାୟତ ଅଫିସ୍ ଖୋଲିବାକୁ ଯାଇଥିବାବେଳେ ତାଲା ଭଙ୍ଗାଯାଇଥିବା ଦେଖିଥିଲେ। ଏ ସମ୍ପର୍କରେ ସେ ତୁରନ୍ତ ସରପଞ୍ଚ ବାସନ୍ତୀ ବେହେରାଙ୍କୁ ଖବର ଦେବାରୁ ସେ ଘଟଣାସ୍ଥଳରେ ପହଞ୍ଚି କାର୍ଯ୍ୟାଳୟରୁ ଏଲ୍‌ସିଡି ଟିଭି, ଏକ ଦାମୀ ସ୍ପିକର ଏବଂ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ସରପଞ୍ଚ ଏ ସମ୍ପର୍କରେ ସତ୍ୟବାଦୀ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ୨ ଅଭିଯୁକ୍ତଙ୍କୁ ଧରିବାରେ ସକ୍ଷମ ହୋଇଥିଲା।

# ପାଣି ପାଇଁ ଡହଳବିକଳ ଲୋକେ

**ଅସ୍ତରଙ୍ଗ,୬।୪(ପ୍ରଦୀପ୍ତ ଦୀକ୍ଷିତ):**

କାହା ପାଇଁ ସରକାରଙ୍କ ବସୁଧା ଯୋଜନା? ଟାଙ୍କି ଅଛି ହେଲେ ପାଣି ନାହିଁ, ଡହଳବିକଳ ଲୋକେ। ଲୋକଙ୍କୁ ଜଳକଷ୍ଟରୁ ମୁକ୍ତି ଦେବାକୁ ସରକାରଙ୍କ ଅନେକ ଯୋଜନା ଥାଇ ବି ନ ଥିଲା ଭଳି। କେଉଁଠି ବସୁଧା ଯୋଜନାରେ ବସିଥିବା ପାଣିଟାଙ୍କି ମାସ ମାସ ଧରି ଅଚଳହୋଇ ପଡ଼ିଛି ତ ଆଉ କେଉଁଠି ପାଣି ପାଇଁ ଲୋକଙ୍କୁ ମାଇଲ ମାଇଲ ଦୂର ଯିବାକୁ ପଡୁଛି। ଖରା ଆରମ୍ଭରୁ ଜଳଯନ୍ତ୍ରଣା ଭୋଗୁଛନ୍ତି ଲୋକେ। ହେଲେ ଏଥିପ୍ରତି ବିଭାଗ, ପ୍ରଶାସନ କାହାରି ନଜର ପଡୁନାହିଁ। ଅସ୍ତରଙ୍ଗ ବ୍ଲକର ଶିଶୁଆ, ଛୁରିଆନା, କୋରଣା, ଖାଡ଼ଲିଙ୍ଗ, ପାଟସୁନ୍ଦରପୁର, ନୂଆଗଡ଼, ନଗର ଗ୍ରାମଗୁଡ଼ିକରେ ବର୍ଷତମାମ୍ ଜଳକଷ୍ଟ ସହିବାକୁ ପଡୁଥିବାବେଳେ ଗ୍ରୀଷ୍ମ ଆରମ୍ଭରୁ ଜଳକଷ୍ଟ ଆହୁରି ବଢ଼ିଯାଇଛି। ଅନେକ ସ୍ଥାନରେ ଓଭରହେଡ୍ ପାଣିଟାଙ୍କି ନିର୍ମାଣ ହୋଇଥିଲେ ମଧ୍ୟ ତାହା ବର୍ଷ ବର୍ଷ ଧରି ଅଚଳହୋଇ ପଡ଼ିଛି। କୋରଣା ପଞ୍ଚାୟତ ଛେଳିଗୁହାଳି ନିକଟରେ ଥିବା ପାଣିଟାଙ୍କି ଅଚଳ ହୋଇ ତାହା ମଧ୍ୟରେ ଅନାବନା ଗଛ ପରିପୂର୍ଣ୍ଣ ହୋଇଯାଇଥିବାବେଳେ ଉକ୍ତ ପାଣିଟାଙ୍କି ଗେଟ୍‌ରେ ତାଲା ଝୁଲୁଛି। ୧ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ଏହି ପାଣିଟାଙ୍କି ସହ ଗାଁ ମୁଖ୍ୟରାସ୍ତାର ଏକାଧିକ ସ୍ଥାନରେ ଟ୍ୟାପ୍ ସଂଯୋଗ କରାଯାଇଛି। ତାହା କିଛିଦିନ ଚାଲିବା ପରେ ଅଚଳ ହୋଇପଡ଼ିଛି। ଫଳରେ ଗ୍ରାମବାସୀ ମାଇଲ ମାଇଲ ଦୂରରୁ କୂଅ କିମ୍ବା ଗ୍ରାମର ନିର୍ଦ୍ଦିଷ୍ଟ ସ୍ଥାନରୁ ପାଣି ଆଣୁଛନ୍ତି। ପାଣି ସମସ୍ୟା ନେଇ ବିଭାଗୀୟ ଯନ୍ତ୍ରୀଙ୍କୁ ଜଣାଇବା ସହ ଅନେକ ପଞ୍ଚାୟତବାସୀ ସ୍ଥାନୀୟ ନେତା, ପ୍ରଶାସନିକ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଗ୍ରୀଷ୍ମଦିନରେ ଟ୍ୟାଙ୍କର ମାଧ୍ୟମରେ ପାନୀୟଜଳ ଯୋଗାଇବା ଦାବି କରିବା ସହ ତୁରନ୍ତ ପାନୀୟ ଜଳ ସମସ୍ୟା ଦୂର ନ ହେଲେ ଆଗାମୀ ନିର୍ବାଚନରେ ଭୋଟ ବର୍ଜନ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।



ଅଚଳ ହୋଇ ପଡିଥିବା ପାଣିଟାଙ୍କି ।

# ସାକ୍ଷୀଗୋପାଳ କଲେଜରେ ମେଲାଣି ମିଳନ ଉତ୍ସବ



ଯୁକ୍ତ ୩ ତୃତୀୟ ବର୍ଷର ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ।

**ସାକ୍ଷୀଗୋପାଳ,୬।୪(ଭରତ ରାଉତ):**

ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ଯୁକ୍ତ ୩ ତୃତୀୟ ବର୍ଷର ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଶନିବାର ପାଳିତ ହୋଇଯାଇଛି। ସର୍ବପ୍ରଥମେ ଅତିଥିଙ୍କ ଦ୍ୱାରା ଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ଓ ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ, ଧୂପଦୀପ ପ୍ରଦାନ ପରେ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ସତ୍ୟଶିବସୁନ୍ଦର ମିଶ୍ର ଏଥିରେ ସଭାପତିତ୍ୱ କରି ବିଦାୟ ନେଉଥିବା ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ବିଭାଗ ମୁଖ୍ୟ ଡ. ଶଙ୍କର୍ଷଣ ପ୍ରଧାନ ଛାତ୍ରୀଛାତ୍ରଙ୍କୁ ଉତ୍ତମ ମଣିଷ ହେବାକୁ ପରାମର୍ଶ ଦେବା ସହିତ ଉଚ୍ଚତର ଅଧ୍ୟୟନ ପାଇଁ ମତବ୍ୟକ୍ତ କରିଥିଲେ। ନବନିର୍ମିତ ଓଡ଼ିଆ ବିଶ୍ୱବିଦ୍ୟାଳୟ ସତ୍ୟବାଦୀର ପ୍ରାଧ୍ୟାପକ ଡ. ପ୍ରଦ୍ୟୁମ୍ନ ମିଶ୍ର ତାଙ୍କ ଅଭିଭାଷଣରେ ଶୈକ୍ଷିକ ବାତାବରଣ ସହିତ ପରୀକ୍ଷା ମୂଲ୍ୟାୟନ ଉପରେ ଗୁରୁତ୍ୱ ଦେଇ ପିଲାଙ୍କୁ ବୁଝାଇଥିଲେ। ଅନ୍ୟତମ ସେହି ବିଶ୍ୱବିଦ୍ୟାଳୟର ଅଧ୍ୟାପିକା ଡ. ଶର୍ମିଷ୍ଠା ମହାପାତ୍ର ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଗବେଷଣା ଉପରେ ପ୍ରାଧାନ୍ୟ ଦେବାକୁ କହିଥିଲେ। ବିଭାଗର ଅନ୍ୟତମ ଅଧ୍ୟାପିକା ପ୍ରତିମା ସାହୁ ଛାତ୍ରୀଛାତ୍ରଙ୍କ ମଙ୍ଗଳ କାମନା କରିଥିଲେ। ପ୍ରଥମ ଓ ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ର ନିରଞ୍ଜନ ନାୟକ, ସମୀର ପ୍ରଧାନ, ସୋମନାଥ ଦାସ, ଦେବାଶିଷ ନାୟକ ପ୍ରମୁଖ ଭାଷଣ ଦେଇଥିଲେ। ତୃତୀୟ ବର୍ଷର ଛାତ୍ରୀ ମୋନାଲିସା ମହାପାତ୍ର ନିଜର କବିତା ମାଧ୍ୟମରେ ବକ୍ତବ୍ୟ ଉପସ୍ଥାପନା କରିଥିଲେ। ସମଗ୍ର ସଭାକୁ ବିଭାଗ ମୁଖ୍ୟ ଡ. ପ୍ରଧାନ ପରିଚାଳନା କରିବା ସହ ଅଧ୍ୟାପିକା ସବିତା ମଲ୍ଲିକ ଧନ୍ୟବାଦ ଦେଇଥିଲେ। ବିଭାଗର ଛାତ୍ରୀଛାତ୍ର ମଧୁସ୍ମିତା, ବିଶ୍ୱଜିତ୍, ବିଦ୍ୟୁସ୍ମିତା ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ପ୍ରଧାନ ଶିକ୍ଷୟିତ୍ରୀଙ୍କ ଅବସର ସମ୍ବର୍ଦ୍ଧନା ସଭା

**ସାକ୍ଷୀଗୋପାଳ,୬।୪(ଭରତ ରାଉତ):**

ସତ୍ୟବାଦୀ ବ୍ଲକ ଅଧୀନ ଷୋଳହଳ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଊର୍ମିଳା ଦେଈଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଶନିବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଶିକ୍ଷକ ଗୋପୀନାଥ ରଥ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ସତ୍ୟବାଦୀ ମଣ୍ଡଳ ସହ ଶିକ୍ଷା ଅଧିକାରିଣୀ କୁମୁଦିନୀ ମିଶ୍ର, ଅତିଥି ଭାବେ ପ୍ରାକ୍ତନ ଶିକ୍ଷକ ରମାକାନ୍ତ ଶତପଥୀ, ସିଆର୍‌ସିସି ଅଜୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ଊର୍ମିଳାଙ୍କ ଛାତ୍ରୀଛାତ୍ରଙ୍କ ପ୍ରତି ଯେଉଁ ସ୍ନେହଶ୍ରଦ୍ଧା ରହିଥିଲା ତାହା ଅବର୍ଣ୍ଣନୀୟ। ଦେଈ କ୍ରୀଡ଼ା ତଥା ଆଧ୍ୟାତ୍ମିକ ମାର୍ଗଦର୍ଶକ ଥିଲେ ବୋଲି ବକ୍ତାମାନେ ତାଙ୍କ ବକ୍ତବ୍ୟରେ କହିଥିଲେ। ଶିକ୍ଷକ ସୁମନ୍ତ ପାଲ, କୁନ୍ମିମଣି ଦେଈ, ସରୋଜ ବେହେରା, ପାର୍ଥସାରଥି ଦାଶ, ସନ୍ତୋଷ ସାହୁ, ପ୍ରସନ୍ନ ସ୍ୱାଇଁ, ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟା ସଦସ୍ୟ, ଗ୍ରାମବାସୀ, ବୁଦ୍ଧିଜୀବୀ, ଶୁଭେଚ୍ଛୁ ପ୍ରମୁଖଙ୍କ ଉପସ୍ଥିତିରେ ପ୍ରଧାନ ଶିକ୍ଷୟିତ୍ରୀ ଦେଈଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ବାଳିହୁଡ଼ା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଲକ୍ଷ୍ମଣ ବେହେରା ଉତ୍ସବ ପରିଚାଳନା କରିଥିଲେ।

# ଭାଜପାର ପ୍ରତିଷ୍ଠା ଦିବସରେ ମିଶ୍ରଣ ପର୍ବ

**ଡେଲାଙ୍ଗ,୬।୪(ରଶ୍ମିରଞ୍ଜନ ପ୍ରଧାନ):**

ଭାଜପାର ୪୫ତମ ପ୍ରତିଷ୍ଠା ଦିବସ ଡେଲାଙ୍ଗ ବ୍ଲକ କଲ୍ୟାଣପୁର ଗ୍ରାମପଞ୍ଚାୟତର ତୋଟାସାହିସ୍ଥିତ ଯୋଗମାୟା ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭାଜପା ଜିଲା ସଭାପତି ଆଶ୍ରିତ ପଟ୍ଟନାୟକ, ନାରୀନେତ୍ରୀ ତଥା ପ୍ରାକ୍ତନ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷା ସୁଶ୍ରୀ ସନ୍ଧ୍ୟାବତୀ ପ୍ରଧାନ, ପ୍ରାକ୍ତନ ଡେଲାଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁଷମା ସେଠୀ, ମଣ୍ଡଳ ସଭାପତି ସୁଧାଂଶୁ ଶେଖର ପରିଡ଼ା, ଲଡୁକିଶୋର ରାୟ, ଶ୍ୱେତକୁମାର ନାୟକ, ପ୍ରଦୀପ ପାତ୍ର ପ୍ରମୁଖ ଯୋଗଦେଇ ଜନସଙ୍ଘ ଦଳ ଆରମ୍ଭ ଓ ପରେ ଏହା ଭାଜପା ଭାବେ ନାମକରଣ, କିପରି ଓ କେଉଁଭଳି ଭାବେ ପ୍ରତିଷ୍ଠା କରାଯାଇଥିବା ନେଇ ଅତିଥିମାନେ ମତବ୍ୟକ୍ତ କରିଥିଲେ। ନେତୃମଣ୍ଡଳୀ ଓ କର୍ମକର୍ତ୍ତା ବନ୍ଦେ ମା' ତରମ୍ ଗାନ, ଭାରତ ମାତା, ଡ. ଶ୍ୟାମାପ୍ରସାଦ ମୁଖାର୍ଜୀ, ଦୀନ୍‌ଦୟାଲ ଉପାଧ୍ୟାୟଙ୍କ ପଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରିଥିବାବେଳେ ନିର୍ବାଚନମଣ୍ଡଳୀ ସଂଯୋଜକ ଗଙ୍ଗାଧର ବରାଳ ମଞ୍ଚ ପରିଚାଳନା କରିଥିଲେ। କେନ୍ଦ୍ର ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟଗୁଡ଼ିକ ଜନସାଧାରଣଙ୍କ ନିକଟରେ କିପରି ପହଞ୍ଚିବ, ଗତ ୧୦ ବର୍ଷ ମଧ୍ୟରେ ଦେଶର ବିକାଶ କ୍ଷେତ୍ରରେ ପ୍ରଧାନମନ୍ତ୍ରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ବିଜେଡି ଛାଡ଼ି ଭାଜପାରେ ଯୋଗଦେଇଥିବା ସୁଶ୍ରୀ ପ୍ରଧାନ ଓ ସେଠୀ କେଉଁ ପରିସ୍ଥିତିରେ ଦଳ ଛାଡ଼ି ଭାଜପାରେ ଯୋଗଦେଇଥିଲେ ସେନେଇ ନିଜର ଅଭିଭାଷଣ ରଖିଥିଲେ। ଏହି ଅବସରରେ ତୋଟାସାହିର ୧୮ରୁ ଊର୍ଦ୍ଧ୍ୱ କର୍ମୀ ଭାଜପାରେ ସାମିଲ ହୋଇଥିଲେ।




ଭାଜପାର ୪୫ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି ।

# ପ୍ରତିଷ୍ଠା ଦିବସରେ ପ୍ରଭାତୀଙ୍କ ଶୋଭାଯାତ୍ରା

**ନିମାପଡ଼ା,୬।୪(ରଞ୍ଜନ ପଟ୍ଟନାୟକ):**

୨୦୨୪ ନିର୍ବାଚନକୁ ଦୃଷ୍ଟିରେ ରଖି ଭାଜପା ନିମାପଡ଼ା ବିଧାନସଭା ଆସନ ନିମନ୍ତେ ପ୍ରଭାତୀ ପରିଡ଼ାଙ୍କୁ ପ୍ରାର୍ଥୀ ଘୋଷଣା କରିସାରିଛି। ପ୍ରାର୍ଥୀ ଘୋଷଣା ପରେ ନିମାପଡ଼ାରେ ଭାଜପା ଶିବିର ଚଳଚଞ୍ଚଳ ହୋଇଉଠିଛି। ଶନିବାର ଅପରାହ୍ନରେ ଭାଜପାର ୪୫ତମ ପ୍ରତିଷ୍ଠା ଦିବସ ଅବସରରେ ଏଠାରେ ନିର୍ବାଚନୀ ବିଗୁଲ ବଜାଇଛି ଭାଜପା। ଦଳ ପକ୍ଷରୁ ପ୍ରତିଷ୍ଠା ଦିବସ ଅବସରରେ ପରିଡ଼ାଙ୍କ ନେତୃତ୍ୱରେ ଆୟୋଜିତ ଏକ ବିରାଟ ପଟୁଆର ନୂଆ ବସ୍‌ଷ୍ଟାଣ୍ଡରୁ ଆରମ୍ଭ ହୋଇ ଦୁର୍ଗାମଣ୍ଡପ ନିକଟରେ ଶେଷ ହୋଇଥିଲା। ହଜାର ହଜାର କର୍ମୀ ଶୋଭାଯାତ୍ରାରେ ସାମିଲ ହୋଇ ନଗର ପରିକ୍ରମା କରିଥିଲେ। ଶୋଭାଯାତ୍ରା ଦୁର୍ଗାମଣ୍ଡପ ପଡ଼ିଆରେ ପହଞ୍ଚିବା ପରେ ସେଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥର ନିର୍ବାଚନରେ ବିରୋଧୀଙ୍କୁ ହରାଇ ଭାଜପାକୁ ବିଜୟୀ କରାଇବାକୁ କର୍ମୀଙ୍କୁ ଉପସ୍ଥିତ ନେତୃତ୍ୱ ପରାମର୍ଶ ଦେଇଥିଲେ। ଏକତ୍ରିତ ହୋଇ କାର୍ଯ୍ୟକଲେ ଭାଜପା ଜଗତ୍‌ସିଂହପୁର ଏମ୍‌ପି ଏବଂ ନିମାପଡ଼ା ବିଧାନସଭା ଆସନ ନିଶ୍ଚୟ ବିଜୟଲାଭ କରିବ ବୋଲି ପରିଡ଼ା ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଭାଜପାର ଏହି କାର୍ଯ୍ୟକ୍ରମ ବିରୋଧୀଙ୍କ ପାଇଁ ସତର୍କ ଘଣ୍ଟି ବୋଲି ସଚେତନ ଭୋଟର ଆଲୋଚନା କରୁଛନ୍ତି। ଜଗତ୍‌ସିଂହପୁର ଲୋକ ସଭା ସଦସ୍ୟ ବିଭୁ ପ୍ରସାଦ ତରାଇ, ଜିଲା ପରିଷଦ ପ୍ରମୋଦ ରାୟ, ପୂର୍ବତନ ଜିଲା ପରିଷଦ ପୂର୍ଣ୍ଣଚନ୍ଦ୍ର ଓଝା, ପୁରୀ ଜିଲା ମହିଳା ମୋର୍ଚ୍ଚା ଉପସଭାନେତ୍ରୀ ମୀନଲତା ମହାନ୍ତି, ପୂର୍ବତନ ସରପଞ୍ଚ ସୁଶାନ୍ତ ସ୍ୱାଇଁ, ସରପଞ୍ଚ ଦେବାଶିଷ ଆଚାର୍ଯ୍ୟ, ଇନ୍ଦ୍ରମଣି ସାହୁ, ପ୍ରଭାତ ବିଶ୍ୱାଳ, ସରପଞ୍ଚ ଅଜୟ ପରିଡ଼ା, କାଉନ୍‌ସିଲର ନିରଞ୍ଜନ ନାୟକ, ଝିଲିଲତା ଦାସ, ଅଶୋକ ଦାଶ, ବିଜୟ ପଣ୍ଡା ପ୍ରମୁଖ ସାମିଲ ଥିଲେ।



ଭାଜପା ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ ସାଧାରଣ ସଭାରେ ଉପସ୍ଥିତ ଅତିଥିବୃନ୍ଦ।

# ୧୨ ବର୍ଷ ହେଲା ଅଙ୍ଗନୱାଡ଼ିରେ ପଡ଼ିଛି ତାଲା

**ଯୋଗେଶ୍ୱରପୁର,୬।୪(ରଶ୍ମିରଞ୍ଜନ ସାହୁ):**

ନୟାହାଟ ଫାଣ୍ଡି ଅଧୀନ ଜଗଲବରୀ ପଞ୍ଚାୟତର ନୂଆପାଟଣା ପ୍ରାଥମିକ ବିଦ୍ୟାଳୟ ଭିତରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ରରେ ଦୀର୍ଘ ୧୨ ବର୍ଷ ହେଲା ତାଲା ପଡ଼ିଛି। ଉକ୍ତ ଗ୍ରାମର ପିଲାମାନେ ଭୁରଭୁରା ଗ୍ରାମକୁ ୧ କି.ମି. ଦୂର ଚାଲି ଚାଲି ପାଠ ପଢ଼ିବାକୁ ଯାଇଥାନ୍ତି। ସରକାରୀ କାଗଜକଲମରେ ଉକ୍ତ ଗ୍ରାମରେ ଅଙ୍ଗନୱାଡି କେନ୍ଦ୍ର ନ ଥିବାବେଳେ ଏଠାରେ ତାହା କିପରି ନିର୍ମାଣ ହେଲା, ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରତି ଗ୍ରାମରେ ଅଙ୍ଗନୱାଡ଼ି ଘର ସହିତ ଅଙ୍ଗନୱାଡ଼ି ଶିକ୍ଷକ ପାଠିକା ଥିବାବେଳେ ନୂଆପାଟଣାଠାରେ ଅଙ୍ଗନୱାଡ଼ି କେନ୍ଦ୍ର ବନ୍ଦ ହେବାର କେତେକ ଖବରକାଗଜରେ ପ୍ରକାଶ ପାଇଥିଲା। ଖବର ପ୍ରକାଶ ପରେ ପୁରୀ ଜିଲାପାଳ ଅଫିସ୍‌ରୁ ୨ କର୍ମଚାରୀ ଆସି ଏହାର ଅନୁଧ୍ୟାନ କରିଥିଲେ। ଏ ବାବଦରେ ସରକାରଙ୍କୁ ଜଣାଇବା ପରେ ଶିକ୍ଷକ ନିଯୁକ୍ତ କରାଯିବ ବୋଲି ସେମାନେ କହିଥିଲେ। ଏହାକୁ ବର୍ଷେ ପୂରିଥିଲେ ମଧ୍ୟ ଅଦ୍ୟାବଧି ଶିକ୍ଷକ ନିଯୁକ୍ତ ହୋଇନାହାନ୍ତି। ଏନେଇ ବିଡିଓ ଛବିରାଣୀ ସାହୁଙ୍କୁ ପଚାରିବାରେ, ସେ ଏ ବାବଦରେ ଜାଣିନାହାନ୍ତି। ସିଡିପିଓଙ୍କୁ ପଚାରି ଜଣାଇବେ ବୋଲି କହିଥିଲେ। ଯଦି ଆଗାମୀ ଦିନରେ ଶିକ୍ଷକ ନିଯୁକ୍ତ ନ ହୁଅନ୍ତି, ତେବେ ଗୋପ ବ୍ଲକ ଆଗରେ ଧାରଣା ଦେବେ ବୋଲି ଗ୍ରାମବାସୀ କାର୍ତ୍ତିକ ବେହେରା, କାଶୀନାଥ ନାୟକ, କାହ୍ନୁଚରଣ ସାହୁ, ପଦିଆ ସାହୁ ପ୍ରମୁଖ ଚେତାବନୀ ଦେଇଛନ୍ତି।



ଅଙ୍ଗନୱାଡି କେନ୍ଦ୍ର ।

# ପିଢ଼ପାଟଣା ବିଦ୍ୟାଳୟର ବାର୍ଷିକୋତ୍ସବ

**ଡେଲାଙ୍ଗ,୬।୪(ରଶ୍ମିରଞ୍ଜନ ପ୍ରଧାନ):**

ଡେଲାଙ୍ଗ ବ୍ଲକର ପିଢ଼ପାଟଣା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ପୂର୍ବତନ ବ୍ଲକ ଶିକ୍ଷାଧିକାରୀ ଯୁଧିଷ୍ଠିର ପରିଡ଼ା ଏଥିରେ ଅଧ୍ୟକ୍ଷତା କରିଥିଲେ। ସମାବେଶରେ ଏବିଇଓ ସୁଶମା ଦାଶ, ପ୍ରଧାନ ଶିକ୍ଷକ ଦିଗମ୍ବର ରଥ, ଶିକ୍ଷାବିତ୍ ବିଭୂତି ଭୂଷଣ ହୋତା, ନିରଞ୍ଜନ ସାହୁ, ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ପ୍ରଶାନ୍ତ ଦାଶ, ଶିକ୍ଷକ ସନ୍ତୋଷ ମିଶ୍ର, ବରିଷ୍ଠ ଶିକ୍ଷକ ଗୋପାଳଚନ୍ଦ୍ର ମହାପାତ୍ର, ସାମାଜିକ କର୍ମୀ ଲକ୍ଷ୍ମୀନାରାୟଣ ପାଠୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରତ୍ନାକର ପରିଡ଼ା, ସୁରମା ଜେନା, ସୁଲୋଚନା ଜେନା ପ୍ରମୁଖ ଶିଶୁଙ୍କ ନୈତିକ ଶିକ୍ଷା ଓ ଅଭିଭାବକଙ୍କ ଗୁରୁଦାୟିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ଚଳିତବର୍ଷ ବିଦ୍ୟାଳୟ ପକ୍ଷରୁ ବିଦାୟୀ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ଦେବୀଙ୍କୁ ଉତ୍ତମ ଶିକ୍ଷାଦାନ କରିବା ନେଇ ଶିକ୍ଷକ ଗୌରବ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସିଆର୍‌ସିସି ଦୁର୍ଯ୍ୟୋଧନ ପ୍ରଧାନ ସଭା ସଂଯୋଜନା କରିଥିବାବେଳେ ଶିକ୍ଷକ କାହ୍ନୁଚରଣ ସେଠୀ, ଅମରାବତୀ ତାଡ଼, କଳ୍ପନା ପ୍ରଧାନ, ଗ୍ରାମବାସୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଗଣେଶ୍ୱର ପରିଡ଼ା, କାଳୁଚରଣ ଦାସ, ରଶ୍ମିରଞ୍ଜନ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**ଜ୍ୟୋତିର୍ମୟୀଙ୍କୁ ଶିକ୍ଷକ ଗୌରବ ସମ୍ମାନ**




ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ।

# ମହାବାରୁଣୀ ସ୍ନାନରେ ମହୋଦଧିର ପୁଣ୍ୟ ଲଭିଲେ ଭକ୍ତ

**ସାକ୍ଷୀଗୋପାଳ,୬।୪(ପ୍ରଶାନ୍ତ ବାରିକ୍/କିଶୋର ମହାପାତ୍ର/ଭରତ ରାଉତ):**

ସତ୍ୟବାଦୀର ପୁଣ୍ୟତୋୟା ଭାର୍ଗବୀ ନଦୀରେ ମହାବାରୁଣୀ ସ୍ନାନ ପାଇଁ ସତ୍ୟବାଦୀ ବ୍ଲକ ବଳପୁର ଭୃଗୁ ଘାଟରେ ସାଗରସ୍ନାନ ଯାତ୍ରା ପରମ୍ପରାକ୍ରମେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଚୈତ୍ର କୃଷ୍ଣପକ୍ଷ ତ୍ରୟୋଦଶୀ ଶତଭିଷା ନକ୍ଷତ୍ର ତିଥିରେ ଭାର୍ଗବୀରେ ମହାବାରୁଣୀ ଯୋଗରେ ବୁଡ଼ ପକାଇଲେ ମହୋଦଧି ସ୍ନାନର ପୁଣ୍ୟ ମିଳିଥାଏ। ଏଥିପାଇଁ ରାଜ୍ୟର ବିଭିନ୍ନ ପ୍ରାନ୍ତ ତଥା ନିକଟବର୍ତ୍ତୀ ଅଞ୍ଚଳରୁ ଏଠାରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହେଇଥିଲା। କଥିତ ରହିଛି, ବନବାସ ସମୟରେ ପ୍ରଭୁ ଶ୍ରୀରାମଚନ୍ଦ୍ର ଏଠାରେ ରାତ୍ରିଯାପନ କରିଥିଲେ। ସେ ଏହି ଭାର୍ଗବୀ ନଦୀରେ ସ୍ନାନ କରିବା ପରେ ଆଞ୍ଜୁଳାଏ ବାଲିରେ ଶିବଲିଙ୍ଗ ପ୍ରତିଷ୍ଠା କରି ଦେବଦେବ ମହାଦେବଙ୍କୁ ପୂଜା କରିଥିଲେ। ସେହି ବାଲୁକା ଏବେ ବାଲୁଙ୍କେଶ୍ୱର ଠାକୁର ନାମରେ ପୂଜା ପାଉଛନ୍ତି। ଶନିବାର ସକାଳେ ସାନଭାଇ ବଳପୁର ଗ୍ରାମର ବାଲୁଙ୍କେଶ୍ୱର ବଡ଼ଭାଇ ବରାଳର ବାଲୁଙ୍କେଶ୍ୱରଙ୍କୁ ସାଗରସ୍ନାନ ଯାତ୍ରାକୁ ନିମନ୍ତ୍ରଣ କରିବାକୁ ବରାଳ ମନ୍ଦିରରେ ପହଞ୍ଚିବା ପରେ ୨ ଭାଇଙ୍କୁ ମୁକ୍ତିମଣ୍ଡପ ଭୋଗ କରାଯାଇଥିଲା। ସେଠାରୁ ୨ ଭାଇ ବୀରକାହାଳି, ମହୁରି, ବାଜା, ଘଣ୍ଟମର୍ଦ୍ଦଳ, ସଂକୀର୍ତ୍ତନ ଏବଂ ହରିବୋଲ, ହୁଳହୁଳି ଧ୍ୱନି ସହ ସୁସଜ୍ଜିତ ବିମାନରେ ଭୃଗୁଘାଟକୁ ପଟୁଆରରେ ବିଜେ କରିଥିଲେ। ସେଠାରେ ଚାରିଘରିଆ ସେବାୟତ ନଦୀରୁ ଜଳ ସଂଗ୍ରହ କରି ଅଭିମନ୍ତ୍ରିତ ଜଳରେ ଠାକୁରଙ୍କ ବାରୁଣୀ ସ୍ନାନ ନୀତି ସମାପନ କରିବା ପରେ ପ୍ରତୀକ୍ଷାରତ ହଜାର ହଜାର ମାନସିକଧାରୀ ଶ୍ରଦ୍ଧାଳୁ ନଦୀରେ ବୁଡ଼ ପକାଇଥିଲେ। ବିଭିନ୍ନ ଗ୍ରାମ କୋଠ ଏବଂ ଦଳ ଦଳ ହୋଇ ନଦୀକୂଳରେ ଭୋଗ ପ୍ରସ୍ତୁତ କରି ଠାକୁରଙ୍କୁ ନୈବେଦ୍ୟ ପ୍ରଦାନ କରିବା ପରେ ନଦୀଘାଟରେ ପ୍ରସାଦ ସେବନ କରିଥିଲେ। ସେହିପରି ନଦୀର ଅପରପାର୍ଶ୍ୱ ସୁଆଣ୍ଡୋ ଘାଟରେ ଲୋକନାଥ ଦେବ ଓ ବିଦ୍ୟାଧରପୁରର ଭାବ କୁଣ୍ଡଳେଶ୍ୱର ଦେବ ବିରାଜମାନ କରିଥିଲେ। ନଦୀକୂଳରେ ଏକ ଅସ୍ଥାୟୀ ଗ୍ରାମୀଣ ବଜାରରୁ ଲୋକେ ବିଭିନ୍ନ ଘରକରଣା ସାମଗ୍ରୀ କିଣିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ଉପଭୋଗ କରିଥିଲେ। ବଳପୁର ବାଲୁଙ୍କେଶ୍ୱର ଦେବଙ୍କ ଟ୍ରଷ୍ଟି ନିରଞ୍ଜନ ମହାପାତ୍ର, ବରାଳ ବାଲୁଙ୍କେଶ୍ୱର ଦେବ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ରାଜବଲ୍ଲଭ ମିଶ୍ର, ମାଜିଷ୍ଟ୍ରେଟ୍ ଭାବେ ସତ୍ୟବାଦୀ ତହସିଲଦାର ଆଲୋକ ଦେହୁରୀ ଓ ଅତିରିକ୍ତ ତହସିଲଦାର ରାଜେଶ ପ୍ରିୟଦର୍ଶିନୀ, ବିଡିଓ ଲିପ୍ସା ରାୟ, ଏସ୍‌ଡିପିଓ ବିରଞ୍ଚି ନାରାୟଣ ପତି ଦାୟିତ୍ୱ ନିର୍ବାହ କରିଥିଲେ। ସତ୍ୟବାଦୀ ଥାନା ଆଇଆଇସି ଉମେଶ ଚନ୍ଦ୍ର ସାହୁ ଓ ସବ୍‌ଇନ୍ସପେକ୍ଟର ଦୀପ୍ତିରଞ୍ଜନ ସାହୁ ପୋଲିସ ଫୋର୍ସ ସହ ଭିଡ଼ ନିୟନ୍ତ୍ରଣ ଓ ଶାନ୍ତିଶୃଙ୍ଖଳାରେ ମେଳା ପରିଚାଳନା କରିଥିଲେ। ସାକ୍ଷୀଗୋପାଳ ଦମକଳ କେନ୍ଦ୍ର ଅଧିକାରୀ ମନୋଜ ପାତ୍ର ନିଜ କର୍ମଚାରୀଙ୍କ ସହ ଉପସ୍ଥିତ ରହି ଭକ୍ତଙ୍କ ସୁରକ୍ଷିତ ସ୍ନାନ ପ୍ରତି ନଜର ରଖିଥିଲେ। ଏହାସହିତ ପାନୀୟଜଳ, ସ୍ୱାସ୍ଥ୍ୟ ଶିବିର ଆଦି ଆୟୋଜନ କରାଯାଇଥିଲା।



ସତ୍ୟବାଦୀର ପୁଣ୍ୟତୋୟା ଭାର୍ଗବୀ ନଦୀରେ ମହାବାରୁଣୀ ସ୍ନାନ ପାଇଁ ସତ୍ୟବାଦୀ ବ୍ଲକ ବଳପୁର ଭୃଗୁ ଘାଟରେ ଶ୍ରଦ୍ଧାଳୁ ବୁଡ଼ ପକାଉଛନ୍ତି ।

**ସଂକ୍ଷେପରେ**

## ୨.୮ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ସାଲେପୁର,୬।୪ (ଅରବିନ୍ଦ ଭୂୟାଁ)



ସାଲେପୁର-କେନ୍ଦ୍ରାପଡ଼ା ରାସ୍ତାର ସାଲେପୁର ଡାକଘର ନିକଟ ଏକ ଦୋକାନରେ ପୋଲିସ ଚଢ଼ାଉ କରି ୨.୮ କେଜି ଗଞ୍ଜେଇ ଜବତ କରିଛି। ଏହି ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ସାଲେପୁର ଥାନା ଅନ୍ତର୍ଗତ ଲୁଣାହାର ଗ୍ରାମର ସଦାନନ୍ଦ ବେହେରାଙ୍କ ପୁତ୍ର ପ୍ରଶାନ୍ତ ବେହେରା ଓରଫ ଗୋଲାପ। ଏନେଇ ସାଲେପୁର ଥାନାରେ ମାମଲା (ନଂ. ୧୬୧/୨୪) ରୁଜୁ କରାଯାଇଛି ବୋଲି ଆଇଆଇସି.ମନୋଜ କୁମାର ସ୍ୱାଇଁ ପ୍ରକାଶ କରିଛନ୍ତି।

## ଶିଳାଶ୍ରୀ ସାହିତ୍ୟ ପତ୍ରିକାର ବିଷୁବ ସଂଖ୍ୟା ଲୋକାର୍ପିତ

### ୨ଜଣଙ୍କୁ 'ଶିଳାଶ୍ରୀ ଯୁଗ୍ମ ସାହିତ୍ୟ ସମ୍ମାନ', ୮ଜଣଙ୍କୁ 'ଶିଳାଶ୍ରୀ ବିଷୁବ ସମ୍ମାନ'

ଭୁବନେଶ୍ୱର,୬।୪(ଶର୍ମିଷ୍ଠା ପାଣିଗ୍ରାହୀ)

ଶିଳାଶ୍ରୀ ସାହିତ୍ୟ ପତ୍ରିକାର ବିଷୁବ ସଂଖ୍ୟା ଶନିବାର ଲୋକାର୍ପିତ ହୋଇଯାଇଛି। ବୁଦ୍ଧ ମନ୍ଦିରଠାରେ ଆୟୋଜିତ ଉତ୍ସବରେ ସୁଲେଖ ଆଶାଲତା ଦାଶ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ପଣ୍ଡିତ ହରେକୃଷ୍ଣ ଶତପଥୀ, ମୁଖ୍ୟବକ୍ତା ଭାବେ ଡ.ଅଭୟ ନାୟକ, ସମ୍ମାନିତ ଅତିଥି ଭାବେ ଡ.ସୋମା ଚାନ୍ଦ ଓ ସମ୍ପାଦିକା ବାସନ୍ତୀ ଦାସ ଯୋଗଦେଇଥିଲେ। ଏହି ଅବସରରେ ଶିଳାଶ୍ରୀ ପ୍ରକାଶନୀ ପକ୍ଷରୁ ପ୍ରକାଶିତ ବାସନ୍ତୀ ଦାସଙ୍କ ଭଜନ ବହି 'ତୁଳସୀ ଦୟଣା ବାସେ' ଓ ସଂଯୁକ୍ତା ସ୍ୱାଇଁଙ୍କ କବିତା ବହି 'ସଂଯୁକ୍ତା ସୁରଭି' ଲୋକାର୍ପିତ ହୋଇଥିଲା। ପରେ ଅମୂଲ୍ୟ କୁମାର ଦାଶ ଓ ଡ. ଉର୍ମିମାଳା ଆଚାର୍ଯ୍ୟଙ୍କୁ 'ଶିଳାଶ୍ରୀ ଯୁଗ୍ମ ସାହିତ୍ୟ ସମ୍ମାନ' ଦିଆଯାଇଥିଲା। ସେହିଭଳି ଗୋପାଳ ଚନ୍ଦ୍ର ମିଶ୍ର, ରଜନୀକାନ୍ତ ପଟ୍ଟନାୟକ, ଅଲେଖ ନନ୍ଦୀ, ଧନଞ୍ଜୟ ବେଉରା, ହିମାଦ୍ରୀ ବିହାରୀ ରାଉତରାୟ, ରଞ୍ଜିତା ତ୍ରିପାଠୀ, ଗୀତାଞ୍ଜଳି ମହାପାତ୍ର ଓ ଡ. ରଶ୍ମି କରଙ୍କୁ 'ଶିଳାଶ୍ରୀ ବିଷୁବ ସମ୍ମାନ' ପ୍ରଦାନ କରାଯାଇଥିଲା। ବାସନ୍ତୀ ଦାସ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିବାବେଳେ ସଭା ପରିଚାଳନା କରିଥିଲେ ଡ.ନିବେଦିତା ମହାନ୍ତି। ଧନ୍ୟବାଦ ପ୍ରଦାନ କରିଥିଲେ ସୁଶାନ୍ତ କୁମାର ସ୍ୱାଇଁ। ସଭା ପରେ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମଞ୍ଜୁଳା ତ୍ରିପାଠୀ ସଭାପତିତ୍ୱ କରିଥିଲେ। ଅନିମା ପଟ୍ଟନାୟକ,ବିଶ୍ୱମିତ୍ରା ମିଶ୍ର ଓ ପ୍ରଜ୍ଞା ମହାନ୍ତି ସଂଯୋଜନା କରିଥିବାବେଳେ ୫୦ରୁ ଊର୍ଦ୍ଧ୍ୱ କବି ନିଜର କବିତା ପାଠ କରିଥିଲେ।

# ଦାବି ପୂରଣ ନ ହେଲେ ଆନ୍ଦୋଳନ

- ଟିପିସିଓଡିଏଲ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ
- ବିଦ୍ୟୁତ୍ ବିଭାଗ ମୁଖ୍ୟଙ୍କୁ ଭେଟିଲେ କଂଗ୍ରେସ କର୍ପୋରେଟର

କଟକ,୬।୪(ଶିଳ୍ପା ପ୍ରିୟଦର୍ଶିନୀ)




ବାଦାମବାଡିସ୍ଥିତ ଟିପିସିଓଡିଏଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।

ରାଜ୍ୟରେ ଅସହ୍ୟ ଗୁଳୁଗୁଳି ସାଙ୍ଗକୁ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଏଭଳି ସ୍ଥିତିରେ ବାରମ୍ବାର ବିଦ୍ୟୁତ୍ କାଟ୍ ହେଉଥିବାରୁ ଉପଭୋକ୍ତାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ କଟକ ମହାନଗର ନିଗମ(ସିଏମ୍‌ସି)ର କଂଗ୍ରେସ କର୍ପୋରେଟର ସନ୍ତୋଷ ଭୋଳଙ୍କ ନେତୃତ୍ୱରେ ବାଦାମବାଡିସ୍ଥିତ ଟିପିସିଓଡିଏଲ କାର୍ଯ୍ୟାଳୟ ସମ୍ମୁଖରେ ଶନିବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିସହ ଟିପିସିଓଡିଏଲ କାର୍ଯ୍ୟାଳୟରେ ବିଭାଗୀୟ ମୁଖ୍ୟ ମନୋଜ କୁମାର ଦାସଙ୍କୁ କର୍ପୋରେଟର ଓ କର୍ମୀମାନେ ଭେଟି ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହିତ ୯ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ସହରରେ ଅଘୋଷିତ ବିଦ୍ୟୁତ୍ କାଟ୍ ବନ୍ଦ କରିବା, ଜବରଦସ୍ତ ଲୋକଙ୍କ ଘରେ ପଶି ଚାଲାଣ କାଟ୍ ନ କରିବା, ସହରର ପ୍ରମୁଖ ସ୍ଥାନରେ ବିପଦସଙ୍କୁଳ ଅବସ୍ଥାରେ ଥିବା ଟ୍ରାନ୍ସଫର୍ମର ଚତୁଃପାର୍ଶ୍ୱରେ ବ୍ୟାରିକେଡ୍ କରିବା, ବିଦ୍ୟୁତ୍ ଦେୟ ବୃଦ୍ଧି ନ କରିବା ଭଳି ଅନ୍ୟାନ୍ୟ ଦାବି ଉପସ୍ଥାପନା କରାଯାଇଥିଲା। ଏହି ଦାବିଗୁଡିକ ତୁରନ୍ତ ପୂରଣ କରା ନ ଗଲେ ଆଗାମୀ ଦିନରେ କଂଗ୍ରେସ ପକ୍ଷରୁ ରାସ୍ତାରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

ଏନେଇ କର୍ପୋରେଟର ସନ୍ତୋଷ ଭୋଳ କହିଛନ୍ତି, ସାଧାରଣ ଲୋକଙ୍କୁ ବିଦ୍ୟୁତ୍ ବିଭାଗ ହଇରାଣ କରୁଛି। ଏପରି କି ଚାଲାଣ କାଟିବାରେ ପଛଘୁଞ୍ଚା ଦେଉନାହାନ୍ତି କର୍ମଚାରୀ। ଅଘୋଷିତ ବିଦ୍ୟୁତ୍ କାଟ୍ ଯୋଗୁ ଉପଭୋକ୍ତା କଲବଲ୍ ହେଉଛନ୍ତି। ଏ ନେଇ ଅଭିଯୋଗ କଲେ ପଦକ୍ଷେପ ନିଆଯାଉ ନାହିଁ। ଏଦିଗରେ ପଦକ୍ଷେପ ନିଆ ନ ଗଲେ ଆଗାମୀ ଦିନରେ ବିଦ୍ୟୁତ୍ ବିଭାଗ ଅଧିକାରୀ ଓ କର୍ମଚାରୀଙ୍କୁ ଦୃଢ଼ ବିରୋଧ କରାଯିବ। ଏ ସମ୍ପର୍କରେ ବାଦାମବାଡି ଟିପିସିଓଡିଏଲ ବିଭାଗୀୟ ମୁଖ୍ୟ ମନୋଜ କୁମାର ଦାସ କହିଛନ୍ତି, କଂଗ୍ରେସ ପକ୍ଷରୁ କରାଯାଇଥିବା ସମସ୍ତ ଅଭିଯୋଗକୁ ଦୃଷ୍ଟିରେ ରଖି ପଦକ୍ଷେପ ନିଆଯିବ। ଅନ୍ୟମାନଙ୍କ ମଧ୍ୟରେ କର୍ପୋରେଟର ଲିଜାରାଣୀ ରାଉତ, ଶୁଭାଶିଷ ପଟ୍ଟନାୟକ, ଜନାର୍ଦ୍ଦନ ପରିଡ଼ା, କଟକ ଜିଲା ମହିଳା କଂଗ୍ରେସ ସଭାପତି ଅମ୍ରିତା ଦାସ, ପିସିସି ସାଧାରଣ ସମ୍ପାଦକ ପ୍ରିୟଜିତ୍ ରାୟ, କଟକ ଜିଲା ଓବିସି ସେଲ୍ ସଭାପତି ଅଶୋକ ସ୍ୱାଇଁ, କଟକ ଜିଲା ଉପସଭାପତି ମନୋଜ ବିଶ୍ୱାଳ ଉପସ୍ଥିତ ଥିଲେ।



ସାଲେପୁର ପୋଲିସ ପକ୍ଷରୁ ସହରରେ ଫ୍ଲାଗ୍‌ମାର୍ଚ୍ଚ କରାଯାଉଛି।

## ସାଲେପୁର ପୋଲିସର ଫ୍ଲାଗ୍‌ମାର୍ଚ୍ଚ

ସାଲେପୁର,୬।୪ (ଅରବିନ୍ଦ ଭୂୟାଁ)

ସାଧାରଣ ନିର୍ବାଚନକୁ ଅବାଧ ଓ ନିରପେକ୍ଷ ଓ ନିର୍ବାଚନରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବା ଓ ଶାନ୍ତିଶୃଙ୍ଖଳା ରକ୍ଷା କରିବା ଉଦ୍ଦେଶ୍ୟରେ ସାଲେପୁର ପୋଲିସ ପକ୍ଷରୁ ସହରରେ ଫ୍ଲାଗ୍‌ମାର୍ଚ୍ଚ ଅନୁଷ୍ଠିତ ହୋଇଯାଇଛି। ସାଲେପୁର ଆଇଆଇସି ମନୋଜ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଓ ଏସ୍‌ଡିପିଓ ନିହାର ରଞ୍ଜନ ପ୍ରଧାନଙ୍କ ଉପସ୍ଥିତିରେ ସିଆଇଏସ୍‌ଏଫ୍‌ର ୨ପ୍ଲାଟୁନ୍ ଫୋର୍ସ ଓ ସାଲେପୁର ପୋଲିସର ମିଳିତ ଆନୁକୂଲ୍ୟରେ ସାଲେପୁର ବଜାର, ଜପକୁଦ ବଜାର, ମାଳ ଲେଖନପୁର ଓ ରାମେଶ୍ୱର ବଜାର ସମେତ ଅନ୍ୟାନ୍ୟ ସ୍ଥାନରେ ଫ୍ଲାଗ୍ ମାର୍ଚ୍ଚ କରାଯାଇଥିଲା।

## ସ୍ତ୍ରୀଙ୍କ ଚରିତ୍ରକୁ ଆକ୍ଷେପ କରିବାରୁ ଛୁରି ଭୁସିଥିଲେ କାଳିଆ

**ସୀମା ସୈଗଲ ହତ୍ୟା ଘଟଣାର ପର୍ଦ୍ଦାଫାଶ**

- ୪ ମାସ ପରେ ଅଭିଯୁକ୍ତ ଗିରଫ, ଛୁରି ଜବତ

ଭୁବନେଶ୍ୱର,୬।୪(ସୂର୍ଯ୍ୟକାନ୍ତ ବେହେରା):

ଇନ୍‌ଫୋସିଟି ଥାନା ଅନ୍ତର୍ଗତ ଶିଖରଚଣ୍ଡୀନଗର ଅଞ୍ଚଳରେ ଗତ ୪ ମାସ ତଳେ ଘଟିଥିବା ସୀମା ସୈଗଲ ହତ୍ୟା ମାମଲାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଏଥିସହ ଏହି ଘଟଣାର ପର୍ଦ୍ଦାଫାଶ କରିଛି। ଗିରଫ ଅଭିଯୁକ୍ତ ହେଲେ ଶିଖରଚଣ୍ଡୀନଗର ବସ୍ତିରେ ରହୁଥିବା ଗଞ୍ଜାମର କାଳିଆ ସ୍ୱାଇଁ। ତାଙ୍କୁ କୋର୍ଟ ଚାଲାଣ ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଡିସିପି ପ୍ରତୀକ ସିଂ ସୂଚନା ଦେଇଛନ୍ତି। ତେବେ ମୃତ ସୀମା ଅଭିଯୁକ୍ତଙ୍କ ସ୍ତ୍ରୀର ଚରିତ୍ରକୁ ନେଇ ବାରମ୍ବାର ଆକ୍ଷେପ କରିବା ସହ ଖରାପ ମନ୍ତବ୍ୟ ଦେବାରୁ ସେ ତାଙ୍କୁ ଛୁରି ଭୁସି ଦେଇଥିଲେ। ଫଳରେ ସୀମାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ତେବେ ଗିରଫ ପରେ ଅଭିଯୁକ୍ତ କାଳିଆଙ୍କଠାରୁ ଆକ୍ରମଣରେ ବ୍ୟବହୃତ ଛୁରି ଜବତ ହୋଇଥିବା ଡିସିପି ସିଂ କହିଛନ୍ତି।

ସୂଚନାନୁସାରେ, ମୃତକ ସୀମା ସୈଗଲ ଓ ଅଭିଯୁକ୍ତ କାଳିଆ ପରିବାର ସହ ଶିଖରଚଣ୍ଡୀ ବସ୍ତିରେ ରହୁଥିବା ବେଳେ ଉଭୟ ପରସ୍ପରକୁ ବେଶ୍ ଭଲ ଭାବେ ଜାଣନ୍ତି। ଘଟଣାର କିଛିଦିନ ପୂର୍ବରୁ ସୀମା କାଳିଆଙ୍କ ସ୍ତ୍ରୀ ଚରିତ୍ରକୁ ଆକ୍ଷେପ କରି ବିଭିନ୍ନ ଖରାପ ମନ୍ତବ୍ୟ ଦେଇଥିଲେ। ହେଲେ ଏଥିରୁ ନିବୃତ୍ତ ରହିବାକୁ କାଳିଆ ତାଙ୍କୁ ବାରମ୍ବାର ତାଗିଦ କରୁଥିଲେ ମଧ୍ୟ ସେ କିଛି ଶୁଣୁ ନ ଥିଲେ। ଗତ ୬ ଡିସେମ୍ବର ୨୦୨୩ ତାରିଖ ସନ୍ଧ୍ୟାରେ ଏହି ଘଟଣାକୁ କେନ୍ଦ୍ର କରି ଉଭୟଙ୍କ ମଧ୍ୟରେ ପ୍ରଥମେ ଯୁକ୍ତିତର୍କ ଓ ପରେ ମାରପିଟ୍ ହୋଇଥିଲା। ପରେ ରାତି ପ୍ରାୟ ୧୧ଟାରେ ସୀମା ଦୁଇଜଣ ବ୍ୟକ୍ତି ଚିନା ଏବଂ ଅବିନାଶଙ୍କ ସହ ଜାଲିମୁଣ୍ଡା ସାହି ମୁଖ୍ୟ ରାସ୍ତା କଡ ଏକ ସ୍ଥାନରେ ବସି କଥା ହେଉଥିବାବେଳେ କାଳିଆ ସେଠାକୁ ଆସି ଏକ ଧାରୁଆ ଛୁରିକୁ ତାଙ୍କ ପେଟରେ ଭୁସି ଘଟଣାସ୍ଥଳରୁ ପଳାଇଥିଲେ। ଖବର ପାଇ ସୀମାଙ୍କ ସ୍ତ୍ରୀ ସୁମିତ୍ରା ସେଠାରେ ପହଞ୍ଚି ଗୁରୁତର ଅବସ୍ଥାରେ ସ୍ୱାମୀଙ୍କୁ ଉଦ୍ଧାର କରି ପ୍ରଥମେ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଂକଟାପନ୍ନ ହେବାରୁ କଟକ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସିତ ଅବସ୍ଥାରେ ଗତ ଡିସେମ୍ବର ୮ରେ ସୀମାଙ୍କର ମୃତ୍ୟୁ ହୋଇଥିଲା। ମୃତ ସୀମାଙ୍କ କ୍ଷତ ସାଇକେଲ ହ୍ୟାଣ୍ଡେଲ ଆଘାତରୁ ହୋଇଥିବା ପରିବାର ଲୋକେ ସନ୍ଦେହ କରୁଥିଲେ। ହେଲେ ବ୍ୟବଚ୍ଛେଦ ରିପୋର୍ଟରେ ଧାରୁଆ ଅସ୍ତ୍ରାଘାତ ଯୋଗୁ ସୀମାଙ୍କ ମୃତ୍ୟୁ ହୋଇଥିବା ଜଣାପଡିବା ପରେ ହସ୍ପିଟାଲ ତରଫରୁ ମଙ୍ଗଳାବାଗ ଥାନାରେ ଏକ ଯୁଡି ମାମଲା ରୁଜୁ କରାଯାଇଥିଲା। ତେବେ ଗତ ୨ତାରିଖରେ ସୀମାଙ୍କ ସ୍ତ୍ରୀ ସୁମିତ୍ରା ବ୍ୟବଚ୍ଛେଦ ରିପୋର୍ଟ ପାଇବା ପରେ ସ୍ୱାମୀଙ୍କୁ ହତ୍ୟା କରାଯାଇଥିବା ନେଇ ଇନ୍‌ଫୋସିଟି ଥାନାରେ ୪ ତାରିଖରେ ଅଭିଯୋଗ କରିଥିଲେ। ପୋଲିସ ଘଟଣା ସମ୍ପର୍କରେ ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ, ବ୍ୟବଚ୍ଛେଦ ରିପୋର୍ଟ ଓ ମଙ୍ଗଳାବାଗ ଥାନା ପୋଲିସର ସୂଚନା ଆଧାରରେ ହତ୍ୟା ଦଫାରେ ମାମଲା (ନଂ.୧୫୬/୨୦୨୪) ରୁଜୁ କରି ଅଭିଯୁକ୍ତ କାଳିଆଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲା।

## ଅନନ୍ତ ଶୟନ ମନ୍ଦିର ପ୍ରତିଷ୍ଠା ଉତ୍ସବ

ସାଲେପୁର,୬।୪ (ଅରବିନ୍ଦ ଭୂୟାଁ)

ପୁରଣ ଗ୍ରାମର ସାନମଠରେ ଏକ ନୂତନ ଅନନ୍ତ ଶୟନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସୂର୍ଯ୍ୟପୂଜା, ଗୋପୂଜା, ଯଜ୍ଞାହୁତି ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୨ଦିନ ଧରି ଆୟୋଜିତ ଏହି ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମରେ ପୁରଣ ତଥା ଆଖପାଖ ଅଞ୍ଚଳର ଭକ୍ତମାନେ ବହୁ ସଂଖ୍ୟାରେ ଯୋଗଦେଇଥିଲେ। ମୁଖ୍ୟ କର୍ତ୍ତାଭାବେ ସାଧୁଚରଣ ଗିରି, ରାଜେନ୍ଦ୍ର ଗିରି ଓ କର୍ମକର୍ତ୍ତା ଅଶୋକ କୁମାର ଜେନା, ବିଦ୍ୟାଧର ଜେନା, ସତ୍ୟବ୍ରତ ବିଶ୍ୱାଳ, ମାଇନି ବିଶ୍ୱାଳ, ଶୁକଦେବ ବେହେରା, ଗୋପୀନାଥ ଜେନା, ସୁରଜ ଶାନ୍ତି, ତନୁଜ ଜେନା, ମନୋଜ ମହାନ୍ତି, ରମେଶ ଚନ୍ଦ୍ର ଦାସ, ଦିନେଶ ଗିରି ପ୍ରମୁଖ ଯୋଗଦେଇ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।



ବଡ଼ମ୍ବା ନିର୍ବାଚନମଣ୍ଡଳୀର ଭାଜପା ନେତା ଓ କର୍ମୀମାନେ ଶନିବାର ଦଳ ପକ୍ଷରୁ ଘୋଷିତ ବିଧାୟକ ପ୍ରାର୍ଥୀ ସମ୍ବିତ ତ୍ରିପାଠୀଙ୍କୁ ବିରୋଧ କରି ଭୁବନେଶ୍ୱରସ୍ଥିତ ରାଜ୍ୟ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରୁଛନ୍ତି।

# ରାଜେନ୍ଦ୍ରନଗର ଅଞ୍ଚଳରେ ଜଣ୍ଡିସ ଆତଙ୍କ

 କଟକ, ୬।୪(ଶିଳ୍ପା ପ୍ରିୟଦର୍ଶିନୀ)

**ପରୀକ୍ଷା ପାଇଁ ପଠାଗଲା ପାଣି ନମୁନା**

କଟକ ମହାନଗର ନିଗମ(ସିଏମ୍‌ସି)ର ୫୨ ନମ୍ବର ୱାର୍ଡ ଅଧୀନ ରାଜେନ୍ଦ୍ରନଗର ଅଞ୍ଚଳରେ ଜଣ୍ଡିସ ଆତଙ୍କ ଦେଖାଦେଇଛି। ଦୂଷିତ ପାଣି ଯୋଗୁ ଏଭଳି ବ୍ୟାପିଥିବା ଆଶଙ୍କା କରାଯାଉଛି। ଉକ୍ତ ଅଞ୍ଚଳର ବୟସ୍କ ବ୍ୟକ୍ତିଙ୍କ ସମେତ ପ୍ରାୟ ୮ ଜଣ ଶିଶୁ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି। ଉକ୍ତ ଅଞ୍ଚଳର କେତେଜଣ ବୁଦ୍ଧିଜୀବୀଙ୍କଠାରୁ ଏ ସମ୍ପର୍କରେ ଖବର ପାଇବା ପରେ ଜିଲା ସ୍ୱାସ୍ଥ୍ୟ ବିଭାଗ ସମେତ ଅନ୍ୟ ଅଧିକାରୀମାନେ ଶନିବାର ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏଥିସହ ପାଣି ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରୁ କେତେଜଣ ଜିଲା ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବାବେଳେ ଆଉ କିଛି ଘରେ ରହି ଚିକିତ୍ସିତ ହେଉଥିବା ଜଣାପଡିଛି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ମକରନ୍ଦ ବେଉରା କହିଛନ୍ତି, କେବଳ ଦୂଷିତ ପାଣି ଜଣ୍ଡିସ୍‌ର କାରଣ ନୁହେଁ, ଏହାର ଅନ୍ୟ କାରଣ ମଧ୍ୟ ରହିଛି। ବିଭିନ୍ନ ଦିଗକୁ ନେଇ ତଦନ୍ତ କରାଯାଉଛି। ପାଣି ନମୁନା ପରୀକ୍ଷା ପାଇଁ ପଠାଯାଇଛି। ରିପୋର୍ଟ ଆସିଲେ ଜଣ୍ଡିସ୍ ବ୍ୟାପିବାର କାରଣ ଜଣାପଡିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଉକ୍ତ ଅଞ୍ଚଳର ପ୍ରାୟ ୬୦ ଜଣ ଜଣ୍ଡିସ୍‌ରେ ଆକ୍ରାନ୍ତ ହୋଇଥିବା ଅଭିଯୋଗ ହୋଇଥିଲା। ଏନେଇ ଜିଲା ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍, ନୂଆବଜାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏକ ଟିମ୍ ରାଜେନ୍ଦ୍ରନଗର ଅଞ୍ଚଳରେ ପହଞ୍ଚି ଲୋକଙ୍କଠାରୁ ରକ୍ତ ନମୁନା ସଂଗ୍ରହ କରିଥିଲେ। ପ୍ରଥମ ପର୍ଯ୍ୟାୟ ଯାଞ୍ଚବେଳେ ୬ ଜଣ ସଂକ୍ରମିତ ହୋଇଥିବା ଜଣାପଡିଛି।

## ଭାଜପାର ପ୍ରତିଷ୍ଠା ଦିବସ ପାଳିତ

ସାଲେପୁର,୬।୪ (ଅରବିନ୍ଦ ଭୂୟାଁ)

ସାଲେପୁରସ୍ଥିତ ଭାନେଶ୍ୱରୀ କ୍ଲବ ପ୍ରାଙ୍ଗଣରେ ଶନିବାର ଅପରାହ୍ନରେ ଭାଜପାର ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ସରୋଜ କୁମାର କରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଶ୍ୱିନୀ କୁମାର ଦାସ, ରଶ୍ମିରଞ୍ଜନ ପରିଡ଼ା, ଗୋପବନ୍ଧୁ ଭୂୟାଁ, କୁଞ୍ଜମୋହନ ସେଠୀ, ମେଘୁ ସିଂହ, ସନ୍ତୋଷ ଭୂୟାଁ, ବିଜୟ ଜେନା, ରଞ୍ଜନ ସେଠୀ, ବାବୁଲି ପାତ୍ର, ପ୍ରମୋଦ ଦାଶ, ବିନୟ ସାହୁ, ପ୍ରଦୀପ ଭୋଇ, ରାଜା ବାରିକ, ହରିଭାଇ ପ୍ରମୁଖ ଯୋଗଦେଇ ଦଳକୁ ମଜ୍‌ଭୁତ କରିବାପାଇଁ ଶପଥ ନେଇଥିଲେ।



ପ୍ରତିଷ୍ଠା ଦିବସ ପାଳନ ଅବସରରେ ଭାଜପା ନେତା ଓ କର୍ମୀମାନେ।

# ୨୭୦୦ କୋଟି ଟଙ୍କା ବିନିଯୋଗ ରେକର୍ଡ

କଟକ,୬।୪(କାର୍ତ୍ତିକ ସାହୁ)

**ସିଏମ୍‌ସି କାଉନ୍‌ସିଲକୁ ୨ବର୍ଷ ପୂରିଲା**

କଟକ ମହାନଗର ନିଗମ(ସିଏମ୍‌ସି) କାଉନ୍‌ସିଲକୁ ୨ ବର୍ଷ ପୂରଣ ହୋଇଛି। ୨୦୨୨ ଏପ୍ରିଲ ୭ ତାରିଖରେ ସିଏମ୍‌ସି ମେୟର ସୁବାସ ସିଂ ଓ ନିର୍ବାଚିତ କର୍ପୋରେଟରମାନେ ଶପଥ ଗ୍ରହଣ କରିଥିଲେ। ଏହି ୨ ବର୍ଷ ମଧ୍ୟରେ ସହରର ବିକାଶ ନିମନ୍ତେ ୨୭୦୦ କୋଟି ଟଙ୍କା ବିନିଯୋଗ କରାଯାଇ ଏକ ରେକର୍ଡ ସୃଷ୍ଟି ହୋଇଛି ବୋଲି କଟକ କିଲ୍ଲାଖାଇସ୍ଥିତ ମେୟରଙ୍କ ଅଭିଯୋଗ ପ୍ରକୋଷ୍ଠରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ମେୟର ସୁବାସ ସିଂ ଏବଂ ଡେପୁଟି ମେୟର ଦମୟନ୍ତୀ ମାଝି ସୂଚନା ଦେଇଛନ୍ତି।

ସୂଚନା ଅନୁସାରେ, ନବନିର୍ମିତ କଟକ ନେତାଜୀ ବସ୍ ଟର୍ମିନାଲ ଓ ମୁଖ୍ୟ ଡ୍ରେନ୍‌ର ରୂପାନ୍ତର ହୋଇ ବକ୍ସଡ୍ରେନ୍‌ର ଚାରିଥାକିଆ ରାସ୍ତା ସହ ଆଲୋକୀକରଣ, ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଇତିହାସ ରଚିଛି। ୧୦୦ ବର୍ଷର ରାସ୍ତା ଉପରେ ବ୍ୟବସାୟ କରୁଥିବା ଛତ୍ରବଜାର ପରିବା ବ୍ୟବସାୟୀଙ୍କୁ ସ୍ଥାୟୀ ଭାବେ ବସାଇବା ପାଇଁ ଅର୍ବାନ ହାଟ ନିର୍ମାଣ କରାଯାଇଛି। ରାଣୀହାଟରେ ନିର୍ମିତ ୱାଚ୍ ଟାୱାର ସହରର ଗରିମାକୁ ବଢ଼ାଇବାରେ ସହାୟ ହୋଇଛି। ଜାଗା ମିଶନ ଜରିଆରେ ୩,୪୮୦ ଜଣ ବସ୍ତିବାସିନ୍ଦାଙ୍କୁ ସ୍ଥାୟୀ ପଟ୍ଟା ପ୍ରଦାନ, ନରଣପୁରଠାରେ ୫୦୫ଟି ଅର୍ଥନୈତିକ ଅନଗ୍ରସର ପରିବାରକୁ ସିଏମ୍‌ସି ପକ୍ଷରୁ ସ୍ୱଳ୍ପ ମୂଲ୍ୟରେ ଘର ଦିଆଯିବାର ବ୍ୟବସ୍ଥା କରାଯାଇପାରିଛି।

ଚଳିତବର୍ଷ ୭,୫୨୯ ଜଣ ଲୋକଙ୍କୁ ସିଏମ୍‌ସି ଜରିଆରେ ମଧୁବାବୁ ପେନ୍‌ସନ୍ ସୁବିଧା ଯୋଗାଇ ଦିଆଯାଇଛି। ଏଥିସହ ଚଳିତବର୍ଷ ୩୬ଟି ନୂଆ ଅଙ୍ଗନୱାଡି କେନ୍ଦ୍ର, ୨୯ଟି ମିଶନ ଶକ୍ତି ଗୃହ ନିର୍ମାଣ କାର୍ଯ୍ୟ ସରି ବ୍ୟବହାର ଉପଯୋଗୀ ହୋଇପାରିଛି। ମୁକ୍ତା ଯୋଜନାରେ ୪୨୮ଟି ପ୍ରକଳ୍ପ କାମ ଏସ୍‌ଏଚ୍‌ଜି ମହିଳାଙ୍କ ମାଧ୍ୟମରେ କରାଯାଇଛି। ୧୦ଟି ବସ୍ତିରେ ସ୍ମାର୍ଟ ଲାଇବ୍ରେରି ପ୍ରତିଷ୍ଠା ହୋଇଛି। ୧୦ରୁ ଊର୍ଦ୍ଧ୍ୱ ପାର୍କ ନିର୍ମାଣ ଓ ୩୦ଟି ୱାର୍ଡ ଅଫିସ କାର୍ଯ୍ୟକ୍ଷମ ହୋଇଛି। ୭୫ ଲକ୍ଷ ଟଙ୍କା ବ୍ୟୟରେ ଗୋରାକବରସ୍ଥିତ ମଧୁସୂଦନ ଦାସଙ୍କ ସମାଧି ପୀଠର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ, ୧.୬୫ କୋଟି ଟଙ୍କା ବିନିଯୋଗରେ ଟାଉନ୍ ହଲଠାରେ ଅତ୍ୟାଧୁନିକ ଆର୍ଟ ଗ୍ୟାଲେରି ନିର୍ମାଣ କାର୍ଯ୍ୟ ପୂର୍ଣ୍ଣାଙ୍ଗ ହୋଇଛି। ଏହାଛଡ଼ା ୩୧କୋଟି ଟଙ୍କା ବିନିମୟରେ ଓଡ଼ିଶାର ବୃହତ୍ ବିଶ୍ୱନାଥ ପଣ୍ଡିତ ଲାଇବ୍ରେରି ନିର୍ମାଣ କାର୍ଯ୍ୟ ଜାରି ରହିଛି। ୨୧୦ କୋଟି ବ୍ୟୟରେ ଦ୍ୱିତୀୟ ବକ୍ସଡ୍ରେନ୍ ପାଇଁ ଟେଣ୍ଡର କରାଯାଇ ରାଉସାପାଟଣାରୁ ଝୋଲାସାହି ଆଡ଼କୁ କାମ ଆରମ୍ଭ ହେବାକୁ ଯାଉଛି।

୩୦ କୋଟି ଟଙ୍କା ବିନିମୟରେ ନେତାଜୀ ଜନ୍ମପୀଠର ଉନ୍ନତୀକରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାକୁ ଯାଉଛି। ଗଙ୍ଗା ମନ୍ଦିର ପୋଖରୀର ଉନ୍ନତୀକରଣ, ଲେଜର ଶୋ, ଫୁଡ୍ କୋର୍ଟ, ଯୋଗକେନ୍ଦ୍ର ଆକର୍ଷଣୀୟ ଢଙ୍ଗରେ ଖୁବ୍‌ଶୀଘ୍ର ପୂର୍ଣ୍ଣାଙ୍ଗ ହେବାକୁ ଯାଉଛି। ବାରବାଟୀ ଷ୍ଟାଡିୟମ ସମ୍ମୁଖରେ ଫୁଡ୍ କୋର୍ଟ ପୂର୍ଣ୍ଣାଙ୍ଗ କାର୍ଯ୍ୟ ମଧ୍ୟ ଦ୍ରୁତ ଗତିରେ ସମ୍ପୂର୍ଣ୍ଣ ହେବାକୁ ଯାଉଛି। ଦୀର୍ଘ ବର୍ଷର ପେଟ୍ଟା ନାଳ କାର୍ଯ୍ୟ ୩୯ କୋଟି ଟଙ୍କା ବିନିମୟରେ ପୂର୍ଣ୍ଣାଙ୍ଗ ହେବାକୁ ଯାଉଛି। ବିଜୁ ପଟ୍ଟନାୟକ ପାର୍କର ପୁନଃନିର୍ମାଣ, ଜୁଡିସିଆଲ ଏକାଡେମୀ ସମ୍ମୁଖରେ ଉନ୍ନତ ଧରଣର ପାର୍କ କାର୍ଯ୍ୟ ପୂର୍ଣ୍ଣାଙ୍ଗ ହେବାକୁ ଯାଉଛି। ମହାନଦୀ ବିହାର ନୂଆବଜାରଠାରୁ ବସ୍ ଷ୍ଟପେଜ ପର୍ଯ୍ୟନ୍ତ ଉନ୍ନତୀକରଣ ଓ ମିନି ଷ୍ଟାଡିୟମ କାମ ଚାଲିଛି।

ଚୌଧୁରୀ ବଜାରସ୍ଥିତ ସିଏମ୍‌ସି ଅଫିସ ନିକଟରେ ଅତ୍ୟାଧୁନିକ କଲ୍ୟାଣ ମଣ୍ଡପ ଓ ଶହୀଦ ଭବନରେ ଅତ୍ୟାଧୁନିକ ସୁବିଧା ପ୍ରଦାନ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ପୂର୍ଣ୍ଣାଙ୍ଗ ହେବାକୁ ଯାଉଛି। ସିଏମ୍‌ସିର ଐତିହାସିକ ସଫଳତା, ସମସ୍ତ କର୍ପୋରେଟରଙ୍କ ନିଷ୍ଠାପର ସହଯୋଗ, ସବୁ ଅଧିକାରୀ ଓ କର୍ମଚାରୀଙ୍କ ଉତ୍ସର୍ଗୀକୃତ ଉଦ୍ୟମରେ ଏହା ହୋଇପାରିଛି ବୋଲି ମେୟର କହିଛନ୍ତି।



ଖବରଦାତା ସମ୍ମିଳନୀରେ ମେୟର ସୁବାସ ସିଂ ଏବଂ ଡେପୁଟି ମେୟର ଦମୟନ୍ତୀ ମାଝି।

## ସଂକ୍ଷେପରେ

### ୮ରେ ସମ୍ପୂର୍ଣ୍ଣ ସୂର୍ଯ୍ୟୋପରାଗ

**ଭାରତରେ ରାତି ହୋଇଥିବାରୁ ପାଳନୀୟ ନୁହେଁ**

ଭୁବନେଶ୍ୱର, ୬।୪ (ବନ୍ଦନା ସେଠୀ)

ଆସନ୍ତା ୮ ତାରିଖ ସୋମବାର ଏକ ବିରଳ ସମ୍ପୂର୍ଣ୍ଣ ସୂର୍ଯ୍ୟୋପରାଗ ସଙ୍ଗଠିତ ହେବ। ଏହି ମହାଜାଗତିକ ଘଟଣାଟି ଯୁକ୍ତରାଷ୍ଟ୍ର ଆମେରିକା, କାନାଡା ଓ ମେକ୍ସିକୋର କେତେକ ଅଞ୍ଚଳରେ ପୂର୍ଣ୍ଣ ଭାବରେ ଦେଖାଯିବ ଏବଂ ପାଖ ଅଞ୍ଚଳରେ ଆଂଶିକ ସୂର୍ଯ୍ୟୋପରାଗ ଦେଖାଯିବ। ଭାରତୀୟ ସମୟ ରାତି ୯ଟା ୧୨ ମିନିଟରେ ସୂର୍ଯ୍ୟୋପରାଗ ଆରମ୍ଭ ହୋଇ ବିଳମ୍ବିତ ରାତି ୨ଟା ୨୨ରେ ଶେଷ ହେବ। ସର୍ବାଧିକ ପରାଗ ରାତି ୧୧ଟା ୪୭ରେ ସଙ୍ଗଠିତ ହେବ ବୋଲି ଜ୍ୟୋତିର୍ବିଜ୍ଞାନୀ ଡ. ଶୁଭେନ୍ଦୁ ପଟ୍ଟନାୟକ ସୂଚନା ଦେଇଛନ୍ତି। ଅନେକ ବର୍ଷ ପରେ ଯୁକ୍ତରାଷ୍ଟ୍ର ଆମେରିକା, କାନାଡା ଓ ମେକ୍ସିକୋର ଅତ୍ୟନ୍ତ ଜନବହୁଳ ଅଞ୍ଚଳରେ ଏହି ପୂର୍ଣ୍ଣପରାଗ ଦେଖାଯିବ। କିନ୍ତୁ ଭାରତରେ ରାତି ହୋଇଥିବାରୁ ଏହା ପାଳନୀୟ ନୁହେଁ। ଡ. ପଟ୍ଟନାୟକ କହିଛନ୍ତି, ଆମ ସମାଜରେ ଆବହମାନ କାଳରୁ ଗ୍ରହଣ ଓ ପରାଗକୁ ନେଇ ଅନେକ ବିଶ୍ୱାସ ଓ ଅନ୍ଧବିଶ୍ୱାସ ରହିଛି। ତେବେ ବିଜ୍ଞାନର ଅଗ୍ରଗତି ଫଳରେ ମଣିଷ ଗ୍ରହଣ ଏବଂ ପରାଗ କାହିଁକି ଓ କିପରି ଘଟେ ତାହା ଠିକ୍ ଭାବରେ ଜାଣିସାରିଲାଣି। ଏସବୁ ହେଉଛି ଛାଇ ଆଲୁଅର ଖେଳ, ଯାହା ସୂର୍ଯ୍ୟ, ଚନ୍ଦ୍ର ଓ ପୃଥିବୀର ଏକ ବିଶେଷ ଅବସ୍ଥିତିରେ ଘଟିଥାଏ। ସୂର୍ଯ୍ୟୋପରାଗ ସମୟରେ 'ପୃଥିବୀ ଓ ସୂର୍ଯ୍ୟ'ମଝିରେ ଚନ୍ଦ୍ର ଏକ ସରଳରେଖାରେ ରହିଥାଏ ଓ ଚନ୍ଦ୍ରର ଛାଇ ପୃଥିବୀ ଉପରେ ପଡ଼ିଥାଏ। ଫଳରେ ସମ୍ପୃକ୍ତ ଅଞ୍ଚଳର ଲୋକମାନେ କିଛି ସମୟ ପାଇଁ ଦିନବେଳେ ସୂର୍ଯ୍ୟକୁ ଦେଖିପାରନ୍ତି ନାହିଁ ଏବଂ ରାତିର ଭ୍ରମ ସୃଷ୍ଟି ହୋଇଥାଏ। ସାଧାରଣତଃ ସୂର୍ଯ୍ୟୋପରାଗ ତିନି ପ୍ରକାରର ଯଥା ଆଂଶିକ, ସମ୍ପୂର୍ଣ୍ଣ ଓ ବଳୟ। ତେବେ ସୋମବାର ସମ୍ପୂର୍ଣ୍ଣ ସୂର୍ଯ୍ୟୋପରାଗ ସଂଗଠିତ ହେବ ବୋଲି ସେ କହିଛନ୍ତି।

### ସମମ୍ ସିଇଓଙ୍କୁ 'ଉତ୍କଳ ପ୍ରତିଭା ସମ୍ମାନ''

ଭୁବନେଶ୍ୱର, ୬।୪(ଅସମାପିକା ସାହୁ)

ସମ୍ ଅଲ୍ଟିମେଟ୍ ମେଡିକେୟାର(ସମମ୍) ସିଇଓ ଡା. ଶ୍ୱେତପଦ୍ମା ଦାଶଙ୍କୁ 'ଉତ୍କଳ ପ୍ରତିଭା ସମ୍ମାନ' ପ୍ରଦାନ କରାଯାଇଛି। ଉତ୍କଳ ପ୍ରତିଭା ଫାଉଣ୍ଡେଶନ ପକ୍ଷରୁ ଓଡ଼ିଶା ଦିବସ ଅବସରରେ ଏହି ସମ୍ମାନ ତାଙ୍କୁ ଦିଆଯାଇଛି। ଆତିଥ୍ୟ ଏବଂ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଅତୁଳନୀୟ ଅବଦାନ ପାଇଁ ଡା. ଦାଶ ଏହି ସମ୍ମାନ ପାଇଛନ୍ତି। ଏହି ଅବସରରେ ଫାଉଣ୍ଡେଶନର ଚେୟାରମ୍ୟାନ ଡ. ସତ୍ୟବ୍ରତ ମୀନକେତନ କହିଥିଲେ, ତୁମର ଅକ୍ଳାନ୍ତ ପରିଶ୍ରମ ଏବଂ ଉଲ୍ଲେଖନୀୟ ସଫଳତା କେବଳ ଆମ ରାଜ୍ୟ ପାଇଁ ଗର୍ବ ଆଣିନାହିଁ, ଅଗଣିତ ବ୍ୟକ୍ତିବିଶେଷଙ୍କୁ ସମଗ୍ର ଦେଶରେ ଉତ୍କର୍ଷ ଆଣିବା ପାଇଁ ମଧ୍ୟ ଉଦ୍ୟମ କରିବାକୁ ପ୍ରେରଣା ଦେଇଛି।

# କପିଳେଶ୍ୱର ଦେବଙ୍କ ବାରୁଣେଶ୍ୱର ଯାତ୍ରା

ପୁରୁଣା ଭୁବନେଶ୍ୱର,୬।୪
(ସୁବାସ ଚନ୍ଦ୍ର ପ୍ରଧାନ)



ଶନିବାର ଥିଲା ପ୍ରଭୁ କପିଳେଶ୍ୱର ଦେବଙ୍କ ବାରୁଣେଶ୍ୱର ଯାତ୍ରା। ଏଥିପାଇଁ ପ୍ରାତଃ ୪ଟା ୩୦ରୁ କପିଳେଶ୍ୱର ଦେବଙ୍କ ମନ୍ଦିର ପହଡ଼ ଖୋଲିଥିଲା। ଭୋର ୫ଟାରେ ପାର୍ଶ୍ୱ ଦେବଦେବୀଙ୍କ ବାସି ବେଶ ଓଲାଗି କରାଯାଇଥିଲା। ପରେ ଠାକୁର ଠାକୁରାଣୀଙ୍କ ସ୍ନାନ ଓ ନୂତନ ବସ୍ତ୍ର ପରିଧାନ ପୂର୍ବକ ବେଶ କରାଯାଇଥିଲା। ପରେ ମଙ୍ଗଳ ଆଳତି ଓ ସାଧାରଣ ଦର୍ଶନ ହୋଇଥିଲା। ମଧ୍ୟାହ୍ନ ୧୨ଟାରେ ଗୋପାଳ ବଲ୍ଲଭ ବେଶ, ୧୨ଟା ୩୦ରେ ସକାଳ ଧୂପ,୧୨ଟା ୪୫ରେ ମା' ପାର୍ବତୀଙ୍କ ସକାଳ ଧୂପ ହୋଇଥିଲା। ଅପରାହ୍ନ ୧ଟାରେ କପିଳେଶ୍ୱର ଦେବଙ୍କ ଦ୍ୱିପ୍ରହର ଧୂପ ପାଇଁ ଅନ୍ୟାନ୍ୟ ନୀତି ହୋଇଥିଲା। ଅପରାହ୍ନ ୪ଟାରେ ଯାତ୍ରା ପୂଜା ହୋଇଥିଲା। ୪ଟା ୪୫ରେ ଆପଟିଆ ସେବାୟତଙ୍କ ଦ୍ୱାରା ବିମାନରେ ଠାକୁରଙ୍କ ବାରୁଣେଶ୍ୱର ଯାତ୍ରା ପାଇଁ ବିଜେ କରାଯାଇଥିଲା। ଏହା ପରେ ଗଙ୍ଗୁଆ ନଦୀ କୂଳସ୍ଥିତ ତୁଳସୀ ମହାବୀର ମନ୍ଦିରରେ ଠାକୁରଙ୍କ ଅନ୍ୟାନ୍ୟ ନୀତିକାନ୍ତି ହୋଇଥିଲା। ପରେ ଏହା ସନ୍ନିକଟ ଗଙ୍ଗୁଆ ନାଳରେ ମହାବାରୁଣୀ ବୁଡ଼ ଦେଇଥିଲେ ସ୍ଥାନୀୟ ଅଞ୍ଚଳର ଭକ୍ତମାନେ। ସ୍ଥାନୀୟ କର୍ପୋରେଟର ଚନ୍ଦ୍ର ଶେଖର ମଲିଆଙ୍କ ସହିତ ପ୍ରଭାତ ମହାନ୍ତି, ସନିଆ ମାଣ୍ଡୋଇ, ସୂର୍ଯ୍ୟଭାନୁ ମହାପାତ୍ର, ଗଣେଶ ମଲିଆ, ଅରବିନ୍ଦ ମଲିଆ, ସରୋଜ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏକଦା ଏହି ବାରୁଣେଶ୍ୱର ଘାଟରେ ହଜାର ହଜାର ଶ୍ରଦ୍ଧାଳୁ ବୁଡ଼ ପକାଉଥିବା ବେଳେ ଗଙ୍ଗୁଆ ନଦୀରେ ଦୂଷିତ ଜଳ ପ୍ରବାହିତ ନେଇ କମ୍ ସଂଖ୍ୟକ ଶ୍ରଦ୍ଧାଳୁ ବୁଡ ପକାଇଥିବା ଦେଖିବାକୁ ମିଳିଥିଲା।

### ଆସିଲେନି ଶ୍ରୀଲିଙ୍ଗରାଜ

ପରମ୍ପରା ଅନୁଯାୟୀ ଏହି ବାରୁଣେଶ୍ୱର ଯାତ୍ରାରେ ପ୍ରଭୁ ଶ୍ରୀଲିଙ୍ଗରାଜ ଏବଂ ଶ୍ରୀବାସୁଦେବଙ୍କ ସହିତ କପିଳେଶ୍ୱର ଦେବ ଯାତ୍ରା କରିଥାନ୍ତି। ୨୦୧୪ ଅଁଳା ନବମୀ ପରଠାରୁ ଲିଙ୍ଗରାଜଙ୍କ ହାଣ୍ଡି ଭଙ୍ଗା ଯାତ୍ରା ପରମ୍ପରାରେ କପିଳେଶ୍ୱର ମନ୍ଦିରର ଖୁଣ୍ଟିଆ ଏବଂ ମଲିଆ ସେବାୟତଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଯୋଗୁ ହାଣ୍ଡି ଭଙ୍ଗା ଯାତ୍ରାରେ ପୂର୍ଣ୍ଣଚ୍ଛେଦ ପଡିଥିଲା। ସେବାଠାରୁ ଶ୍ରୀଲିଙ୍ଗରାଜଙ୍କ ସହ କପିଳେଶ୍ୱର ଦେବଙ୍କ ମଧ୍ୟରେ ଥିବା ପ୍ରତ୍ୟକ୍ଷ ଯାନି ଯାତ୍ରାରେ ଲିଙ୍ଗରାଜ ଯୋଗ ଦେଉ ନ ଥିଲେ। ଅନୁରୂପଭାବେ ଶନିବାର ବାରୁଣେଶ୍ୱର ଯାତ୍ରାରେ ମଧ ଶ୍ରୀଲିଙ୍ଗରାଜ ଏବଂ ବାସୁଦେବ ଯୋଗ ଦେଇ ନ ଥିଲେ।

# ମଲିପଡ଼ାରେ ଭାଜପା ପ୍ରତିଷ୍ଠା ଦିବସ



ପ୍ରତିଷ୍ଠା ଦିବସରେ ଉପସ୍ଥିତ ଭାଜପା ନେତା ଓ କର୍ମୀମାନେ।

ଖୋର୍ଦ୍ଧା, ୬।୪(ପ୍ରଭାତ ପାଣିଗ୍ରାହୀ)

ଭାରତୀୟ ଜନତା ପାର୍ଟି(ଭାଜପା)ର ପ୍ରତିଷ୍ଠା ଦିବସ ମଲିପଡ଼ାସ୍ଥିତ ଦଳୀୟ କାର୍ଯ୍ୟାଳୟଠାରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳୁ ଚରଣ ଖଣ୍ଡାୟତରାୟଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ୧୯୫୧ ମସିହାରେ ସ୍ୱର୍ଗତ ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀ ଓ ସ୍ୱର୍ଗତ ଦୀନ୍‌ଦୟାଲ ଉପାଧ୍ୟାୟଙ୍କ ଦ୍ୱାରା ଗଠିତ ଭାରତୀୟ ଜନସଂଘ ନାମକ ପାର୍ଟି ୧୯୮୦, ଏପ୍ରିଲ ୬ରେ ଭାରତୀୟ ଜନତା ପାର୍ଟି ନାମରେ ନାମିତ ହୋଇଥିଲା। ଏକ ରାଷ୍ଟ୍ରବାଦୀ ସଙ୍ଗଠନ ଭାବେ ଜାତୀୟସ୍ତରରେ ସୁନାମ, ଗୌରବ ବଜାୟ ରଖିଛି। ଭାଜପାର ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବହୁ ନେତା ଦଳ ସହ ଯୋଡ଼ିହେବାରେ ଲାଗିଛନ୍ତି ବୋଲି କାଳୁଚରଣ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ନିର୍ବାଚନମଣ୍ଡଳୀ ସଂଯୋଜକ କିଶୋର ଚନ୍ଦ୍ର ବରାଳ, ବଡ଼ପୋଖରିଆ ମଣ୍ଡଳ ସଭାପତି ବିପିନ ପାଲ୍‌ଟାସିଂହ, ନିରାକାରପୁର ମଣ୍ଡଳ ସଭାପତି ଆଲୋକ ରଞ୍ଜନ ଛୋଟରାୟ, ସୂର୍ଯ୍ୟନାରାୟଣ ଦାଶ, ପୂର୍ବତନ ଜିଲା ପରିଷଦ ପ୍ରଦ୍ୟୁମ୍ନ ଜଗଦ୍ଦେବ, ନକୁଳ ହରିଚନ୍ଦନ, ନଗର ମହିଳା ମୋର୍ଚ୍ଚା ସଭାନେତ୍ରୀ ସୁଚିସ୍ମିତା ମିଶ୍ର ବଡ଼ଜେନା, ସତ୍ୟରଞ୍ଜନ ପରିଡ଼ା, ଅନୁସୂଚିତ ଜାତିର ରାଜ୍ୟ ସଂଯୋଜକ ଦିବାକର ଭୋଇ, ନଗର ସାଧାରଣ ସମ୍ପାଦକ ତ୍ରିଲୋଚନ ଦାସଙ୍କ ସମେତ ଶତାଧିକ କର୍ମୀ ସାମିଲ ହୋଇଥିଲେ। ରାଷ୍ଟ୍ରର ଏକତା, ଅଖଣ୍ଡତା ପାଇଁ ସମସ୍ତେ ସଙ୍କଳ୍ପ ନେଇଥିଲେ।

# ଶିଳାଶ୍ରୀ ସାହିତ୍ୟ ପତ୍ରିକାର ବିଷୁବ ସଂଖ୍ୟା ଲୋକାର୍ପିତ




ଅତିଥିମାନେ ଭଜନ ପୁସ୍ତକ 'ତୁଳସୀ ଦୟଣା ବାସେ' ଏବଂ କବିତା ପୁସ୍ତକ 'ସଂଯୁକ୍ତା ସୁରଭି'କୁ ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର,୬।୪(ଶର୍ମିଷ୍ଠା ପାଣିଗ୍ରାହୀ)

**୨ଜଣଙ୍କୁ 'ଶିଳାଶ୍ରୀ ଯୁଗ୍ମ ସାହିତ୍ୟ ସମ୍ମାନ', ୮ଜଣଙ୍କୁ 'ଶିଳାଶ୍ରୀ ବିଷୁବ ସମ୍ମାନ'**

ଶିଳାଶ୍ରୀ ସାହିତ୍ୟ ପତ୍ରିକାର ବିଷୁବ ସଂଖ୍ୟା ଶନିବାର ଲୋକାର୍ପିତ ହୋଇଯାଇଛି। ବୁଦ୍ଧ ମନ୍ଦିରଠାରେ ଆୟୋଜିତ ଉତ୍ସବରେ ସୁଲେଖ ଆଶାଲତା ଦାଶ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ପଣ୍ଡିତ ହରେକୃଷ୍ଣ ଶତପଥୀ, ମୁଖ୍ୟବକ୍ତା ଭାବେ ଡ.ଅଭୟ ନାୟକ, ସମ୍ମାନିତ ଅତିଥି ଭାବେ ଡ.ସୋମା ଚାନ୍ଦ ଓ ସମ୍ପାଦିକା ବାସନ୍ତୀ ଦାସ ଯୋଗଦେଇଥିଲେ। ଏହି ଅବସରରେ ଶିଳାଶ୍ରୀ ପ୍ରକାଶନୀ ପକ୍ଷରୁ ପ୍ରକାଶିତ ବାସନ୍ତୀ ଦାସଙ୍କ ଭଜନ ବହି 'ତୁଳସୀ ଦୟଣା ବାସେ' ଓ ସଂଯୁକ୍ତା ସ୍ୱାଇଁଙ୍କ କବିତା ବହି 'ସଂଯୁକ୍ତା ସୁରଭି' ଲୋକାର୍ପିତ ହୋଇଥିଲା। ପରେ ଅମୂଲ୍ୟ କୁମାର ଦାଶ ଓ ଡ. ଊର୍ମିମାଳା ଆଚାର୍ଯ୍ୟଙ୍କୁ 'ଶିଳାଶ୍ରୀ ଯୁଗ୍ମ ସାହିତ୍ୟ ସମ୍ମାନ' ଦିଆଯାଇଥିଲା। ସେହିଭଳି ଗୋପାଳ ଚନ୍ଦ୍ର ମିଶ୍ର, ରଜନୀକାନ୍ତ ପଟ୍ଟନାୟକ, ଅଲେଖ ନନ୍ଦୀ, ଧନଞ୍ଜୟ ବେଉରା, ହିମାଦ୍ରୀ ବିହାରୀ ରାଉତରାୟ, ରଞ୍ଜିତା ତ୍ରିପାଠୀ, ଗୀତାଞ୍ଜଳି ମହାପାତ୍ର ଓ ଡ. ରଶ୍ମି କରଙ୍କୁ 'ଶିଳାଶ୍ରୀ ବିଷୁବ ସମ୍ମାନ' ପ୍ରଦାନ କରାଯାଇଥିଲା। ବାସନ୍ତୀ ଦାସ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିବାବେଳେ ସଭା ପରିଚାଳନା କରିଥିଲେ ଡ.ନିବେଦିତା ମହାନ୍ତି। ଧନ୍ୟବାଦ ପ୍ରଦାନ କରିଥିଲେ ସୁଶାନ୍ତ କୁମାର ସ୍ୱାଇଁ। ସଭା ପରେ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମଞ୍ଜୁଳା ତ୍ରିପାଠୀ ସଭାପତିତ୍ୱ କରିଥିଲେ। ଅନିମା ପଟ୍ଟନାୟକ,ବିଶ୍ୱମିତ୍ରା ମିଶ୍ର ଓ ପ୍ରଜ୍ଞା ମହାନ୍ତି ସଂଯୋଜନା କରିଥିବାବେଳେ ୫୦ରୁ ଊର୍ଦ୍ଧ୍ୱ କବି ନିଜର କବିତା ପାଠ କରିଥିଲେ।

### ସ୍ତ୍ରୀ ଚରିତ୍ରକୁ ଆକ୍ଷେପ କରିବାରୁ ଛୁରି ଭୁସିଥିଲେ କାଳିଆ

ଭୁବନେଶ୍ୱର, ୬।୪ (ସୂର୍ଯ୍ୟକାନ୍ତ ବେହେରା)

ଇନ୍‌ଫୋସିଟି ଥାନା ଅନ୍ତର୍ଗତ ଶିଖରଚଣ୍ଡୀ ନଗର ଅଞ୍ଚଳରେ ଗତ ୪ ମାସ ତଳେ ଘଟିଥିବା ସୀମା ସୈଗଲ ହତ୍ୟା ମାମଲାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଏଥିସହ ଏହି ଘଟଣାର ପର୍ଦ୍ଦାଫାଶ କରିଛି। ଗିରଫ ଅଭିଯୁକ୍ତ ହେଲେ ଶିଖରଚଣ୍ଡୀନଗର ବସ୍ତିରେ ରହୁଥିବା ଗଞ୍ଜାମର କାଳିଆ ସ୍ୱାଇଁ। ତାଙ୍କୁ କୋର୍ଟ ଚାଲାଣ ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଡିସିପି ପ୍ରତୀକ ସିଂ ସୂଚନା ଦେଇଛନ୍ତି। ତେବେ ମୃତ ସୀମା ଅଭିଯୁକ୍ତଙ୍କ ସ୍ତ୍ରୀର ଚରିତ୍ରକୁ ନେଇ ବାରମ୍ବାର ଆକ୍ଷେପ କରିବା ସହ ଖରାପ ମନ୍ତବ୍ୟ ଦେବାରୁ ସେ ତାଙ୍କୁ ଛୁରି ଭୁସି ଦେଇଥିଲେ। ଫଳରେ ସୀମାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ଗିରଫ ପରେ ଅଭିଯୁକ୍ତଙ୍କଠାରୁ ଛୁରି ଜବତ ହୋଇଥିବା ଡିସିପି କହିଛନ୍ତି। ପୋଲିସ ଘଟଣା ସମ୍ପର୍କରେ ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ, ବ୍ୟବଚ୍ଛେଦ ରିପୋର୍ଟ ଓ ମଙ୍ଗଳାବାଗ ପୋଲିସର ସୂଚନା ଆଧାରରେ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

# କ୍ଷେତରେ ନିଆଁ, ଜନଜୀବନ ଅସ୍ତବ୍ୟସ୍ତ



ନିରାକାରପୁର,୬।୪(ମାନସ ଚନ୍ଦ୍ର ପଟ୍ଟନାୟକ)

ପ୍ରଚଣ୍ଡ ଖରା ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ଜନଜୀବନ ଅସ୍ତବ୍ୟସ୍ତ କରିପକାଉଛି। ପୂର୍ବାହ୍ନ ୧୦ଟା ପରେ ଲୋକେ ଘର ବାହାରକୁ ପାଦ କାଢ଼ିବାକୁ ଡରୁଛନ୍ତି। ରାସ୍ତାଘାଟ ଶୂନ୍‌ଶାନ୍ ହୋଇପଡୁଛି।ଏଭଳି ପରିସ୍ଥିତିରେ ଧାନ ଅମଳ ପରେ ଜମିରେ ଗଦା ହୋଇରହିଥିବା ପାଳ, ନଡା ଓ ଅନ୍ୟାନ୍ୟ ବର୍ଜ୍ୟବସ୍ତୁରେ ନିଆଁ ଲଗାଇବା ଯୋଗୁ ସ୍ଥାନୀୟ ଅଞ୍ଚଳରେ ତାପମାତ୍ରା ଅଧିକ ଅନୁଭୂତି ହେବା ସହିତ ସ୍ଥାନୀୟ ଅଞ୍ଚଳରେ ବସବାସ କରୁଥିବା ଲୋକେ ଅଣନିଶ୍ୱାସୀ ହେଉଥିବା ଅଭିଯୋଗ ହେଉଛି। ଏଭଳି ଦୃଶ୍ୟ ଶନିବାର ଖୋର୍ଦ୍ଧା ଜିଲା ନରଣଗଡ଼ ପଞ୍ଚାୟତ ଅନ୍ତର୍ଗତ ଓରମୀ ଅଞ୍ଚଳରେ ଦେଖିବାକୁ ମିଳିଛି। କେହି ଜଣେ ଚାଷୀ ତାଙ୍କ ଜମିରେ ଥିବା ଧାନର ବର୍ଜ୍ୟବସ୍ତୁରେ ନିଆଁ ଲଗାଇ ଦେଇଥିଲେ। ଫଳରେ ଚତୁଃପାର୍ଶ୍ୱ ପରିବେଶ ଧୂଆଁମୟ ହୋଇପଡ଼ିଥିଲା । ଗ୍ରୀଷ୍ମ ସମୟରେ ଏଭଳି ନ କରିବାକୁ ପ୍ରଶାସନ ପକ୍ଷରୁ ସଚେତନତା ସୃଷ୍ଟି କରିବା ଆବଶ୍ୟକ ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି।

# ଗୋଟିଏ ଦିନ ପାଳନ ହେବ ରାଜଧାନୀ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର, ୬।୪ (ବନ୍ଦନା ସେଠୀ)

**ଛାତ୍ରୀଛାତ୍ରଙ୍କ ପରେଡ୍, ସାଂସ୍କୃତିକ ପ୍ରତିଯୋଗିତା ବନ୍ଦ ରହିବ**

ଆସନ୍ତା ୧୩ ତାରିଖରେ ୭୬ତମ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କରାଯିବ। ଏହି ପରିପ୍ରେକ୍ଷୀରେ ଏକ ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକ ଶନିବାର ଲୋକସେବା ଭବନରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲ ଦିବସ ପାଳନର ଗୁରୁତ୍ୱ ସମ୍ପର୍କରେ କହିଥିଲେ। ଚଳିତ ବର୍ଷ ସାଧାରଣ ନିର୍ବାଚନ ଦୃଷ୍ଟିରୁ ଆଦର୍ଶ ଆଚରଣ ବିଧି ବଳବତ୍ତର ରହୁଥିବାରୁ ଏହାକୁ ଅନୁପାଳନ ପୂର୍ବକ ସୀମିତ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ତେବେ ପ୍ରତିଷ୍ଠା ଦିବସକୁ ରାଜଧାନୀର ଜନ୍ମୋତ୍ସବ ଭାବେ ମର୍ଯ୍ୟାଦା ସହକାରେ ପାଳନ କରାଯିବ। ପୂର୍ବରୁ ସାଧାରଣତଃ ୩ଦିନ ଧରି ଏହି ପ୍ରତିଷ୍ଠା ଦିବସ ପାଳନ କରାଯାଉଥିବାବେଳେ ଆଚରଣ ବିଧି ପାଇଁ ଚଳିତ ବର୍ଷ ଗୋଟିଏ ଦିନ ଉତ୍ସବ ପାଳନ କରାଯିବ। ସକାଳେ ବିଧାନସଭା ସୌଧ ସମ୍ମୁଖ ରାଜଧାନୀ ପ୍ରତିଷ୍ଠା ଶିଳାନ୍ୟାସ ଫଳକରେ ପୁଷ୍ପମାଲ୍ୟ ଓ ପୁଷ୍ପଗୁଚ୍ଛ ଅର୍ପଣ କରାଯିବ। ମୁଖ୍ୟ ଅତିଥି ପ୍ରତିଷ୍ଠା ଦିବସ ପତାକା ଉତ୍ତୋଳନ କରିବେ। ପ୍ରଚଣ୍ଡ ରୌଦ୍ରତାପ ଜାରି ରହିଥିବାରୁ ରାଜଧାନୀ ଫଳକ ସମ୍ମୁଖ ରାସ୍ତାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ହୋଇ ଆସୁଥିବା ବେସାମରିକ ପରେଡ଼ ପ୍ରଦର୍ଶନ ହେବନାହିଁ। ସେହିପରି ଛାତ୍ରୀଛାତ୍ରଙ୍କୁ ସାମିଲ କରାଯାଇ ହେଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରତିଯୋଗିତା ମଧ୍ୟ ବନ୍ଦ ରହିବ। ତେବେ ସୂଚନା ଭବନଠାରେ ପ୍ରତିଷ୍ଠା ଦିବସ ସମାରୋହ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିପାଇଁ ରାଜଧାନୀର ସମସ୍ତ ସରକାରୀ କାର୍ଯ୍ୟାଳୟ ଏବଂ ବିଧାନସଭା ସୌଧସ୍ଥିତ ଶିଳାନ୍ୟାସ ଫଳକ ସ୍ଥଳକୁ ଆଲୋକମାଳାରେ ସଜ୍ଜିତ କରାଯିବ। ବୈଠକରେ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ କମିଶନର ତଥା ଶାସନ ସଚିବ ସୁଜାତା ଆର୍. କାର୍ତ୍ତିକେୟନ, ବିଡିଏ ଉପାଧ୍ୟକ୍ଷ ବଲୱନ୍ତ ସିଂ, ଖୋର୍ଦ୍ଧା ଜିଲାପାଳ ଚଞ୍ଚଳ ରାଣା, ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟି ସଭାପତି ପ୍ରଦୋଷ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# 'ରଜନୀ କା ସଙ୍ଗୀତ ଔର୍ ଅନ୍ୟ କବିତାଏଁ' ପାଠକାର୍ପିତ

ଭୁବନେଶ୍ୱର,୬।୪(ଶର୍ମିଷ୍ଠା ପାଣିଗ୍ରାହୀ)

ବରିଷ୍ଠ ପ୍ରଶାସନିକ ଅଧିକାରୀ ତଥା ରାଜ୍ୟ ସରକାରଙ୍କ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀଙ୍କ ଦ୍ୱାରା ରଚିତ ହିନ୍ଦୀ କବିତା ପୁସ୍ତକ 'ରଜନୀ କା ସଙ୍ଗୀତ ଔର ଅନ୍ୟ କବିତାଏଁ' ଶନିବାର କିସ୍ ବିଶ୍ୱବିଦ୍ୟାଳୟଠାରେ ପାଠକାର୍ପିତ ହୋଇଯାଇଛି। ଏହି ପୁସ୍ତକକୁ ଅନୁବାଦ କରିଛନ୍ତି ପ୍ରଖ୍ୟାତ ଅନୁବାଦକ ଅଜିତ ପ୍ରସାଦ ମହାପାତ୍ର। ଏହି ଉନ୍ମୋଚନ କାର୍ଯ୍ୟକ୍ରମରେ ଅତିଥି ଭାବେ ରାୟପୁରର ପଣ୍ଡିତ ରବି ଶଙ୍କର ଶୁକ୍ଲା ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ସଚ୍ଚିଦା ନନ୍ଦ ଶୁକ୍ଳା, କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ, ଅନୁବାଦକ ଅଜିତ ପ୍ରସାଦ ମହାପାତ୍ର, କିସ କୁଳପତି ପ୍ରଫେସର ଦୀପକ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସେଠୀ କହିଛନ୍ତି, ମୋ ଜୀବନର ୧୦ ବର୍ଷର ଅଭିଜ୍ଞତା ଓ ସ୍ମୃତିକୁ ନେଇ ଏହି କବିତାଗୁଡିକ ପୁସ୍ତକରେ ସ୍ଥାନ ପାଇଛି। ଯେଉଁମାନେ ହିନ୍ଦୀ କବିତା ପଢିବା ପାଇଁ ଚାହୁଁଥିବା ପାଠକଙ୍କୁ ଏହା ଅଧିକ ପସନ୍ଦ ଆସିବ ବୋଲି ଆଶା କରୁଛି।

# ମହାବୀର ୱାରିଅର ଫାଇନାଲରେ

ବୋଲଗଡ଼,୬।୪(ଦେବବ୍ରତ ହୋତା)

ସ୍ଥାନୀୟ ପରମାନନ୍ଦ କଲେଜ ନିକଟ ଖେଳପଡ଼ିଆରେ ଚାଲିଥିବା ବୋଲଗଡ଼ ପ୍ରିମିୟର ଲିଗ୍(ବିପିଏଲ୍)ର ଦଶମ ସଂସ୍କରଣରେ ଶନିବାର ମହାବୀର ୱାରିଅର ଓ ରାଜା ଫାଇଟର ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଟସ୍ ଜିତି ରାଜା ଫାଇଟର ପ୍ରଥମେ ବ୍ୟାଟିଂକରି ନିର୍ଦ୍ଧାରିତ ୧୦ ଓଭରରେ ୬ ଉଇକେଟ ହରାଇ ୧୩୨ ରନ୍ ସଂଗ୍ରହ କରିଥିଲା। ଜବାବରେ ମହାବୀର ୱାରିଅର ୧୦ ଓଭରରେ ୨ ଉଇକେଟ ବିନିମୟରେ ୧୩୪ ରନ୍ ସଂଗ୍ରହ କରି ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ବିଜୟୀ ଟିମ୍‌ର ଖେଳାଳି ବଳି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ। ସେହିପରି ସକାଳେ ଅନୁଷ୍ଠିତ ଅନ୍ୟ ଏକ ଲିଗ୍ ମ୍ୟାଚ୍ ସ୍ମାଇଲ ଇଲେଭେନ ଓ ରାନୀ ବ୍ଲାଷ୍ଟର ମଧ୍ୟରେ ଖେଳାଯାଇଥିଲା। ଟସ୍ ଜିତି ସ୍ମାଇଲ ଇଲେଭେନ ପ୍ରଥମେ ବ୍ୟାଟିଂକରି ୧୦ ଓଭରରେ ୪ ଉଇକେଟ ବିନିମୟରେ ୧୫୨ ରନ୍ ସଂଗ୍ରହ କରିଥିଲା। ଜବାବରେ ରାନୀ ବ୍ଲାଷ୍ଟର ୧୦ ଓଭରରେ ୭ ଉଇକେଟ ହରାଇ ୧୧୧ ରନ୍ କରି ପରାଜିତ ହୋଇଥିଲା। ଏହି ମ୍ୟାଚ୍‌ରେ ଟୁନିଆ ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇଥିବା ବେଳେ ରିଙ୍କୁ ଓ କାଳୁ ମ୍ୟାଚ୍ ପରିଚାଳନା କରିଥିଲେ। ବିପିଏଲ୍ ପରିଚାଳନା କମିଟି ସଦସ୍ୟ ଗୁଡ୍ଡୁ, ମୋହିତ, ସାଗର, କାଳିଆ, ପିଣ୍ଟୁ, ହାପି, ସ୍ନେହାଂଶୁ ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।



# 'ଅଧିକାର ଛାଡ଼ିବା, କର୍ତ୍ତବ୍ୟ ଭୁଲିବା ଉଚିତ ନୁହେଁ'

ଭୁବନେଶ୍ୱର,୬।୪(ଅନୁରାଧା ମହାରଣା)




ଅନ୍ତର୍ଜାତୀୟ ସମ୍ମିଳନୀରେ ଯୋଗଦେଇଥିବା ଅତିଥିମାନେ।

**ଆଇନ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ**

ନାଗରିକମାନେ ଅଧିକାର ଛାଡ଼ିବା ଉଚିତ ନୁହେଁ କିମ୍ବା କର୍ତ୍ତବ୍ୟ ଭୁଲିବା ଉଚିତ୍ ନୁହେଁ। ଉତ୍କଳ ବିଶ୍ୱ ବିଦ୍ୟାଳୟ ଆଇନ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଅବସରରେ ଆୟୋଜିତ ଅନ୍ତର୍ଜାତୀୟ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୁପ୍ରିମ୍‌କୋର୍ଟ ଜଷ୍ଟିସ୍ ପ୍ରଶାନ୍ତ କୁମାର ମିଶ୍ର ଏପରି ମତ ଦେଇଛନ୍ତି। ଶନିବାର ମହାବିଦ୍ୟାଳୟ ପରିସରରେ ଏହି ଦୁଇଦିନିଆ ସମ୍ମିଳନୀର ଉଦଘାଟନ ହୋଇଛି। ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରାଦେଶିକ ସଂଗୀତ ଓ ବିଶ୍ୱବିଦ୍ୟାଳୟ ସଂଗୀତ ଗାନରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ବିଶ୍ୱବିଦ୍ୟାଳୟ କୁଳପତି ସବିତା ଆଚାର୍ଯ୍ୟ ପୌରହିତ୍ୟରେ ଅନୁଷ୍ଠିତ ଏହି ସଭାକାର୍ଯ୍ୟରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପ୍ରଫେସର ଏସ୍ କେ ନନ୍ଦ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ମିଳନୀର ବିଷୟବସ୍ତୁ 'ଭାରତ ପ୍ରସଙ୍ଗରେ ବିଶ୍ୱସ୍ତରୀୟ ମାନବାଧିକାର ଘୋଷଣାର ତର୍ଜମା' ସମ୍ପର୍କରେ ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ବିଭାଗ ମୁଖ୍ୟ ଡ. ଏମ୍ କେ ସାହୁଆଳ ସୂଚନା ଦେଇଥିଲେ। ଅତିଥି ଭାବେ ଯୋଗ ଦେଇଥିବା ବନାରସ ହିନ୍ଦୁ ବିଶ୍ୱବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ପ୍ରଫେସର ଡ. ଭିକେଶ୍ ରାମ୍ ତ୍ରିପାଠୀ ସମ୍ମିଳନୀ ପ୍ରସଙ୍ଗ ସମ୍ପର୍କରେ ସୁଚିନ୍ତିତ ମତ ରଖିଥିବାବେଳେ କୃତ୍ରିମ ବୁଦ୍ଧିମତା(ଏଆଇ) ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ଅନ୍ୟତମ ଅତିଥି ଭାବେ କାଠମାଣ୍ଡୁସ୍ଥିତ ତ୍ରିଭୁବନ ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ପ୍ରଫେସର ଡ. ବଳରାମ ପ୍ରସାଦ ବିଶ୍ୱସ୍ତରୀୟ ମୂଲ୍ୟବୋଧ ଏବଂ ଜାତୀୟ ବାସ୍ତବତା କ୍ଷେତ୍ରରେ ସୃଷ୍ଟି ହେଉଥିବା ଆହ୍ୱାନ ସମ୍ପର୍କରେ ମତ ରଖିଥିଲେ। ସେ ତାଙ୍କ ଅଭିଭାଷଣରେ ଓଡ଼ିଶା ଉଚ୍ଚ ପ୍ରଂଶସା କରିବା ସହ ପୁରୀ ବାରମ୍ବାର ଆସିବାକୁ ଚାହୁଁଥିବା କହିଥିଲେ। ଜଷ୍ଟିସ୍ ଶତ୍ରୁଘ୍ନ ପୂଜାରୀଙ୍କ ଅଭିଭାଷଣ ପରେ ସମ୍ମାନିତ ଅତିଥି ତଥା ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣସିଂହ ନାଗରିକଙ୍କ ମୌଳିକ ଅଧିକାର ସମ୍ପର୍କରେ ମତ ରଖିଥିଲେ। ସେ କହିଥିଲେ ଆମ ଅଧିକାର ପାଇବା ପାଇଁ ସରକାରଙ୍କ ଠାରୁ ଯେପରି ଆଶା ରଖିଥାଉ ଦେଶପ୍ରତି ଥିବା ଆମ କର୍ତ୍ତବ୍ୟ ପୂରଣ କରିବା ପାଇଁ ଆଗଭର ହେବା ଉଚିତ୍। ଜଣେ ସ୍ୱାଧିନତାର ସହ ବଞ୍ଚିବା ପାଇଁ ଅନ୍ୟ ଜଣଙ୍କ ସ୍ୱାଧୀନତା ପ୍ରତି ଅଣଦେଖା କରିବା ଉଚିତ୍ ନୁହେଁ ବୋଲି ସେ କାହାଣୀ ଛଳରେ ବୁଝାଇଥିଲେ। ମୁଖ୍ୟ ଅତିଥି ତଥା ସୁପ୍ରିମ୍‌କୋର୍ଟ ଜଷ୍ଟିସ୍ ପ୍ରଶାନ୍ତ କୁମାର ମିଶ୍ର ମାନବାଧିକାର ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ପରିଶେଷରେ ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା।

**ସଂକ୍ଷେପରେ**

## ଲୋକଙ୍କୁ ଭେଟୁଛନ୍ତି, ହୃଦୟ ଜିଣୁଛନ୍ତି ମନ୍ମଥ

ଖୋର୍ଦ୍ଧା,୬।୪(ପ୍ରଭାତ ପାଣିଗ୍ରାହୀ): ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ସାନପୁଅ ମନ୍ମଥଙ୍କୁ ବିଜେଡି ଭୁବନେଶ୍ୱର ଲୋକ ସଭା ଆସନ ପାଇଁ ପ୍ରାର୍ଥୀ କରିଛି। ଟିକେଟ ଘୋଷଣା ପରେ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି ମନ୍ମଥ। ଭୁବନେଶ୍ୱର ଏକାମ୍ର, ଉତ୍ତରରେ ପ୍ରଚାର କାର୍ଯ୍ୟରେ ଯୋଗଦେଇ ଲୋକଙ୍କ ନିକଟତର ହେବାକୁ ଲାଗିଛନ୍ତି। କେତେବେଳେ ଭୁବନେଶ୍ୱରର ବିଭିନ୍ନ ପାର୍କ ବୁଲି ଲୋକଙ୍କ ସହ ବ୍ୟାଡ୍‌ମିଣ୍ଟନ ଖେଳିଲେଣି ତ ଆଉ କେଉଁଠି ଯୋଗ, ବ୍ୟାୟାମ କରି ପ୍ରଚାର କରୁଛନ୍ତି ମନ୍ମଥ। ଗତ ଶୁକ୍ରବାର ଭୁବନେଶ୍ୱର ଏମ୍ସ ମେଡିକାଲରେ ମନ୍ମଥ ପହଞ୍ଚି ଚିକିତ୍ସିତ ହେବାକୁ ଆସି ବାହାରେ ଅପେକ୍ଷା କରିଥିବା ରୋଗୀଙ୍କ ସହ ଆଲୋଚନା କରିଥିଲେ। ଅନେକ ରୋଗୀ ରାସ୍ତାକଡ଼ରେ ଶୋଇଥିବା ଦେଖି ଦୁଃଖପ୍ରକାଶ କରିଥିଲେ। ଗତ ବୁଧବାର ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ଦଳୀୟ କାର୍ଯ୍ୟାଳୟର ଏକ ସମ୍ବର୍ଦ୍ଧନା ସଭାରେ ଯୋଗଦେଇ ଦଳୀୟ କର୍ମୀଙ୍କୁ ସମ୍ବୋଧିତ କରିଥିଲେ। ଯୁବ ବିକାଶ, ନେତୃତ୍ୱ ଉପରେ ଗୁରୁତ୍ୱ ଦେଇଥିଲେ। ସ୍ଥାନୀୟ ବିଧାୟକଙ୍କ ସମେତ ବହୁ ଜନପ୍ରତିନିଧି ଓ କର୍ମୀ ଉପସ୍ଥିତ ଥିଲେ। କର୍ମୀଙ୍କ ମଧ୍ୟରେ ଉତ୍ସାହ ଭରିଥିଲେ। ଶୁକ୍ରବାର ଜରିପୁଟସ୍ଥିତ ହନୁମାନ ମନ୍ଦିର ପରିଦର୍ଶନ କରିଥିଲେ। ହନୁମାନଙ୍କ ଦର୍ଶନ ସହ ସେଠାରେ ଉପସ୍ଥିତ ସ୍ଥାନୀୟ ଲୋକଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଲୋକଙ୍କ ହୃଦୟ ଜିଣିଥିଲେ। ଲୋକଙ୍କ ସାଥିରେ ବିଜେଡି ସଦାସର୍ବଦା ରହିଛି। ଆଗକୁ ମଧ୍ୟ ଜନକଲ୍ୟାଣ ତଥା ଲୋକାଭିମୁଖୀ କାର୍ଯ୍ୟ ଜାରି ରହିବ ବୋଲି ମନ୍ମଥ ରାଉତରାୟ କହିଛନ୍ତି।

## ମୋରମ ବୋଝେଇ ହାଇଓ୍ୱା ଜବତ, ଚାଳକ ଗିରଫ

ନିରାକାରପୁର,୬।୪ (ମାନସ ଚନ୍ଦ୍ର ପଟ୍ଟନାୟକ): ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅଞ୍ଚଳରେ ବେଆଇନଭାବେ ମୋରମ, ମାଙ୍କଡ଼ା ପଥର ଚାଲାଣ ହେଉଛି। ବାରମ୍ବାର ପୋଲିସ ପକ୍ଷରୁ ଚଢ଼ାଉ ହେଉଥିଲେ ମଧ୍ୟ ଚୋରାଚାଲାଣ ଥମୁନି। ଏହି କ୍ରମରେ ଶନିବାର ନୂଆ ଜଗନ୍ନାଥ ରୋଡ୍ ମାଲୁଣି ପୋଖରୀ ନିକଟରେ ନିରାକାରପୁର ପୋଲିସ ଚଢ଼ାଉ କରି ଚୋରାଚାଲାଣ ହେଉଥିବା ଏକ ମୋରମ ବୋଝେଇ ହାଇଓ୍ୱା (ଓଡି-୩୫ଇ-୫୪୦୦)କୁ ଜବତ କରିଛି। ଏଥିସହ ଚାଳକ ପୁରୀ ଜିଲା ନିମାପଡ଼ା ଥାନା ଅନ୍ତର୍ଗତ ବୁଧେଇ ଗ୍ରାମର ଅଶୋକ କୁମାର ଭୋଇଙ୍କୁ ଗିରଫ କରାଯାଇଛି। ଥାନା ଅଧିକାରୀ ବିଶ୍ୱଜିତ୍ ରାଉତରାୟଙ୍କ ନିର୍ଦ୍ଦେଶକ୍ରମେ ଏହି ଚଢ଼ାଉ କରାଯାଇଥିଲା। ଅନ୍ୟପଟେ ଏନେଇ ଥାନାରେ ଏକ ମାମଲା (ନଂ.୯୫/୨୪) ରୁଜୁ ପରେ ଚାଳକ ଅଶୋକଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ଏସ୍ଆଇ ଅରବିନ୍ଦ ରାଉଳ ଓ ଏସ୍ଆଇ ଦୀପାଳିଶା ନାୟକ ସୂଚନା ଦେଇଛନ୍ତି।

# ସ୍ତ୍ରୀଙ୍କ ଚରିତ୍ରକୁ ଆକ୍ଷେପ କରିବାରୁ ଛୁରି ଭୁସିଥିଲେ କାଳିଆ

**ସୀମା ସୈଗଲ ହତ୍ୟା ଘଟଣାର ପର୍ଦ୍ଦାଫାଶ**

**୪ ମାସ ପରେ ଅଭିଯୁକ୍ତ ଗିରଫ, ଛୁରି ଜବତ**


କାଳିଆ ସ୍ୱାଇଁ

ଭୁବନେଶ୍ୱର,୬।୪ (ସୂର୍ଯ୍ୟକାନ୍ତ ବେହେରା)

ଇନ୍‌ଫୋସିଟି ଥାନା ଅନ୍ତର୍ଗତ ଶିଖରଚଣ୍ଡୀନଗର ଅଞ୍ଚଳରେ ଗତ ୪ ମାସ ତଳେ ଘଟିଥିବା ସୀମା ସୈଗଲ ହତ୍ୟା ମାମଲାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଏଥିସହ ଏହି ଘଟଣାର ପର୍ଦ୍ଦାଫାଶ କରିଛି। ଗିରଫ ଅଭିଯୁକ୍ତ ହେଲେ ଶିଖରଚଣ୍ଡୀନଗର ବସ୍ତିରେ ରହୁଥିବା ଗଞ୍ଜାମର କାଳିଆ ସ୍ୱାଇଁ। ତାଙ୍କୁ କୋର୍ଟ ଚାଲାଣ ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଡିସିପି ପ୍ରତୀକ ସିଂ ସୂଚନା ଦେଇଛନ୍ତି। ତେବେ ମୃତ ସୀମା ଅଭିଯୁକ୍ତଙ୍କ ସ୍ତ୍ରୀର ଚରିତ୍ରକୁ ନେଇ ବାରମ୍ବାର ଆକ୍ଷେପ କରିବା ସହ ଖରାପ ମନ୍ତବ୍ୟ ଦେବାରୁ ସେ ତାଙ୍କୁ ଛୁରି ଭୁସି ଦେଇଥିଲେ। ଫଳରେ ସୀମାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ତେବେ ଗିରଫ ପରେ ଅଭିଯୁକ୍ତ କାଳିଆଙ୍କଠାରୁ ଆକ୍ରମଣରେ ବ୍ୟବହୃତ ଛୁରି ଜବତ ହୋଇଥିବା ଡିସିପି ସିଂ କହିଛନ୍ତି।

ସୂଚନାନୁସାରେ, ମୃତକ ସୀମା ସୈଗଲ ଓ ଅଭିଯୁକ୍ତ କାଳିଆ ପରିବାର ସହ ଶିଖରଚଣ୍ଡୀ ବସ୍ତିରେ ରହୁଥିବା ବେଳେ ଉଭୟ ପରସ୍ପରକୁ ବେଶ୍ ଭଲ ଭାବେ ଜାଣନ୍ତି। ଘଟଣାର କିଛିଦିନ ପୂର୍ବରୁ ସୀମା କାଳିଆଙ୍କ ସ୍ତ୍ରୀ ଚରିତ୍ରକୁ ଆକ୍ଷେପ କରି ବିଭିନ୍ନ ଖରାପ ମନ୍ତବ୍ୟ ଦେଇଥିଲେ। ହେଲେ ଏଥିରୁ ନିବୃତ୍ତ ରହିବାକୁ କାଳିଆ ତାଙ୍କୁ ବାରମ୍ବାର ତାଗିଦ କରୁଥିଲେ ମଧ୍ୟ ସେ କିଛି ଶୁଣୁ ନ ଥିଲେ। ଗତ ୬ ଡିସେମ୍ବର ୨୦୨୩ ତାରିଖ ସନ୍ଧ୍ୟାରେ ଏହି ଘଟଣାକୁ କେନ୍ଦ୍ର କରି ଉଭୟଙ୍କ ମଧ୍ୟରେ ପ୍ରଥମେ ଯୁକ୍ତିତର୍କ ଓ ପରେ ମାରପିଟ୍ ହୋଇଥିଲା। ପରେ ରାତି ପ୍ରାୟ ୧୧ଟାରେ ସୀମା ଦୁଇଜଣ ବ୍ୟକ୍ତି ଚିନା ଏବଂ ଅବିନାଶଙ୍କ ସହ ଜାଲିମୁଣ୍ଡା ସାହି ମୁଖ୍ୟ ରାସ୍ତା କଡ ଏକ ସ୍ଥାନରେ ବସି କଥା ହେଉଥିବାବେଳେ କାଳିଆ ସେଠାକୁ ଆସି ଏକ ଧାରୁଆ ଛୁରିକୁ ତାଙ୍କ ପେଟରେ ଭୁସି ଘଟଣାସ୍ଥଳରୁ ପଳାଇଥିଲେ। ଖବର ପାଇ ସୀମାଙ୍କ ସ୍ତ୍ରୀ ସୁମିତ୍ରା ସେଠାରେ ପହଞ୍ଚି ଗୁରୁତର ଅବସ୍ଥାରେ ସ୍ୱାମୀଙ୍କୁ ଉଦ୍ଧାର କରି ପ୍ରଥମେ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଂକଟାପନ୍ନ ହେବାରୁ କଟକ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସିତ ଅବସ୍ଥାରେ ଗତ ଡିସେମ୍ବର ୮ରେ ସୀମାଙ୍କର ମୃତ୍ୟୁ ହୋଇଥିଲା। ମୃତ ସୀମାଙ୍କ କ୍ଷତ ସାଇକେଲ ହ୍ୟାଣ୍ଡେଲ ଆଘାତରୁ ହୋଇଥିବା ପରିବାର ଲୋକେ ସନ୍ଦେହ କରୁଥିଲେ। ହେଲେ ବ୍ୟବଚ୍ଛେଦ ରିପୋର୍ଟରେ ଧାରୁଆ ଅସ୍ତ୍ରାଘାତ ଯୋଗୁ ସୀମାଙ୍କ ମୃତ୍ୟୁ ହୋଇଥିବା ଜଣାପଡିବା ପରେ ହସ୍ପିଟାଲ ତରଫରୁ ମଙ୍ଗଳାବାଗ ଥାନାରେ ଏକ ଯୁଡି ମାମଲା ରୁଜୁ କରାଯାଇଥିଲା। ତେବେ ଗତ ୨ତାରିଖରେ ସୀମାଙ୍କ ସ୍ତ୍ରୀ ସୁମିତ୍ରା ବ୍ୟବଚ୍ଛେଦ ରିପୋର୍ଟ ପାଇବା ପରେ ସ୍ୱାମୀଙ୍କୁ ହତ୍ୟା କରାଯାଇଥିବା ନେଇ ଇନ୍‌ଫୋସିଟି ଥାନାରେ ୪ ତାରିଖରେ ଅଭିଯୋଗ କରିଥିଲେ। ପୋଲିସ ଘଟଣା ସମ୍ପର୍କରେ ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ, ବ୍ୟବଚ୍ଛେଦ ରିପୋର୍ଟ ଓ ମଙ୍ଗଳାବାଗ ଥାନା ପୋଲିସର ସୂଚନା ଆଧାରରେ ହତ୍ୟା ଦଫାରେ ମାମଲା (ନଂ.୧୫୬/୨୦୨୪) ରୁଜୁ କରି ଅଭିଯୁକ୍ତ କାଳିଆଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲା।

# ଏକାମ୍ରରେ ବିଜେଡିର ନିର୍ବାଚନ ପ୍ରସ୍ତୁତି ବୈଠକ




ପୁରୁଣା ଭୁବନେଶ୍ୱର,୬।୪(ସୁବାସ ଚନ୍ଦ୍ର ପ୍ରଧାନ)

ଭୁବନେଶ୍ୱର ଏକାମ୍ର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବ୍ରହ୍ମେଶ୍ୱର ନିକଟ ଏକ ମଣ୍ଡପରେ ବିଜୁ ଜନତା ଦଳ(ବିଜେଡି) ପକ୍ଷରୁ ନିର୍ବାଚନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏକାମ୍ରର ବିଧାୟକ ପ୍ରାର୍ଥୀ ତଥା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଭୁବନେଶ୍ୱର ଲୋକ ସଭା ପ୍ରାର୍ଥୀ ମନ୍ମଥ ରାଉତରାୟ, ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ। ଚଳିତ ନିର୍ବାଚନରେ ଦଳ ପକ୍ଷରୁ ହାଉସ ଟ୍ୟାଗିଂ, ବୁଥ୍ କମିଟି, ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ସହିତ ଆଲୋଚନା, ନୂଆ କରି ଭୋଟ ଗ୍ରହଣରେ ଅଂଶଗ୍ରହଣ କରୁଥିବା ଯୁବ ଗୋଷ୍ଠୀଙ୍କୁ ଆକର୍ଷିତ କରାଇବା ଏବଂ ବରିଷ୍ଠ ନାଗରିକଙ୍କ ସହିତ ନିର୍ବାଚନ ସଂକ୍ରାନ୍ତୀୟ ଆଲୋଚନା କରିବା ପାଇଁ ପରାମର୍ଶ ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଏକାମ୍ର ମହିଳା ସଭାନେତ୍ରୀ ମହାମାୟା ସ୍ୱାଇଁ, ଯୁବ ସଭାପତି ସମରେଶ ବେଉରା, ଛାତ୍ର ଉପସଭାପତି ଅଜିତ୍ ବେହେରା, ଓଡ଼ିଶା କୃଷିଶିଳ୍ପ ନିଗମ ଉପାଧ୍ୟକ୍ଷ ଡ. ସନ୍ତୋଷ ବେଜ, ସହ ପର୍ଯ୍ୟବେକ୍ଷକ ଶୁଭ୍ରାଂଶୁ ମିଶ୍ର, ଛାତ୍ର ସମ୍ପାଦକ ଶିବ ପ୍ରସାଦ ମହାପାତ୍ର, ରାଜେଶ ପାତ୍ର, ପୂର୍ଣ୍ଣେନ୍ଦୁ ପୂଜାପଣ୍ଡା, ବରିଷ୍ଠ ନେତା ସନ୍ତୋଷ ମହାନ୍ତି, ପ୍ରତାପ ଜେନା ପ୍ରମୁଖ ଉପସ୍ଥିତ ଥିଲେ।



ଜେଡି କ୍ରିଏଟିଭ୍ ଷ୍ଟୁଡିଓ ପକ୍ଷରୁ ଭଞ୍ଜକଳା ମଣ୍ଡପରେ ଶନିବାର ଅନୁଷ୍ଠିତ ଦ୍ୱିତୀୟ ବାର୍ଷିକ ଉତ୍ସବରେ ଶିଶୁ କଳାକାରଙ୍କ ସହ ଅତିଥିମାନେ।

# କଟକରେ ଜଣ୍ଡିସ୍ ଆତଙ୍କ

**ପରୀକ୍ଷା ପାଇଁ ପଠାଗଲା ପାଣି ନମୁନା**

କଟକ, ୬।୪(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ମହାନଗର ନିଗମ(ସିଏମ୍‌ସି)ର ୫୨ ନମ୍ବର ଓ୍ୱାର୍ଡ ଅଧୀନ ରାଜେନ୍ଦ୍ର ନଗର ଅଞ୍ଚଳରେ ଜଣ୍ଡିସ ଆତଙ୍କ ଦେଖାଦେଇଛି। ଦୂଷିତ ପାଣି ଯୋଗୁ ଏଭଳି ବ୍ୟାପିଥିବା ଆଶଙ୍କା କରାଯାଉଛି। ଉକ୍ତ ଅଞ୍ଚଳର ବୟସ୍କ ବ୍ୟକ୍ତିଙ୍କ ସମେତ ପ୍ରାୟ ୮ ଜଣ ଶିଶୁ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି। ଉକ୍ତ ଅଞ୍ଚଳର କେତେଜଣ ବୁଦ୍ଧିଜୀବୀଙ୍କଠାରୁ ଏ ସମ୍ପର୍କରେ ଖବର ପାଇବା ପରେ ଜିଲା ସ୍ୱାସ୍ଥ୍ୟ ବିଭାଗ ସମେତ ଅନ୍ୟ ଅଧିକାରୀମାନେ ଶନିବାର ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏଥିସହ ପାଣି ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇଛନ୍ତି। ଆକ୍ରାନ୍ତଙ୍କ କେତେଜଣ ଜିଲା ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବାବେଳେ ଆଉ କିଛି ଘରେ ରହି ଚିକିତ୍ସିତ ହେଉଥିବା ଜଣାପଡିଛି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ମକରନ୍ଦ ବେଉରା କହିଛନ୍ତି, କେବଳ ଦୂଷିତ ପାଣି ଜଣ୍ଡିସ୍‌ର କାରଣ ନୁହେଁ। ଏହାର ଅନ୍ୟ କାରଣ ମଧ୍ୟ ରହିଛି। ବିଭିନ୍ନ ଦିଗକୁ ନେଇ ତଦନ୍ତ କରାଯାଉଛି। ପାଣି ନମୁନା ପରୀକ୍ଷା ପାଇଁ ପଠାଯାଇଛି। ରିପୋର୍ଟ ଆସିଲେ ଜଣ୍ଡିସ୍ ବ୍ୟାପିବାର କାରଣ ଜଣାପଡିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଉକ୍ତ ଅଞ୍ଚଳର ପ୍ରାୟ ୬୦ ଜଣ ଜଣ୍ଡିସ୍‌ରେ ଆକ୍ରାନ୍ତ ହୋଇଥିବା ଅଭିଯୋଗ ହୋଇଥିଲା। ଏନେଇ ଜିଲା ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍, ନୂଆବଜାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏକ ଟିମ୍ ରାଜେନ୍ଦ୍ରନଗର ଅଞ୍ଚଳରେ ପହଞ୍ଚି ଲୋକଙ୍କଠାରୁ ରକ୍ତ ନମୁନା ସଂଗ୍ରହ କରିଥିଲେ। ପ୍ରଥମ ପର୍ଯ୍ୟାୟ ଯାଞ୍ଚବେଳେ ୬ ଜଣ ସଂକ୍ରମିତ ହୋଇଥିବା ଜଣାପଡିଛି।


କଟକ ଜିଲା ବଡ଼ମ୍ବା ନିର୍ବାଚନମଣ୍ଡଳୀର ଭାଜପା ନେତା ଓ କର୍ମୀମାନେ ଶନିବାର ଦଳ ପକ୍ଷରୁ ଘୋଷିତ ବିଧାୟକ ପ୍ରାର୍ଥୀ ସମ୍ବିତ ତ୍ରିପାଠୀଙ୍କୁ ବିରୋଧ କରି ଭୁବନେଶ୍ୱରସ୍ଥିତ ରାଜ୍ୟ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରୁଛନ୍ତି।

# ପ୍ରାର୍ଥୀ ଘୋଷଣା ହୋଇନି, ପ୍ରଚାର କଲେଣି ଆଶାୟୀ

**ପ୍ରତିଶ୍ରୁତି ମିଳିଛି, ଟିକେଟ ନିଶ୍ଚିତ ପାଇବି: କାଲୁ**

ଖୋର୍ଦ୍ଧା,୬।୪(ପ୍ରଭାତ ପାଣିଗ୍ରାହୀ)



ଖୋର୍ଦ୍ଧା ବିଧାନସଭା ଆସନ ପାଇଁ ଭାଜପା ପକ୍ଷରୁ ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇନାହିଁ। ହେଲେ ଟିକେଟ ଘୋଷଣାକୁ ଅପେକ୍ଷା ନ କରି ଭାଜପା ଆଶାୟୀ ପ୍ରାର୍ଥୀ କାଳୁଚରଣ ଖଣ୍ଡାୟତରାୟ ସମର୍ଥକଙ୍କ ସହ ଗାଁକୁ ଗାଁ ବୁଲିବା ଆରମ୍ଭ କରିଛନ୍ତି। ଟାଙ୍ଗୀ ବ୍ଲକ ଭୂଷଣ୍ଡପୁର ପଞ୍ଚାୟତରେ କାଲୁ ଶତାଧିକ ମହିଳା ପୁରୁଷ, ଯୁବକର୍ମୀଙ୍କୁ ଧରି ସାହିକି ସାହି ବୁଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକାଶ, ଜନକଲ୍ୟାଣ ଯୋଜନା ସମ୍ପର୍କରେ ଲୋକଙ୍କୁ ଜଣାଇବା ସହ ନିଜ ସପକ୍ଷରେ ଭୋଟ୍ ପାଇଁ ନିବେଦନ କରୁଛନ୍ତି। ଏ ସମ୍ପର୍କରେ କାଲୁ କହିଛନ୍ତି, ମୁଁ ଭାଜପାରେ ଅଛି ଓ ଆଗାମୀ ଦିନରେ ରହିବି। ଦୀର୍ଘ ୭ ବର୍ଷ ଧରି ସଙ୍ଗଠନର ସମସ୍ତ କାର୍ଯ୍ୟକ୍ରମ କରିବା ସହ ମଣ୍ଡଳ କମିଟି, ପଞ୍ଚାୟତ କମିଟି ଓ ବୁଥ୍ କମିଟି କରି ସଙ୍ଗଠନକୁ ମଜଭୁତ କରିବା କାର୍ଯ୍ୟକ୍ରମ ଜାରି ରଖିଛି। ଦଳ ସଙ୍ଗଠନ ସମ୍ପାଦକ ଏବଂ ଓଡ଼ିଶା ପ୍ରଭାରୀଙ୍କ ସହ ଆଲୋଚନା କରିଛି। ପ୍ରତିଶ୍ରୁତି ମିଳିଛି, ତେଣୁ ଟିକେଟ ମୋତେ ନିଶ୍ଚୟ ମିଳିବ ବୋଲି ସେ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ନିରାକାରପୁର ମଣ୍ଡଳ ସଭାପତି ଆଲୋକ ରଞ୍ଜନ ଛୋଟରାୟ, ବଡ଼ପୋଖରିଆ ମଣ୍ଡଳ ସଭାପତି ବିପିନ ପାଲ୍‌ଟାସିଂହ, ଆଶିଷ ବରିଶଲ, ପ୍ରକାଶ ସାହୁ, ଗଙ୍ଗାଧର ଚମ୍ପତି, ମନୋରଞ୍ଜନ ଦାସ, ସଂଗ୍ରାମ କେଶରୀ ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ପରିଡ଼ା, ମହନ୍ତ ବେହେରା, କିଶୋର ଚନ୍ଦ୍ର ବରାଳ, ନଗର ସାଧାରଣ ସମ୍ପାଦକ ତ୍ରିଲୋଚନ ଦାସ, ଅଭିମନ୍ୟୁ ଘଟୁଆଳ, ଜିତେନ୍ଦ୍ର ବେହେରା, ପ୍ରଦ୍ୟୁମ୍ନ ହରିଚନ୍ଦନ, ରଞ୍ଜନ ବଡ଼ଜେନା ପ୍ରମୁଖ ବହୁ କାର୍ଯ୍ୟକର୍ତ୍ତା ସାମିଲ ଥିଲେ। ସୂଚନାଥାଉ କି, ନିକଟରେ ଭାଜପାରେ ଯୋଗଦେଇଥିବା ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବଙ୍କୁ ଖୋର୍ଦ୍ଧା ଦାୟିତ୍ୱ ଦେବାନେଇ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଘୋଷଣା କରିଥିଲେ। ଏନେଇ କାଲୁଙ୍କ ସମର୍ଥକମାନେ ରାଜ୍ୟ ଭାଜପା କାର୍ଯ୍ୟାଳୟ ଆଗରେ ହୋହାଲ୍ଲା କରିଥିଲେ। ସମର୍ଥକମାନେ ଅପରାଜିତାଙ୍କୁ ସମାଲୋଚନା କରିଥିବା ବେଳେ କାଲୁଙ୍କୁ ଟିକେଟ ଦେବା ପାଇଁ ଦାବି କରିଥିଲେ।

# ‘ରଜନୀ କା ସଙ୍ଗୀତ ଔର୍ ଅନ୍ୟ କବିତାଏଁ’ ପାଠକାର୍ପିତ

ଭୁବନେଶ୍ୱର,୬।୪(ଶର୍ମିଷ୍ଠା ପାଣିଗ୍ରାହୀ)

ବରିଷ୍ଠ ପ୍ରଶାସନିକ ଅଧିକାରୀ ତଥା ରାଜ୍ୟ ସରକାରଙ୍କ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀଙ୍କ ଦ୍ୱାରା ରଚିତ ହିନ୍ଦୀ କବିତା ପୁସ୍ତକ ‘ରଜନୀ କା ସଙ୍ଗୀତ ଔର ଅନ୍ୟ କବିତାଏଁ’ ଶନିବାର କିସ୍ ବିଶ୍ୱବିଦ୍ୟାଳୟଠାରେ ପାଠକାର୍ପିତ ହୋଇଯାଇଛି। ଏହି ପୁସ୍ତକକୁ ଅନୁବାଦ କରିଛନ୍ତି ପ୍ରଖ୍ୟାତ ଅନୁବାଦକ ଅଜିତ ପ୍ରସାଦ ମହାପାତ୍ର। ଏହି ଉନ୍ମୋଚନ କାର୍ଯ୍ୟକ୍ରମରେ ଅତିଥି ଭାବେ ରାୟପୁରର ପଣ୍ଡିତ ରବି ଶଙ୍କର ଶୁକ୍ଳା ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ସଚିଦା ନନ୍ଦ ଶୁକ୍ଳା, କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ, ଅନୁବାଦକ ଅଜିତ ପ୍ରସାଦ ମହାପାତ୍ର, କିସ କୁଳପତି ପ୍ରଫେସର ଦୀପକ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସେଠୀ କହିଛନ୍ତି, ମୋ ଜୀବନର ୧୦ ବର୍ଷର ଅଭିଜ୍ଞତା ଓ ସ୍ମୃତିକୁ ନେଇ ଏହି କବିତାଗୁଡିକ ପୁସ୍ତକରେ ସ୍ଥାନ ପାଇଛି। ଯେଉଁମାନେ ହିନ୍ଦୀ କବିତା ପଢିବା ପାଇଁ ଚାହୁଁଥିବା ପାଠକଙ୍କୁ ଏହା ଅଧିକ ପସନ୍ଦ ଆସିବ ବୋଲି ଆଶା କରୁଛି।


ପାନାସିଆ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଭୁବନେଶ୍ୱର ସୂଚନା ଭବନରେ ଶନିବାର ଆୟୋଜିତ ଫ୍ୟାଶନ ଶୋ’ ପ୍ରତିଯୋଗିତାରେ ଅତିଥିଙ୍କ ସହ ପ୍ରତିଯୋଗୀମାନେ।

# ଗୋଟିଏ ଦିନ ପାଳନ ହେବ ରାଜଧାନୀ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର, ୬।୪ (ବନ୍ଦନା ସେଠୀ)


ବୈଠକରେ ଅନ୍ୟ ଅଧିକାରୀଙ୍କ ସହ ଉନ୍ନୟନ କମିଶନର ଅନୁ ଗର୍ଗ।

ଆସନ୍ତା ୧୩ ତାରିଖରେ ୭୬ତମ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କରାଯିବ। ଏହି ପରିପ୍ରେକ୍ଷୀରେ ଏକ ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକ ଶନିବାର ଲୋକସେବା ଭବନରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲ ଦିବସ ପାଳନର ଗୁରୁତ୍ୱ ସମ୍ପର୍କରେ କହିଥିଲେ। ଚଳିତ ବର୍ଷ ସାଧାରଣ ନିର୍ବାଚନ ଦୃଷ୍ଟିରୁ ଆଦର୍ଶ ଆଚରଣ ବିଧି ବଳବତ୍ତର ରହୁଥିବାରୁ ଏହାକୁ ଅନୁପାଳନ ପୂର୍ବକ ସୀମିତ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ତେବେ ପ୍ରତିଷ୍ଠା ଦିବସକୁ ରାଜଧାନୀର ଜନ୍ମୋତ୍ସବ ଭାବେ ମର୍ଯ୍ୟାଦା ସହକାରେ ପାଳନ କରାଯିବ। ପୂର୍ବରୁ ସାଧାରଣତଃ ୩ଦିନ ଧରି ଏହି ପ୍ରତିଷ୍ଠା ଦିବସ ପାଳନ କରାଯାଉଥିବାବେଳେ ଆଚରଣ ବିଧି ପାଇଁ ଚଳିତ ବର୍ଷ ଗୋଟିଏ ଦିନ ଉତ୍ସବ ପାଳନ କରାଯିବ। ସକାଳେ ବିଧାନସଭା ସୌଧ ସମ୍ମୁଖ ରାଜଧାନୀ ପ୍ରତିଷ୍ଠା ଶିଳାନ୍ୟାସ ଫଳକରେ ପୁଷ୍ପମାଲ୍ୟ ଓ ପୁଷ୍ପଗୁଚ୍ଛ ଅର୍ପଣ କରାଯିବ। ମୁଖ୍ୟ ଅତିଥି ପ୍ରତିଷ୍ଠା ଦିବସ ପତାକା ଉତ୍ତୋଳନ କରିବେ। ପ୍ରଚଣ୍ଡ ରୌଦ୍ରତାପ ଜାରି ରହିଥିବାରୁ ରାଜଧାନୀ ଫଳକ ସମ୍ମୁଖ ରାସ୍ତାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ହୋଇ ଆସୁଥିବା ବେସାମରିକ ପରେଡ୍ ପ୍ରଦର୍ଶନ ହେବନାହିଁ। ସେହିପରି ଛାତ୍ରୀଛାତ୍ରଙ୍କୁ ସାମିଲ କରାଯାଇ ହେଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରତିଯୋଗିତା ମଧ୍ୟ ବନ୍ଦ ରହିବ। ତେବେ ସୂଚନା ଭବନଠାରେ ପ୍ରତିଷ୍ଠା ଦିବସ ସମାରୋହ ଏବଂ ରାଜ୍ୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିପାଇଁ ରାଜଧାନୀର ସମସ୍ତ ସରକାରୀ କାର୍ଯ୍ୟାଳୟ ଏବଂ ବିଧାନସଭା

**ଛାତ୍ରୀଛାତ୍ରଙ୍କ ପରେଡ୍, ସାଂସ୍କୃତିକ ପ୍ରତିଯୋଗିତା ବନ୍ଦ ରହିବ**

ସୌଧସ୍ଥିତ ଶିଳାନ୍ୟାସ ଫଳକ ସ୍ଥଳକୁ ଆଲୋକମାଳାରେ ସଜ୍ଜିତ କରାଯିବ। ବିଭିନ୍ନ ସ୍ଥାନରେ ତୋରଣ ଲଗାଯିବା ସହ ଶିଳାନ୍ୟାସ ପ୍ରତିଷ୍ଠା ଫଳକ ସ୍ଥଳ ସମେତ ସହରରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଏକ ଫଟୋ ପ୍ରଦର୍ଶନୀ ଅନୁଷ୍ଠିତ ହେବ। ଏଥିରେ ବିଏମ୍‌ସି ଓ ବିଡିଏର ମିଳିତ ସହଯୋଗରେ ରାଜଧାନୀ ପ୍ରତିଷ୍ଠା ପ୍ରାରମ୍ଭରୁ ଏଯାବତ୍ ରହିଥିବା ଐତିହ୍ୟ ଏବଂ ପୁରାତନ ସ୍ମୃତି ବହନ କରୁଥିବା ଫଟୋଚିତ୍ର ସ୍ଥାନ ପାଇବ। ବୈଠକରେ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ କମିଶନର ତଥା ଶାସନ ସଚିବ ସୁଜାତା ଆର୍. କାର୍ତ୍ତିକେୟନ, ବିଡିଏ ଉପାଧ୍ୟକ୍ଷ ବଲଓ୍ୱନ୍ତ ସିଂ, ଖୋର୍ଦ୍ଧା ଜିଲାପାଳ ଚଞ୍ଚଳ ରାଣା, ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟି ସଭାପତି ପ୍ରଦୋଷ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଦ୍ୱିତୀୟ ଦିନରେ ଓଡ଼ିଶା ଆଗୁଆ

## ଜାତୀୟ କମ୍ଵାଟ କୁସ୍ତି ଚାମ୍ପିୟନଶିପ୍

ପୁରୀ,୬।୪(ଅଜିତ୍ ମହାନ୍ତି)

ଓଡ଼ିଶା କମ୍ବାଟ ଆସୋସିଏଶନ୍ ଏବଂ ଜିଲା କମ୍ବାଟ ଆସୋସିଏଶନ୍ ଆନୁକୂଲ୍ୟରେ ପୁରୀ ତଥା ଦେଶରେ ପ୍ରଥମ କରି ସର୍ବଭାରତୀୟ କମ୍ବାଟ କୁସ୍ତି ଚାମ୍ପିୟନ୍‌ଶିପ ଶରଧାବାଲିଠାରେ ଆୟୋଜିତ ହୋଇଛି। ଉକ୍ତ ପ୍ରତିଯୋଗିତାରେ ଦେଶର ବିଭିନ୍ନ ରାଜ୍ୟର ପ୍ରତିଯୋଗୀମାନେ ଅଂଶ ଗ୍ରହଣ କରିଛନ୍ତି। ୩ଦିନ ଧରି ଏହି ପ୍ରତିଯୋଗିତା ଚାଲିଛି। ଶନିବାର ପ୍ରତିଯୋଗିତାର ଦ୍ୱିତୀୟ ଦିନରେ ଓଡ଼ିଶା ପ୍ରତିଯୋଗୀ ଆଗୁଆ ରହିଛନ୍ତି। ଦ୍ୱିତୀୟ ଦିନରେ ମୁଖ୍ୟଅତିଥି ଭାବେ ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ୍ ପାତ୍ର, ସମ୍ମାନିତ ଅତିଥି ଭାବରେ ଇଞ୍ଜିନିୟର ସୂର୍ଯ୍ୟନାରାୟଣ ରଥ, ରାମଚନ୍ଦ୍ର ମହାପାତ୍ର, କୃଷ୍ଣଚନ୍ଦ୍ର ସମାନ୍ତର ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଏଥିସହିତ ସିସିଓର ଚେୟାରମ୍ୟାନ ଜୟନ୍ତ ଷଡ଼ଙ୍ଗୀ, ସିଏଫ୍‌ଆଇର ସଭାପତି ପ୍ରବୀଣ ସିଂ, ସମ୍ପାଦକ ସଞ୍ଜୟ ରାଏ ଯୋଗ ଦେଇଥିଲେ। କମ୍ବାଟ ଚାମ୍ପିୟନ୍‌ଶିପ୍ କୁସ୍ତି କିପରି ଆନ୍ତର୍ଜାତିକସ୍ତରରେ ସୁନାମ ଅର୍ଜନ କରିପାରିବ ସେଥିପ୍ରତି ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବେ ବୋଲି ଅତିଥିମାନେ ପ୍ରତିଶ୍ରୁତି ଦେଇଥିଲେ। ଦ୍ୱିତୀୟ ଦିନ ପ୍ରତିଯୋଗିତାରେ ସିନିୟର ପୁରୁଷ ଓ ମହିଳା, ୩୫ ଉର୍ଦ୍ଧ୍ୱ ବୟସ୍କ ଓ ୧୯ବର୍ଷ ଜୁନିୟର ପୁରୁଷ ଓ ମହିଳା ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ଓଡ଼ିଶା ଦଳ ବିଭିନ୍ନ ବିଭାଗରେ ୩୫ ସ୍ୱର୍ଣ୍ଣ ପଦକ ଓ ୭ ରୌପ୍ୟ ପଦକ ହାସଲ କରିଛି। ହରିୟାଣା ୧୨ଗୋଟି ସ୍ୱର୍ଣ୍ଣ, ରୌପ୍ୟ ୧୮ ଏବଂ ୫ଟି ବ୍ରୋଞ୍ଜ ହାସଲ କରିଛି। ସେହିପରି ବିହାର ୩ଗୋଟି ସ୍ୱର୍ଣ୍ଣ ପଦକ ୫ ଗୋଟି ରୌପ୍ୟ ଓ ୩ ଗୋଟି ବ୍ରୋଞ୍ଜ ହାସଲ କରିଛି। ପଶ୍ଚିମବଙ୍ଗ ୪ଗୋଟି ସ୍ୱର୍ଣ୍ଣ ୫ ରୌପ୍ୟ ୫ ଓ ୪ବ୍ରୋଞ୍ଜ ପଦକ ହାସଲ କରିଥିବାବେଳେ ଛତିଶଗଡ ସ୍ୱର୍ଣ୍ଣ ୩, ରୌପ୍ୟ ୩, ବ୍ରୋଞ୍ଜ ୪, ଦିଲ୍ଲୀ ୪ ସ୍ୱର୍ଣ୍ଣ ୩ ରୌପ୍ୟ, ୨ ବ୍ରୋଞ୍ଜ୍ ହାସଲ କରିଛି।



କମ୍ବାଟ କୁସ୍ତି ପ୍ରତିଯୋଗିତାର ଦ୍ୱିତୀୟ ଦିବସରେ ଅତିଙ୍କ ଗହଣରେ କୁସ୍ତିବିତ୍‌ମାନେ ।





୬।୪।୨୦୨୪

| | |
|---|---|
| ୫,୫୯,୭୦୫ ଟଙ୍କା | |
| ସୁନା | ୧.୬୦୦ ଗ୍ରାମ |
| ରୁପା | ୧୪୫.୬୦୦ ଗ୍ରାମ |

## ସଂକ୍ଷେପରେ

### ଶ୍ରୀମନ୍ଦିର ୪ ଦ୍ୱାର ଖୋଲିବାକୁ ରାଜ୍ୟପାଳଙ୍କୁ ଦାବିପତ୍ର

ପୁରୀ,୬।୪(ଅଜିତ୍ ମହାନ୍ତି): ଶ୍ରୀଜଗନ୍ନାଥ ମନ୍ଦିରର ସମସ୍ତ ଦ୍ୱାରରେ ଭକ୍ତଙ୍କୁ ପ୍ରବେଶ ଲାଗି ଅନୁମତି ପ୍ରଦାନ କରିବାକୁ ହସ୍ତକ୍ଷେପ ପାଇଁ ଦାବିକରି ସାମାଜିକ କର୍ମୀ ଦିଲୀପ ବରାଳ ରାଜ୍ୟପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବରାଳ ତାଙ୍କ ଦାବିପତ୍ରରେ ଦର୍ଶାଇଛନ୍ତି, ଶ୍ରୀମନ୍ଦିର ରାଜ୍ୟ ଆଇନ ବିଭାଗ ଅଧୀନରେ ରହିଛି। ଶ୍ରୀମନ୍ଦିରକୁ ଭକ୍ତମାନେ କେବଳ ସିଂହଦ୍ୱାର ଦେଇ ପ୍ରବେଶ କରୁଛନ୍ତି। ଅନ୍ୟ ୩ ଦ୍ୱାରରେ ପ୍ରବେଶ ଉପରେ କଟକଣା ରହିଛି। ଶ୍ରୀମନ୍ଦିରର ୪ ଦ୍ୱାର ଚାରିଗୋଟି ମାର୍ଗର ପ୍ରତୀକ। ମାତ୍ର ଭକ୍ତଙ୍କୁ ୪ ଦ୍ୱାର ଦେଇ ଭିତରକୁ ଛଡ଼ାଯାଉନାହିଁ। କେବଳ ସିଂହଦ୍ୱାର ବାଟେ ଭକ୍ତଙ୍କୁ ଛଡ଼ାଯାଉଛି, ଫଳରେ ଭକ୍ତମାନେ ବାରିକେଡ୍‌ରେ ଲମ୍ୱାଲାଇନ୍‌ରେ ଠିଆହୋଇ ସମସ୍ୟା ଭୋଗୁଛନ୍ତି। ଏଥିଯୋଗୁ ପ୍ରବଳ ଗହଳି ମଧ୍ୟ ହେଉଛି। ତେଣୁ ସମସ୍ୟାର ସମାଧାନ ସହ ଭକ୍ତଙ୍କ ଧାର୍ମିକ ଭାବନାକୁ ସମ୍ମାନ ଜଣାଇ ଶ୍ରୀମନ୍ଦିର ୪ ଦ୍ୱାର ଖୋଲିବାକୁ ବରାଳ ଅନୁରୋଧ କରିଛନ୍ତି।

### କଣାସ କଲେଜ ୧୯୯୫ ସ୍ନାତକ ବ୍ୟାଚ୍‌ର ବନ୍ଧୁମିଳନ

କଣାସ,୬।୪(ରଶ୍ମିରଞ୍ଜନ ପ୍ରଧାନ):

କଣାସ କଲେଜର ୧୯୯୫ ସ୍ନାତକ ବ୍ୟାଚ୍‌ର ବନ୍ଧୁମିଳନ ସମାବେଶ ବଡ଼ାସସ୍ଥିତ ମା' ପଞ୍ଚମୁଖୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ୫୦ରୁ ଉର୍ଦ୍ଧ୍ୱ ପ୍ରାକ୍ତନ ଛାତ୍ରୀଛାତ୍ର ଯୋଗଦେଇଥିବାବେଳେ ସୁକାନ୍ତ କୁମାର ରାଉତ ଅଧ୍ୟକ୍ଷତା କରିଥିଲେ। ଅଧ୍ୟାପକ ପ୍ରଭାସ ମଙ୍ଗରାଜ, ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ସାମନ୍ତରାୟ, ଶିକ୍ଷକ ଚନ୍ଦ୍ରଶେଖର ରାଉତରାୟ, ଜନ୍ମେଶ୍ୱର ବାରିକ, କାମଦେବ ସେଠୀ, ନିରଞ୍ଜନ ବରାଳ, ଚକ୍ରଧର ସାହୁ, ନକୁଳ ସେନାପତି, ମୀନାରାଣୀ ନାୟକ, କସ୍ତୁରିଚରଣ ସାହୁ, ଜଗବନ୍ଧୁ ମହାପାତ୍ର, ଗୌରାଙ୍ଗ ଚରଣ ପ୍ରଧାନ, ବିଜୟକାନ୍ତ ପରିଡ଼ା ପ୍ରମୁଖ କଲେଜ ଜୀବନର ସ୍ମୃତିଚାରଣ କରିବା ସହ ପାରସ୍ପରିକ ପାରିବାରିକ ସ୍ଥିତି ଓ କର୍ମାବସ୍ଥାନ ଆଦି ସମ୍ପର୍କରେ ଭାବ ବିନିମୟ କରିଥିଲେ। ଅଧ୍ୟାପକଙ୍କ ଉତ୍ତମ ଶିକ୍ଷାଦାନ, କର୍ତ୍ତବ୍ୟ ନିଷ୍ଠାର ଅବତାରଣା କରାଯିବା ସହ ସେମାନଙ୍କ ଦୀର୍ଘ ନିରାମୟ ଜୀବନ ପ୍ରାର୍ଥନା କରାଯାଇଥିଲା। ପ୍ରାରମ୍ଭରେ ଦିବଂଗତ ଛାତ୍ରୀଛାତ୍ର, ବନ୍ଧୁ ଓ ଅଧ୍ୟାପକଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଗଦାଧର ମାଝି ଧନ୍ୟବାଦ ଦେଇଥିଲେ।



ପୁରୀ ବେଳାଭୂମିରେ ଶନିବାର ପର୍ଯ୍ୟଟକମାନେ ସମୁଦ୍ରରେ ଗାଧୋଇବା ମଜା ନେଉଛନ୍ତି ।

# ୮ରେ ସମ୍ପୂର୍ଣ୍ଣ ସୂର୍ଯ୍ୟୋପରାଗ

ଭୁବନେଶ୍ୱର, ୬।୪ (ବନ୍ଦନା ସେଠୀ)

ଆସନ୍ତା ୮ ତାରିଖ ସୋମବାର ଏକ ବିରଳ ସମ୍ପୂର୍ଣ୍ଣ ସୂର୍ଯ୍ୟୋପରାଗ ସଙ୍ଘଠିତ ହେବ। ଏହି ମହାଜାଗତିକ ଘଟଣାଟି ଯୁକ୍ତରାଷ୍ଟ୍ର ଆମେରିକା, କାନାଡା ଓ ମେକ୍ସିକୋର କେତେକ ଅଞ୍ଚଳରେ ପୂର୍ଣ୍ଣ ଭାବରେ ଦେଖାଯିବ ଏବଂ ପାଖ ଅଞ୍ଚଳରେ ଆଂଶିକ ସୂର୍ଯ୍ୟୋପରାଗ ଦେଖାଯିବ। ଭାରତୀୟ ସମୟ ରାତି ୯ଟା ୧୨ ମିନିଟରେ ସୂର୍ଯ୍ୟୋପରାଗ ଆରମ୍ଭ ହୋଇ ବିଳମ୍ବିତ ରାତି ୨ଟା ୨୨ରେ ଶେଷ ହେବ। ସର୍ବାଧିକ ପରାଗ ରାତି ୧୧ଟା ୪୭ରେ ସଙ୍ଘଠିତ ହେବ ବୋଲି ଜ୍ୟୋତିର୍ବିଜ୍ଞାନୀ ଡ. ଶୁଭେନ୍ଦୁ ପଟ୍ଟନାୟକ ସୂଚନା ଦେଇଛନ୍ତି। ଅନେକ ବର୍ଷ ପରେ ଯୁକ୍ତରାଷ୍ଟ୍ର ଆମେରିକା, କାନାଡା ଓ ମେକ୍ସିକୋର ଅତ୍ୟନ୍ତ ଜନବହୁଳ ଅଞ୍ଚଳରେ ଏହି ପୂର୍ଣ୍ଣପରାଗ ଦେଖାଯିବ। କିନ୍ତୁ ଭାରତରେ ରାତି ହୋଇଥିବାରୁ ଏହା ପାଳନୀୟ ନୁହେଁ।

ଡ. ପଟ୍ଟନାୟକ କହିଛନ୍ତି, ଆମ ସମାଜରେ ଆବହମାନ କାଳରୁ ଗ୍ରହଣ ଓ ପରାଗକୁ

## ଭାରତରେ ରାତି ହୋଇଥିବାରୁ ପାଳନୀୟ ନୁହେଁ

ନେଇ ଅନେକ ବିଶ୍ୱାସ ଓ ଅନ୍ଧବିଶ୍ୱାସ ରହିଛି। ତେବେ ବିଜ୍ଞାନର ଅଗ୍ରଗତି ଫଳରେ ମଣିଷ ଗ୍ରହଣ ଏବଂ ପରାଗ କାହିଁକି ଓ କିପରି ଘଟେ ତାହା ଠିକ୍ ଭାବରେ ଜାଣିସାରିଲାଣି। ଏସବୁ ହେଉଛି ଛାଇ ଆଲୁଅର ଖେଳ, ଯାହା ସୂର୍ଯ୍ୟ, ଚନ୍ଦ୍ର ଓ ପୃଥିବୀର ଏକ ବିଶେଷ ଅବସ୍ଥିତିରେ ଘଟିଥାଏ। ସୂର୍ଯ୍ୟୋପରାଗ ସମୟରେ 'ପୃଥିବୀ ଓ ସୂର୍ଯ୍ୟ'ମଝିରେ ଚନ୍ଦ୍ର ଏକ ସରଳରେଖାରେ ରହିଥାଏ ଓ ଚନ୍ଦ୍ରର ଛାଇ ପୃଥିବୀ ଉପରେ ପଡ଼ିଥାଏ। ଫଳରେ ସମ୍ପୃକ୍ତ ଅଞ୍ଚଳର ଲୋକମାନେ କିଛି ସମୟ ପାଇଁ ଦିନବେଳେ ସୂର୍ଯ୍ୟକୁ ଦେଖିପାରନ୍ତି ନାହିଁ ଏବଂ ରାତିର ଭ୍ରମ ସୃଷ୍ଟି ହୋଇଥାଏ। ସାଧାରଣତଃ ସୂର୍ଯ୍ୟୋପରାଗ ତିନି ପ୍ରକାରର ଯଥା ଆଂଶିକ, ସମ୍ପୂର୍ଣ୍ଣ ଓ ବଳୟ। ତେବେ ସୋମବାର ସମ୍ପୂର୍ଣ୍ଣ ସୂର୍ଯ୍ୟୋପରାଗ ସଂଗଠିତ ହେବ ବୋଲି ସେ କହିଛନ୍ତି।

# ନିଖିଳ ଉତ୍କଳ ପାଟରା ସମିତିର ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ



ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥି ଆଲୋଚନା କରୁଛନ୍ତି ।

ପୁରୀ, ୬।୪( ଅଜିତ୍ ମହାନ୍ତି)

ନିଖିଳ ଉତ୍କଳ ପାଟରା ସମିତି ପକ୍ଷରୁ କୁଣ୍ଢେଇ ବେଣ୍ଟ ସାହିସ୍ଥିତ ପାଟରା ମଠରେ ସଭାପତି ରୁଦ୍ରନାରାୟଣ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଶନିବାର ୨ଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ପାରମ୍ପରିକ ପଦାଧିକାରୀ ସମାବେଶ ଓ ଥାନପତି ବଡଥାନପତିମାନଙ୍କୁ ନେଇ ଏହି ଦୁଇଦିନିଆ ଶିବିରରେ ପଞ୍ଚ ଅଧିକାରୀ ପ୍ରଫୁଲ୍ଲ ବୈଧୁରୀଙ୍କ ସମେତ ଶ୍ୟାମ ସୁନ୍ଦର ବୈଧୁରୀ, ଅନିଲ ବୈଧୁରୀ ଓ ପ୍ରିୟବ୍ରତ ବେହେରା ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସମିତିର ଉପସଭାପତି ରବୀନ୍ଦ୍ରନାଥ ସେନାପତି ସ୍ୱାଗତ ଭାଷଣ ଦେଇଥିବାବେଳେ ସାଧାରଣ ସମ୍ପାଦକ ସଞ୍ଜୟ କୁମାର ପାତ୍ର ସମ୍ପାଦକୀୟ ସୂଚନା ପ୍ରଦାନ କରିଥିଲେ। ଉପଦେଷ୍ଟା କୃଷ୍ଣଚନ୍ଦ୍ର ପାତ୍ର, ରୁଷ୍ୟାନନ୍ଦ ବେହେରା ଓ କରୁଣାକର ଲେଙ୍କା କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ବିଭିନ୍ନ ସ୍ଥାନରୁ ଆସିଥିବା ଥାନ ଓ ଚକଲାର ପାରମ୍ପରିକ ପଦାଧିକାରୀମାନେ ସେମାନଙ୍କ ସୁଚିନ୍ତିତ ମତାମତ ରଖିଥିଲେ। ଚଉଦ ଗୋଟି ଚକଲା ଏକଶହରୁ ଉର୍ଦ୍ଧ୍ୱପାଟରା ଗୋସାଇଁମାନେ ଏହି ଉତ୍ସବରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ଉପସଭାପତି ମନୋଜ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସମମ୍ ସିଇଓଙ୍କୁ 'ଉତ୍କଳ ପ୍ରତିଭା ସମ୍ମାନ'

ଭୁବନେଶ୍ୱର, ୬।୪(ଅସମାପିକା ସାହୁ)

ସମ୍ ଅଲ୍ଟିମେଟ୍ ମେଡିକେୟାର(ସମମ୍) ସିଇଓ ଡା. ଶ୍ୱେତପଦ୍ମା ଦାଶଙ୍କୁ 'ଉତ୍କଳ ପ୍ରତିଭା ସମ୍ମାନ' ପ୍ରଦାନ କରାଯାଇଛି। ଉତ୍କଳ ପ୍ରତିଭା ଫାଉଣ୍ଡେଶନ ପକ୍ଷରୁ ଓଡ଼ିଶା ଦିବସ ଅବସରରେ ଏହି ସମ୍ମାନ ତାଙ୍କୁ ଦିଆଯାଇଛି। ଆତିଥ୍ୟ ଏବଂ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଅତୁଳନୀୟ ଅବଦାନ ପାଇଁ ଡା. ଦାଶ ଏହି ସମ୍ମାନ ପାଇଛନ୍ତି। ଏହି ଅବସରରେ ଫାଉଣ୍ଡେଶନର ଚେୟାରମ୍ୟାନ ଡ. ସତ୍ୟବ୍ରତ ମୀନକେତନ କହିଥିଲେ, ତୁମର ଅକ୍ଳାନ୍ତ ପରିଶ୍ରମ ଏବଂ ଉଲ୍ଲେଖନୀୟ ସଫଳତା କେବଳ ଆମ ରାଜ୍ୟ ପାଇଁ ଗର୍ବ ଆଣିନାହିଁ, ଅଗଣିତ ବ୍ୟକ୍ତିବିଶେଷଙ୍କୁ ସମଗ୍ର ଦେଶରେ ଉତ୍କର୍ଷ ଆଣିବା ପାଇଁ ମଧ୍ୟ ଉଦ୍ୟମ କରିବାକୁ ପ୍ରେରଣା ଦେଇଛି।

# 'ଚାରଣମାନେ ଶୃଙ୍ଖଳିତ, ଆଚରଣପୂର୍ଣ୍ଣ ଜୀବନଯାପନ କରନ୍ତୁ'

## ଶ୍ରୀଜଗନ୍ନାଥ କଥା ଗୁରୁକୁଳମ୍-ଚାରଣ ସମ୍ମିଳନୀ

ପୁରୀ, ୬।୪( ଅଜିତ୍ ମହାନ୍ତି)

ପୁରୀ ବଡ଼ଦାଣ୍ଡସ୍ଥିତ ଡୁଡୁୱାଲା ଧର୍ମଶାଳା ପରିସରରେ ବରିଷ୍ଠ ଦଇତାପତି ସେବକ ରାମଚନ୍ଦ୍ର ଦାସମହାପାତ୍ରଙ୍କ ତତ୍ତ୍ୱାବଧାନରେ ୪୭ତମ 'ଶ୍ରୀଜଗନ୍ନାଥ କଥା ଗୁରୁକୁଳମ୍-ଚାରଣ ସମ୍ମିଳନୀ' ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଅନ୍ତର୍ଜାତୀୟ ଚାରଣଗୋଷ୍ଠୀ ପକ୍ଷରୁ ଉପଦଳପତି ଡ. ଶରତ ଚନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସୁଥିବା ଚାରଣମାନଙ୍କୁ ସ୍ୱାଗତ କରାଯାଇଥିଲା। ପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ସମୂହ ବିଷ୍ଣୁ ସହସ୍ରନାମ, ପଞ୍ଚଦଶ ଅଧ୍ୟାୟ ଶ୍ରୀମଦ୍ ଭଗବତ ଗୀତା, ହନୁମାନ ଚାଳିଶା ପାଠ କରାଯାଇଥିଲା। ଉଦ୍‌ଘାଟନୀ ଉତ୍ସବରେ ରାଧାବଲ୍ଲଭ ମଠର ମହନ୍ତ ପୂଜ୍ୟ ସନ୍ଥ ରାମକୃଷ୍ଣ ଦାସ ମହାରାଜ, ସେବାୟତ ଭବାନୀ ଶଙ୍କର ମହାପାତ୍ର, କୃଷ୍ଣଚନ୍ଦ୍ର ପୂଜାପଣ୍ଡା ସାମନ୍ତ, ସେବାୟତ ଗୋପାଳ ଖୁଣ୍ଟିଆ, ଡ. ଶରତ ମହାନ୍ତି ଏବଂ ପଣ୍ଡିତ ପଦ୍ମନାଭ ତ୍ରିପାଠୀ ଶର୍ମା ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଅନ୍ତର୍ଜାତୀୟ ଚାରଣ ଗୋଷ୍ଠୀର ସାଂସ୍କୃତିକ ସମ୍ପାଦକ ଡ.ଶୁଭେନ୍ଦୁ ସ୍ୱାଇଁ ସଭାକାର୍ଯ୍ୟ ସଞ୍ଚାଳନ କରିଥିବାବେଳେ ବରିଷ୍ଠ ଚାରଣ ପଣ୍ଡିତ ଗଣେଶ୍ୱର ପରିଡ଼ା, ବଂଶୀଧର ପରିଡ଼ା, ବିଦ୍ୟାଧର ପୃଷ୍ଟି ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ। ଡ. ଶରତଚନ୍ଦ୍ର ସମସ୍ତ ଚାରଣଙ୍କୁ ଶୃଙ୍ଖଳା ଓ ଆଚରଣପୂର୍ଣ୍ଣ ଜୀବନଯାପନ ପାଇଁ ନିବେଦନ କରିଥିଲେ। ଚାରଣଗୋଷ୍ଠୀକୁ ଅନ୍ତର୍ଜାତୀୟସ୍ତରରେ ପହଞ୍ଚାଇଥିବାରୁ ପଣ୍ଡିତ ସଦାଶିବ ରଥଶର୍ମାଙ୍କୁ ପ୍ରଶଂସା କରାଯାଇଥିଲା। ସେହିପରି ସର୍ବ ସ୍ୱରୂପରେ ଶ୍ରୀ ଜଗନ୍ନାଥଙ୍କ ବିଷୟରେ ପଣ୍ଡିତ ପଦ୍ମନାଭ ତ୍ରିପାଠୀ ଶର୍ମା କହିଥିବାବେଳେ ଠାକୁରଙ୍କ ନୂନରା ସେବା ବିଷୟରେ ଡ. ଶରତ ମହାନ୍ତି ଆଲୋଚନା କରିଥିଲେ। ଜୟ ଜଗନ୍ନାଥ ଟିଭିର ଉପସ୍ଥାପକ ଶେଷଦେବ ସାହୁ ମହାପ୍ରଭୁଙ୍କ ଲୀଳା ବିଷୟରେ କହିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ବ୍ୟକ୍ତିବିଶେଷଙ୍କୁ ଶ୍ରୀଜଗନ୍ନାଥ ସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଶିକ୍ଷା କ୍ଷେତ୍ରରେ ଡ.ପ୍ରଭୁ ଚରଣ ମହାନ୍ତି, ଡ.ସୁନୀଲ ଧଳ, ଚିକିତ୍ସା କ୍ଷେତ୍ରରେ ଡ. ସରୋଜ ଜେନା, ଡ.ଔଜଲ୍ୟ ଜେନା, ସାମାଜିକ ସେବା କ୍ଷେତ୍ରରେ ପ୍ରସନ୍ନ କୁମାର ବେଉରା, କୋଦଣ୍ଡ ଭୂୟାଁ, ସମୀର ପରିଜା ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ଏହି ସମ୍ମିଳନୀରେ ୭୦୦ରୁ ଉର୍ଦ୍ଧ୍ୱ ଚାରଣ ଯୋଗଦେଇ ବିଶ୍ୱ କଲ୍ୟାଣ ଉଦ୍ଦେଶ୍ୟରେ ପ୍ରାର୍ଥନା କରିଥିଲେ। ଶେଷରେ ଭକ୍ତମାନେ ପ୍ରସାଦ ସେବନ କରିଥିଲେ।





'ଶ୍ରୀଜଗନ୍ନାଥ କଥା ଗୁରୁକୁଳମ୍- ଚାରଣ ସମ୍ମିଳନୀ' ଉଦ୍‌ଘାଟନୀ ଉତ୍ସବରେ ଅତିଥିମାନେ ।

# ତିରିକଣା ପ୍ରାଥମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ

ଅସ୍ତରଙ୍ଗ,୬।୪(ମମତା ଜେନା):

ଶ୍ରୀଚନ୍ଦନପୁର କ୍ଲଷ୍ଟର ଅଧୀନ ତିରିକଣା ପ୍ରାଥମିକ ବିଦ୍ୟାଳୟରେ ୨୦୨୪-୨୫ ନୂତନ ଶିକ୍ଷାବର୍ଷ ଲାଗି ପ୍ରବେଶ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ବରିଷ୍ଠ ଛାତ୍ରୀଛାତ୍ର ନୂତନ ଭାବେ ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କୁ ଚନ୍ଦନ ଲଗାଇ, ଫୁଲତୋଡ଼ା ଦେଇ ବିଦ୍ୟାଳୟ ମଧ୍ୟକୁ ପାଛୋଟି ଆଣିଥିଲେ। ପ୍ରତ୍ୟେକ ପିଲାଙ୍କୁ ଖାତାକଲମ ଉପହାର ସହ ପାଠ୍ୟପୁସ୍ତକ ପ୍ରଦାନ କରାଯାଇଥିଲା। ଉତ୍ସବରେ ଉକ୍ତ ବିଦ୍ୟାଳୟର ସହକାରୀ ଶିକ୍ଷକ ସଞ୍ଜୟ ଖଟୋଇଙ୍କ ସମେତ ପିଲାଙ୍କ ଅଭିଭାବକମାନେ ଯୋଗଦେଇଥିଲେ। ଏହି ଅବସରରେ ମିଷ୍ଟାନ୍ନ ବଣ୍ଟନ କରାଯିବା ସହ ସର୍ବଶିକ୍ଷା ଅଭିଯାନର ମୁଖ୍ୟ ଲକ୍ଷ୍ୟ 'ସଭିଏଁ ପଢନ୍ତୁ, ସଭିଏଁ ବଢନ୍ତୁ' ଉପରେ ଆଲୋଚନା କରାଯାଇଥିଲା ବୋଲି ପ୍ରଧାନ ଶିକ୍ଷକ ଫଜଲୁର୍ ରହମାନ୍ ପ୍ରକାଶ କରିଛନ୍ତି।



ତିରିକଣା ପ୍ରାଥମିକ ବିଦ୍ୟାଳୟର ପ୍ରବେଶ ଉତ୍ସବରେ ଶିକ୍ଷକ ଓ ପିଲାମାନେ ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କରିସ୍ମା ଫାଉଣ୍ଡେଶନ ଓ ସରସ୍ୱତୀ ପ୍ରି' କିଡ୍ସ ବିଦ୍ୟାଳୟର ବାର୍ଷିକୋତ୍ସବ

ପୁରୀ, ୬।୪( ଅଜିତ୍ ମହାନ୍ତି)

ସ୍ଥାନୀୟ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ପରିସରରେ ବସ୍‌ଷ୍ଟାଣ୍ଡ ବଉଳମଠ ନିକଟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କରିସ୍ମା ଫାଉଣ୍ଡେଶନ ଓ ସରସ୍ୱତୀ ପ୍ରି' କିଡ୍ସ ବିଦ୍ୟାଳୟର ବାର୍ଷିକ ଉତ୍ସବ ମହାସମାରୋହ ଶନିବାର ପାଳିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟା ଚାରୁବାଳା ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ବରିଷ୍ଠ ସେବାୟତ ଭଗବାନ ସୁଆର ମହାପ୍ରଭୁଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ। ଉତ୍ସବରେ ସମ୍ମାନିତ ଅତିଥି ଭାବରେ ସାମାଜିକ କର୍ମୀ ଚକ୍ରଧର ମହାପାତ୍ର, ଅମରେନ୍ଦ୍ର ପାଇକରାୟ, ଅରୁଣିମା ନନ୍ଦ, ରାଜେଶ ମିଶ୍ର,ଗୀତା ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳି ମହାନ୍ତି, ସଞ୍ଜୁକ୍ତା ରାଉତ, ଝରଣା ବରାଳ ଓ ଶୁଭଲକ୍ଷ୍ମୀ ବାରିକ ସ୍ୱାଗତ ସଂଗୀତ ଗାନ କରିଥିଲେ। ଲଲାଟେନ୍ଦୁ ମିଶ୍ର ଓ ଦେବସ୍ମିତା ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଅତିଥିମାନେ ନିଜ ନିଜ ଅଭିଭାଷଣରେ ପିଲାମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ବିଦ୍ୟାଳୟର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଏହି ଅବସରରେ ଦୁଇଜଣ ଅଭିଭାବକ କୃଷ୍ଣଚନ୍ଦ୍ର ମିଶ୍ର ଓ ରଜତ କୁମାର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ପୂର୍ବରୁ ଆୟୋଜିତ ହୋଇଥିବା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି 'ମୁଁ ପୁରୀ ଟୋକା' ନାମରେ ଏକ ମ୍ୟୁଜିକ ଆଲ୍‌ବମର ଶୁଭ ମହୁରତ ହୋଇଥିଲା।



ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କରିସ୍ମା ଫାଉଣ୍ଡେଶନ ଓ ସରସ୍ୱତୀ ପ୍ରି' କିଡ୍ସ ବିଦ୍ୟାଳୟର ବାର୍ଷିକ ଉତ୍ସବ ମହାସମାରୋହରେ ଅତିଥିଙ୍କ ସହ କୃତୀ ପ୍ରତିଯୋଗୀ ।

## ଓଷ୍ଟାକୁ ମଜଭୁତ କରିବାକୁ ଆହ୍ୱାନ

ଗୋପ,୬।୪(ଭାରତୀ ଭୂଷଣ ଉପାଧ୍ୟାୟ):

ଗୋପ ବ୍ଲକ ଅଧୀନ ନାଗପୁର ଯାଦବ ଭବନଠାରେ ଗୋପ ବ୍ଲକ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା)ର ସାଂଗଠନିକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜ୍ୟ ଓଷ୍ଟା ସ୍କୁଲ ଶିକ୍ଷକ ସଂଘ ରାଜ୍ୟ ସାଧାରଣ ସମ୍ପାଦକ ରଞ୍ଜନ ଦାସ ଯୋଗଦେଇ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘକୁ ଅଧିକ କ୍ରିୟାଶୀଳ ଓ ମଜଭୁତ କରିବାକୁ ଆହ୍ୱାନ ଦେଇଥିଲେ। ଓଷ୍ଟା ବ୍ଲକ ସଭାପତି ମହେନ୍ଦ୍ର ପାଢ଼ୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ଓଷ୍ଟା ଜିଲା ସମ୍ପାଦକ ବିଭୁଦତ୍ତ ନାୟକ, ଜିଲା ସଭାପତି ବିଜୟ ବରାଳ, ରାଜ୍ୟ କୋଷାଧ୍ୟକ୍ଷ ଅଶୋକ ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ମଧୁସୂଦନ ଦେ, ସମ୍ପାଦକ ରାମକୃଷ୍ଣ ମହାନ୍ତି, କୃପାସିନ୍ଧୁ ବିଶ୍ୱାଳ, ପ୍ରସନ୍ନ କର ପ୍ରମୁଖ ଯୋଗଦେଇ ସଂଘ ଏକ ଏକତା ଦିଗ୍‌ଦର୍ଶକ ବୋଲି କହିଥିଲେ। ଏହି ଅବସରରେ ବ୍ଲକ ଓଷ୍ଟା ସଂଘ ପକ୍ଷରୁ ରାଜ୍ୟ କର୍ମକର୍ତ୍ତାଙ୍କୁ ସମ୍ମାନିତ କରାଯାଇଥିଲା। ଆଗାମୀ ଦିନରେ ବିଭିନ୍ନ ଶିକ୍ଷକ ସଂଘ ପକ୍ଷରୁ ମିଳିତ ଭାବେ ସମସ୍ତ କାର୍ଯ୍ୟ କରାଯିବ ବୋଲି ସମସ୍ତ ସଙ୍ଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା।

# ପୀଡ଼ିତା ପରିବାର ସହ ଆଲୋଚନା କଲେ ସିଡିଏମ୍‌ଓ

ପୁରୀ, ୬।୪( ଅଜିତ୍ ମହାନ୍ତି)

କମ୍ପାଉଣ୍ଡର ଏବଂ ଡାକ୍ତରଙ୍କ ଭୁଲ ଇଞ୍ଜେକ୍ସନ ଯୋଗୁଁ ପୁରୀ ଜିଲା ଅସ୍ତରଙ୍ଗ ପାଟସୁନ୍ଦରପୁର ଗ୍ରାମର ୬ ବର୍ଷର ନାବାଳିକା ଶିଶୁକନ୍ୟା ରଶ୍ମିତା ସେନାପତି ମୃତ୍ୟୁ ଘଟଣାରେ ଜିଲା ସିଡିଏମ୍‌ଓଙ୍କୁ ନ୍ୟାୟ ପାଇଁ ଲଢେଇ ପରିବାରର ରାଜ୍ୟ ସଭାପତି ସୁବ୍ରତ କୁମାର ଦାଶ ଶନିବାର ଭେଟିଛନ୍ତି। ସୂଚନାଯୋଗ୍ୟ, ୨୦୨୨ ଅକ୍ଟୋବର ୧୬ରେ ପାଟସୁନ୍ଦରପୁର ଗ୍ରାମର ୬ ବର୍ଷୀୟ ଶିଶୁକନ୍ୟା ରଶ୍ମିତା ସେନାପତିଙ୍କୁ ଜ୍ୱର ହୋଇଥିଲା। ହେଲେ କମ୍ପାଉଣ୍ଡର ଏବଂ ଡାକ୍ତରଙ୍କ ଭୁଲ ଇଞ୍ଜେକ୍ସନ ଯୋଗୁ ରଶ୍ମିତାଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାକୁ ଚପାଇ ଦେବାପାଇଁ ସମ୍ପୃକ୍ତ କମ୍ପାଉଣ୍ଡର, ଡାକ୍ତର ଏବଂ ୩୦ଜଣ ଗ୍ରାମବାସୀ ଶିଶୁକନ୍ୟାର ଶବ ସଂସ୍କାର କରି ଦେଇଥିଲେ।

## ଭୁଲ୍ ଇଞ୍ଜେକ୍ସନରୁ ଶିଶୁକନ୍ୟା ମୃତ୍ୟୁ ଘଟଣା

ଏପରି କି ଏହି ଘଟଣାରେ ଅସ୍ତରଙ୍ଗ ଥାନା ପ୍ରଥମେ ଏତଲା ଦାଏର କରି ନ ଥିଲା। ନାବାଳିକାଙ୍କ ପରିବାର ଓଡିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବାପରେ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସମ୍ପୃକ୍ତ ୩୩ ଜଣଙ୍କ ନାମରେ ଅସ୍ତରଙ୍ଗ ଥାନାରେ ମାମଲା ହୋଇଥିଲା। ଏହି ସମ୍ବେଦନଶୀଳ ଘଟଣାରେ ଜାତୀୟ ମାନବ ଅଧିକାର କମିଶନରେ ନ୍ୟାୟ ପାଇଁ ଲଢେଇ ପରିବାରର ରାଜ୍ୟ ସଭାପତି ସୁବ୍ରତ ଦାଶ ମାମଲା କଲା ପରେ ପୁରୀ ସିଡିଏମ୍‌ଓଙ୍କୁ ତଦନ୍ତ ନିର୍ଦ୍ଦେଶ ଦେବା ସହ ପୀଡ଼ିତ ପରିବାର ସହ ଏସମ୍ପର୍କରେ ଆଲୋଚନା କରିବା ପାଇଁ କୁହାଯାଇଥିଲା। ଜାତୀୟ ମାନବ ଅଧିକାର କମିଶନଙ୍କ ନିର୍ଦ୍ଦେଶ ଅନୁଯାୟୀ ପୀଡ଼ିତା ପରିବାରଙ୍କ ସହ ଆଲୋଚନା ପାଇଁ ସିଡିଏମ୍‌ଓ ଡାକିଥିଲେ। ଶନିବାର ସୁବ୍ରତ ଦାଶଙ୍କ ନେତୃତ୍ୱରେ ପୀଡିତ ପରିବାର ସିଡିଏମ୍‌ଓଙ୍କୁ ସାକ୍ଷାତ କରିଥିଲେ। ଘଟଣାର ସମସ୍ତ ବିବରଣୀ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏପରି କି ପୋଲିସର ରିପୋର୍ଟକୁ ଭତ୍ତି କରି ତଦନ୍ତ କରାଯିବ ବୋଲି ସିଡିଏମ୍‌ଓ ପୀଡିତ ପରିବାକୁ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି। ଅପରପକ୍ଷରେ ଅଭିଯୁକ୍ତମାନେ ପୀଡିତ ପରିବାରଙ୍କୁ ଧମକ୍ ଦେବା ସହ ଆକ୍ରମଣ କରିଥିଲେ ମଧ୍ୟ ଥାନାରେ ଏତଲା ସତ୍ତ୍ୱେ ପୋଲିସ ପକ୍ଷରୁ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ନ୍ୟାୟ ପାଇଁ ଲଢେଇ ପରିବାରର ରାଜ୍ୟ ସଭାପତି ସୁବ୍ରତ ଦାଶ କ୍ଷୋଭ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ମୋରମ ବୋଝେଇ ହାଇୱା ଜବତ, ଚାଳକ ଗିରଫ

ନିରାକାରପୁର,୬।୪ (ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅଞ୍ଚଳରେ ବେଆଇନଭାବେ ମୋରମ, ମାଙ୍କଡ଼ା ପଥର ଚାଲାଣ ହେଉଛି। ବାରମ୍ବାର ପୋଲିସ ପକ୍ଷରୁ ଚଢ଼ାଉ ହେଉଥିଲେ ମଧ୍ୟ ଚୋରାଚାଲାଣ ଥମୁନି। ଏହି କ୍ରମରେ ଶନିବାର ନୂଆ ଜଗନ୍ନାଥ ରୋଡ୍ ମାଲୁଣି ପୋଖରୀ ନିକଟରେ ନିରାକାରପୁର ପୋଲିସ ଚଢ଼ାଉ କରି ଚୋରାଚାଲାଣ ହେଉଥିବା ଏକ ମୋରମ ବୋଝେଇ ହାଇୱା (ଓଡି-୩୫ଇ-୫୪୦୦)କୁ ଜବତ କରିଛି। ଏଥିସହ ଚାଳକ ପୁରୀ ଜିଲା ନିମାପଡ଼ା ଥାନା ଅନ୍ତର୍ଗତ ବୁଧେଇ ଗ୍ରାମର ଅଶୋକ କୁମାର ଭୋଇଙ୍କୁ ଗିରଫ କରାଯାଇଛି। ଥାନା ଅଧିକାରୀ ବିଶ୍ୱଜିତ୍ ରାଉତରାୟଙ୍କ ନିର୍ଦ୍ଦେଶକ୍ରମେ ଏହି ଚଢ଼ାଉ କରାଯାଇଥିଲା। ଅନ୍ୟପଟେ ଏନେଇ ଥାନାରେ ଏକ ମାମଲା (ନଂ.୯୫/୨୪) ରୁଜୁ ପରେ ଚାଳକ ଅଶୋକଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ଏସ୍ଆଇ ଅରବିନ୍ଦ ରାଉଳ ଓ ଏସ୍ଆଇ ଦୀପାଳିଶା ନାୟକ ସୂଚନା ଦେଇଛନ୍ତି।

### ଚୋରି ଅଭିଯୋଗରେ ୨ ଗିରଫ

ସାକ୍ଷୀଗୋପାଳ,୬।୪(ପ୍ରଶାନ୍ତ ବାରିକ୍/କିଶୋର ମହାପାତ୍ର)

ସତ୍ୟବାଦୀ ଥାନା ଶାଣ୍ଡରା ପଞ୍ଚାୟତ କାର୍ଯ୍ୟାଳୟରୁ ଏଲ୍‌ସିଡି ଟିଭି ଓ ସ୍ପିକର ଚୋରିକରିବା ଅଭିଯୋଗରେ ସତ୍ୟବାଦୀ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫକରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଉକ୍ତ ଥାନା ଅନ୍ତର୍ଗତ ମଝିକେରା ଗ୍ରାମର ଚନ୍ଦନ ବରାଳ ଓ ତାଙ୍କ ସାଙ୍ଗ ପ୍ରତାପ ଭାରତୀ। ପୋଲିସ ଏମାନଙ୍କଠାରୁ ଚୋରି ସାମଗ୍ରୀ ଜବତ କରିଛି। ଏନେଇ ପୋଲିସ ନଂ.୧୦୭/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ଯୁବତୀଙ୍କୁ ଅନ୍ତଃସତ୍ତ୍ୱା ମାମଲାରେ ଯୁବକ ଗିରଫ

ଜଟଣୀ, ୬।୪ (ରବୀନ୍ଦ୍ରନାଥ ମହାକୁଡ଼)

ଜଣେ ଯୁବତୀଙ୍କୁ ଅନ୍ତଃସତ୍ତ୍ୱା କରି ପ୍ରତାରଣା କରିବା ଘଟଣାରେ ଜଟଣୀ ଥାନା ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଜଗତ୍‌ସିଂହପୁର ଥାନା ଅଧୀନ ମୋହିଦ୍ଦିନପୁର ଅଞ୍ଚଳର ମହମ୍ମଦ ସାହିଦ ଖାନ(୩୧)। ଏନେଇ ଥାନାରେ ଏକ ମାମଲା (ନଂ.୧୨୯/୨୪)ରୁଜୁ ହୋଇଛି। ଅଭିଯୋଗ ମୁତାବକ, ଗତ ବର୍ଷ ଅଗଷ୍ଟ ମାସରେ ଅଭିଯୁକ୍ତଙ୍କ ସହ ଜଟଣୀ ଅଞ୍ଚଳର ପୀଡିତା ଯୁବତୀଙ୍କ ସହ ବିବାହ ପ୍ରସ୍ତାବ ପଡ଼ିଥିଲା। ଅଭିଯୁକ୍ତଙ୍କ ପରିବାର ଯୌତୁକ ବାବଦରେ ୫ଲକ୍ଷ ଟଙ୍କା ଏବଂ ସୁନାଗହଣା ମାଗିବାରୁ ବିବାହ ଭାଙ୍ଗିଯାଇଥିଲା। କିଛିଦିନ ପରେ ଅଭିଯୁକ୍ତ ଜଣଙ୍କ ପୁନର୍ବାର ଯୁବତୀଙ୍କ ଘରକୁ ଯାଇ ବିନା ଯୌତୁକରେ ବିବାହ କରିବାକୁ ପ୍ରସ୍ତାବ ଦେବାରୁ ଯୁବତୀ ଜଣଙ୍କ ଭଲପାଇ ବସିଥିଲେ। ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ିଉଠିବାରୁ ଘର ଛାଡି ପଳେଇବା ସହ ଏକ ଭଡା ଘରେ ରହିଥିଲେ। ଉଭୟଙ୍କ ମଧ୍ୟରେ ଶାରୀରିକ ସମ୍ପର୍କ ହେବା ସହ ଯୁବତୀ ଜଣଙ୍କ ଦୁଇ ମାସର ଅନ୍ତଃସତ୍ତ୍ୱା ହେବା ଜାଣିବା ପରେ ଅଭିଯୁକ୍ତ ତାଙ୍କୁ ଗର୍ଭ ନିରୋଧକ ବଟିକା ଖାଇବାକୁ ଦେଇଥିଲେ। ଫଳରେ ଯୁବତୀ ଜଣକ ଅସୁସ୍ଥ ହୋଇପଡ଼ିଥିଲେ। ଘଟଣା ସମ୍ପର୍କରେ ଯୁବତୀ ଜଣକ ଅଭିଯୁକ୍ତଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ ମଧ୍ୟ କେହି ଶୁଣି ନ ଥିଲେ। ଏନେଇ ଅଭିଯୋଗ ପରେ ପୋଲିସ ତଦନ୍ତ ଚଳାଇବା ସହ ସାହିଦଙ୍କୁ ଗିରଫ କରିଥିଲା।

# ପାଇପ୍ ବୋଝେଇ ଗାଡ଼ି, କାର୍ ଜବତ: ୧୧ ଗିରଫ

ଖୋର୍ଦ୍ଧା, ୬।୪ (ପ୍ରଭାତ ପାଣିଗ୍ରାହୀ)


ଗିରଫ ଅଭିଯୁକ୍ତମାନେ।

ପୁରୁସାହିସ୍ଥିତ ଗ୍ରାମ୍ୟ ଜଳଯୋଗାଣ ପ୍ରକଳ୍ପର ପାଇପ୍ ଚୋରି ଅଭିଯୋଗରେ ଟାଉନ ଥାନା ପୋଲିସ ୧୧ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମହାରାଷ୍ଟ୍ର ସୋଲାପୁର ଜିଲାର ସନ୍ତୋଷ ମାଡକେ (୨୩), ରେୱାନ୍ ଗାୱାଡେ (୩୩), ନୟାଗଡ଼ ପଣ୍ଡିଖାରି ଶାସନର ଦ୍ୱିତୀକ୍ରୀଷ୍ଣ ସାହୁ ଓରଫ ବାବୁଲା (୪୨), ବ୍ରହ୍ମପୁର ବଡ଼ବଜାର ଥାନା ନୀଳାଚଳ ନଗରର ବଳିଆ ମହାରଣା (୩୬), ଗଞ୍ଜାମ ସାନକଲିର ରଞ୍ଜନ ବିଶୋଇ(୫୮), ଭେଙ୍କଟରାଓ ପାଲିର ଅଜୟ ବେହେରା (୩୦), କାକରାବାଲି(ମତାବାଡ଼ି)ର ଗଣେଶ ପ୍ରଧାନ(୩୦) ଓ ପୂର୍ଣ୍ଣଚନ୍ଦ୍ରନ ନାୟକ (୩୨), ଢେଙ୍କାନାଳ ବେଢ଼ପଦାର ଆବୋଲା ସାମଲ (୩୨), ଚନ୍ଦକାର ସୁଧିର ବେହେରା (୩୩) ଏବଂ ଛତାବର ଅଞ୍ଚଳର ସନ୍ତୋଷ ବେହେରା (୪୫)। ଏମାନଙ୍କଠାରୁ ପୋଲିସ ଚୋରି ପାଇପ୍ ସମେତ ଏକ ଗାଡ଼ି(ଏମ୍ଏଚ୍-୧୩-ଡିକ୍ୟୁ-୧୯୯୮) ଏବଂ କାର (ଓଡି-୦୨ଏଏନ୍-୮୦୮୧) ଜବତ ହୋଇଛି। ଏଏସ୍ଆଇ ଗଙ୍ଗାଧର ହମ୍ରେମ୍‌ଙ୍କ ଅଭିଯୋଗକ୍ରମେ ଏକ ମାମଲା (ନଂ.୧୨୭/୨୪) ରୁଜୁ ପରେ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ଜେଲକୁ ପଠାଇ ଦିଆଯାଇଛି।

ସୂଚନା ଅନୁସାରେ, ଅଭିଯୁକ୍ତମାନେ ପୁରୁସାହିରୁ ବରସାହି ରାସ୍ତାରେ ମାଟିତଳେ ବିଛାଯିବା ଲାଗି ପଡ଼ିଥିବା ପାଣି ପାଇପକୁ ରାତିରେ ଏକ ଗାଡ଼ିରେ ନେବା ପାଇଁ ଚୋରି କରୁଥିଲେ। ଶୁକ୍ରବାର ରାତିରେ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଏମାନଙ୍କୁ ଧରିଥିଲା। ପରେ ପଚରାଉଚରା କରିବା ସହ କାଗଜପତ୍ର ମାଗିଥିଲା। ଅଭିଯୁକ୍ତମାନେ କାଗଜପତ୍ର ଦେଖାଇବାରେ ସକ୍ଷମ ହୋଇ ନ ଥିଲେ। ଥାନାକୁ ଆଣି ପଚରାଉଚରା ବେଳେ ସେମାନେ ପାଇପ୍ ଚୋରି କରୁଥିବା ସ୍ୱୀକାର କରିଥିଲେ।

# ମାଙ୍କଡ଼ାପଥର ବୋଝେଇ ଟ୍ରକ୍ ଜବତ, ୪ ଗିରଫ


ଗିରଫ ହୋଇଥିବା ୪ ଡ୍ରାଇଭର।

ବାଲୁଗାଁ,୬।୪(ସଂଗ୍ରାମ ପାଇକରାୟ)

ସରକାରୀ ନିୟମକୁ ଉଲ୍ଲଂଘନ କରି ବର୍ଷ ବର୍ଷ ଧରି ବେଆଇନଭାବେ ମାଙ୍କଡ଼ା ପଥର ଚୋରାଚାଲାଣ ହୋଇଆସୁଅଛି। ପ୍ରଶାସନ ପକ୍ଷରୁ ଚଢ଼ାଉ କରି ଧରାଯାଉଥିବା ବେଳେ ଶୁକ୍ରବାର ବିଳମ୍ବିତ ରାତିରେ ବାଲୁଗାଁ ପୋଲିସ ପେଟ୍ରୋଲିଂ କରୁଥିବା ବେଳେ ଖଣି ମାଫିଆଙ୍କ ୪ଟି ମାଙ୍କଡ଼ା ପଥର ବୋଝେଇ ଟ୍ରକ ଜବତ କରିବା ସହ ସମ୍ପୃକ୍ତ ୪ ଡ୍ରାଇଭରଙ୍କୁ ଗିରଫ କରିଛି। ସେମାନେ ହେଲେ ଅଜୟ ସାମନ୍ତରାୟ, ଅନିଲ ପ୍ରଧାନ, ପାଣୁ ପ୍ରଧାନ ଓ କବିରାଜ ବେହେରା। ସୂଚନା ମୁତାବକ, ମାଙ୍କଡ଼ା ପଥର ଚୋରାଚାଲାଣ ହେଉଥିବା ଖବରପାଇ ଥାନା ଅଧିକାରୀ ଜୟପ୍ରକାଶ ପରିଡାଙ୍କ ତତ୍ତ୍ୱାବଧାନରେ ଏସ୍ଆଇ ଶ୍ରୀନିବାସ ସାମନ୍ତ ସଦଳବଳେ ଆଙ୍ଗୁଲା ଓ ବଡକୁଳ ଆଦି ସ୍ଥାନରେ ଚଢ଼ାଉ କରିଥିଲେ। ଚଢାଉ ବେଳେ ୪ଟି ପଥର ବୋଝେଇ ଟ୍ରକ ଜବତ କରିଥିବା ସହ ସମ୍ପୃକ୍ତ ଡ୍ରାଇଭରଙ୍କୁ ଗିରଫ କରିଥିଲେ। ପୋଲିସ ପକ୍ଷରୁ ଏ ସଂକ୍ରାନ୍ତରେ ବାଲୁଗାଁ ଥାନାରେ ପୃଥକ୍‌ଭାବେ ୪ଟି ମାମଲା (ନଂ.୧୨୮, ୧୨୯, ୧୩୦ ଓ ୧୩୧/୨୪) ରୁଜୁ ପରେ ଅଭିଯୁକ୍ତମାନଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି।

# ପ୍ରାର୍ଥୀ ଘୋଷଣା ହୋଇନି, ପ୍ରଚାର କଲେଣି


ଭାଜପା ଆଶାୟୀ ପ୍ରାର୍ଥୀ କାଲୁଚରଣ ଖଣ୍ଡାୟତରାୟଙ୍କ ନିର୍ବାଚନୀ ଶୋଭାଯାତ୍ରା।

ଖୋର୍ଦ୍ଧା,୬।୪(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବିଧାନସଭା ଆସନ ପାଇଁ ଭାଜପା ପକ୍ଷରୁ ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇନାହିଁ। ହେଲେ ଟିକେଟ ଘୋଷଣାକୁ ଅପେକ୍ଷା ନ କରି ଭାଜପା ଆଶାୟୀ ପ୍ରାର୍ଥୀ କାଲୁଚରଣ ଖଣ୍ଡାୟତରାୟ ସମର୍ଥକଙ୍କ ସହ ଗାଁକୁ ଗାଁ ବୁଲିବା ଆରମ୍ଭ କରିଛନ୍ତି। ଟାଙ୍ଗୀ ବ୍ଲକ ଭୂଷଣ୍ଡପୁର ପଞ୍ଚାୟତରେ କାଲୁ ଶତାଧିକ ମହିଳା ପୁରୁଷ, ଯୁବକର୍ମୀଙ୍କୁ ଧରି ସାହିକି ସାହି ବୁଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକାଶ, ଜନକଲ୍ୟାଣ ଯୋଜନା ସମ୍ପର୍କରେ ଲୋକଙ୍କୁ ଜଣାଇବା ସହ ନିଜ ସପକ୍ଷରେ ଭୋଟ୍ ପାଇଁ ନିବେଦନ କରୁଛନ୍ତି। ଏ ସମ୍ପର୍କରେ କାଲୁ କହିଛନ୍ତି, ମୁଁ ଭାଜପାରେ ଅଛି ଓ ଆଗାମୀ ଦିନରେ ରହିବି। ଦୀର୍ଘ ୭ ବର୍ଷ ଧରି ସଙ୍ଗଠନର

### ପ୍ରତିଶ୍ରୁତି ମିଳିଛି, ଟିକେଟ ନିଶ୍ଚିତ ପାଇବି: କାଲୁ

ସମସ୍ତ କାର୍ଯ୍ୟକ୍ରମ କରିବା ସହ ମଣ୍ଡଳ କମିଟି, ପଞ୍ଚାୟତ କମିଟି ଓ ବୁଥ୍ କମିଟି କରି ସଙ୍ଗଠନକୁ ମଜଭୁତ କରିବା କାର୍ଯ୍ୟକ୍ରମ ଜାରି ରଖିଛି। ଦଳ ସଙ୍ଗଠନ ସମ୍ପାଦକ ଏବଂ ଓଡ଼ିଶା ପ୍ରଭାରୀଙ୍କ ସହ ଆଲୋଚନା କରିଛି। ପ୍ରତିଶ୍ରୁତି ମିଳିଛି, ତେଣୁ ଟିକେଟ ମୋତେ ନିଶ୍ଚୟ ମିଳିବ ବୋଲି ସେ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ନିରାକାରପୁର ମଣ୍ଡଳ ସଭାପତି ଆଲୋକ ରଞ୍ଜନ ଛୋଟରାୟ, ବଡ଼ପୋଖରିଆ ମଣ୍ଡଳ ସଭାପତି ବିପିନ ପାଲ୍‌ଟାସିଂହ, ଆଶିଷ ବରିଶଲ, ପ୍ରକାଶ ସାହୁ, ଗଙ୍ଗାଧର ଚମ୍ପତି, ମନୋରଞ୍ଜନ ଦାସ, ସଂଗ୍ରାମ କେଶରୀ ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ପରିଡ଼ା, ମହନ୍ତ ବେହେରା, କିଶୋର ଚନ୍ଦ୍ର ବରାଳ, ନଗର ସାଧାରଣ ସମ୍ପାଦକ ତ୍ରିଲୋଚନ ଦାସ, ଅଭିମନ୍ୟୁ ଘଡୁଆଳ, ଜିତେନ୍ଦ୍ର ବେହେରା, ପ୍ରଦ୍ୟୁମ୍ନ ହରିଚନ୍ଦନ, ରଞ୍ଜନ ବଡ଼ଜେନା ପ୍ରମୁଖ ବହୁ କାର୍ଯ୍ୟକର୍ତ୍ତା ସାମିଲ ଥିଲେ। ସୂଚନାଥାଉ କି, ନିକଟରେ ଭାଜପାରେ ଯୋଗଦେଇଥିବା ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବଙ୍କୁ ଖୋର୍ଦ୍ଧା ଦାୟିତ୍ୱ ଦେବାନେଇ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଘୋଷଣା କରିଥିଲେ। ଏନେଇ କାଲୁଙ୍କ ସମର୍ଥକମାନେ ରାଜ୍ୟ ଭାଜପା କାର୍ଯ୍ୟାଳୟ ଆଗରେ ହୋହାଲ୍ଲା କରିଥିଲେ। ସମର୍ଥକମାନେ ଅପରାଜିତାଙ୍କୁ ସମାଲୋଚନା କରିଥିବା ବେଳେ କାଲୁଙ୍କୁ ଟିକେଟ ଦେବା ପାଇଁ ଦାବି କରିଥିଲେ।

# ଲୋକଙ୍କୁ ଭେଟୁଛନ୍ତି, ହୃଦୟ ଜିଣୁଛନ୍ତି ମନ୍ମଥ

ଖୋର୍ଦ୍ଧା,୬।୪(ପ୍ରଭାତ ପାଣିଗ୍ରାହୀ)

ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ସାନପୁଅ ମନ୍ମଥଙ୍କୁ ବିଜେଡି ଭୁବନେଶ୍ୱର ଲୋକ ସଭା ଆସନ ପାଇଁ ପ୍ରାର୍ଥୀ କରିଛି। ଟିକେଟ ଘୋଷଣା ପରେ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି ମନ୍ମଥ। ଭୁବନେଶ୍ୱର ଏକାମ୍ର, ଉତ୍ତରରେ ପ୍ରଚାର କାର୍ଯ୍ୟରେ ଯୋଗଦେଇ ଲୋକଙ୍କ ନିକଟତର ହେବାକୁ ଲାଗିଛନ୍ତି। କେତେବେଳେ ଭୁବନେଶ୍ୱରର ବିଭିନ୍ନ ପାର୍କ ବୁଲି ଲୋକଙ୍କ ସହ ବ୍ୟାଡ୍‌ମିଣ୍ଟନ ଖେଳିଲେଣି ତ ଆଉ କେଉଁଠି ଯୋଗ, ବ୍ୟାୟାମ କରି ପ୍ରଚାର କରୁଛନ୍ତି ମନ୍ମଥ। ଗତ ଶୁକ୍ରବାର ଭୁବନେଶ୍ୱର ଏମ୍ସ ମେଡିକାଲରେ ମନ୍ମଥ ପହଞ୍ଚି ଚିକିତ୍ସିତ ହେବାକୁ ଆସି ବାହାରେ ଅପେକ୍ଷା କରିଥିବା ରୋଗୀଙ୍କ ସହ ଆଲୋଚନା କରିଥିଲେ। ଅନେକ ରୋଗୀ ରାସ୍ତାକଡ଼ରେ ଶୋଇଥିବା ଦେଖି ଦୁଃଖପ୍ରକାଶ କରିଥିଲେ। ଗତ ବୁଧବାର ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ଦଳୀୟ କାର୍ଯ୍ୟାଳୟର ଏକ ସମ୍ବର୍ଦ୍ଧନା ସଭାରେ ଯୋଗଦେଇ ଦଳୀୟ କର୍ମୀଙ୍କୁ ସମ୍ବୋଧିତ କରିଥିଲେ। ଯୁବ ବିକାଶ, ନେତୃତ୍ୱ ଉପରେ ଗୁରୁତ୍ୱ ଦେଇଥିଲେ। ସ୍ଥାନୀୟ ବିଧାୟକଙ୍କ ସମେତ ବହୁ ଜନପ୍ରତିନିଧି ଓ କର୍ମୀ ଉପସ୍ଥିତ ଥିଲେ। କର୍ମୀଙ୍କ ମଧ୍ୟରେ ଉତ୍ସାହ ଭରିଥିଲେ। ଶୁକ୍ରବାର ଜରିପୁଟସ୍ଥିତ ହନୁମାନ ମନ୍ଦିର ପରିଦର୍ଶନ କରିଥିଲେ। ହନୁମାନଙ୍କ ଦର୍ଶନ ସହ ସେଠାରେ ଉପସ୍ଥିତ ସ୍ଥାନୀୟ ଲୋକଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଲୋକଙ୍କ ହୃଦୟ ଜିଣିଥିଲେ। ଲୋକଙ୍କ ସାଥିରେ ବିଜେଡି ସଦାସର୍ବଦା ରହିଛି। ଆଗକୁ ମଧ୍ୟ ଜନକଲ୍ୟାଣ ତଥା ଲୋକାଭିମୁଖୀ କାର୍ଯ୍ୟ ଜାରି ରହିବ ବୋଲି ମନ୍ମଥ ରାଉତରାୟ କହିଛନ୍ତି।

# ଭାଜପାରେ ମିଶିଲେ ୧୫ ପରିବାର



କୃଷ୍ଣପ୍ରସାଦ,୬।୪(କୈଳାସ ଚନ୍ଦ୍ର ପଟ୍ଟନାୟକ)

ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି ରାଜନୈତିକ ବାତାବରଣ ସେତିକି ସରଗରମ ହେବାରେ ଲାଗିଛି। ପ୍ରତ୍ୟେକ ଦଳ ମିଶ୍ରଣ ପର୍ବ ଜରିଆରେ ଦଳୀୟ ସଙ୍ଗଠନକୁ ମଜଭୁତ କରିବାରେ ଲାଗିଛନ୍ତି। ଏହି କ୍ରମରେ କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଅରଖକୁଦା ପଞ୍ଚାୟତର ବିଜେଡି ସମର୍ଥିତ ୧୫ ପରିବାର ଭାଜପାରେ ଯୋଗଦେଇଛନ୍ତି। ଅରଖକୁଦା ସରପଞ୍ଚ ସୁମିତ୍ରା ବେହେରା, ଗୋପୀନାଥପୁର ସରପଞ୍ଚ ସରୋଜ କୁମାର ଲେଙ୍କା, ପିଟିଙ୍ଗିପୁର ସରପଞ୍ଚ ଇଂ. ମଳୟ କୁମାର ଜେନା, ଯୁବନେତା ପ୍ରଦୀପ୍ତ କୁମାର ବେହେରା, ରୋହିତ୍ କୁମାର ଜେନା, ମଧୁସୂଦନ ଦାସଙ୍କ ନେତୃତ୍ୱରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଭାଜପା ନେତ୍ରୀ ଉପାସନା ମହାପାତ୍ରଙ୍କ ନୀତି ଓ ଆଦର୍ଶ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକାଭିମୁଖୀ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ଭାଗବତ ସାହିର ନାରାୟଣ ବେହେରା, ଶହଦେବ ବେହେରା, ଜଳ ବେହେରା, ବାଣ ବେହେରା, ବାପି ବେହେରା, ଗୋପାଳ ବେହେରା, ମୁସିଲ ବେହେରା, ଲଖିଆ ବେହେରା, କୁଲୁ ବେହେରା, ବଳ ବେହେରା, କାଳିଆ ବେହେରା, ରାଜୁ ବେହେରା, ସୁମନ୍ତ ବେହେରା ପ୍ରମୁଖ ଭାଜପାରେ ଯୋଗଦେଇଛନ୍ତି। ଭାଜପା ନେତ୍ରୀ ଉପାସନା ସମସ୍ତଙ୍କୁ ଦଳୀୟ ଉତ୍ତରୀୟ ପିନ୍ଧାଇ ଦଳକୁ ସ୍ୱାଗତ କରିଥିଲେ। ଫଳରେ ସ୍ଥାନୀୟ ଅଞ୍ଚଳରେ ଭାଜପା ସଙ୍ଗଠନ ମଜଭୁତ ହେବାରେ ଲାଗିଛି।

# ନୂଆଗାଁରେ ପଞ୍ଚଶମ୍ଭୁଙ୍କ ମିଳନ ଉତ୍ସବ

କୃଷ୍ଣପ୍ରସାଦ,୬।୪ (କୈଳାସ ଚନ୍ଦ୍ର ପଟ୍ଟନାୟକ)



ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ତିତିପ ପଞ୍ଚାୟତର ନୂଆଗାଁ ଗ୍ରାମବାସୀଙ୍କ ସହଯୋଗରେ ପଞ୍ଚଶମ୍ଭୁ ମହାମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗତ ବୁଧବାର ସକାଳ ୮ଟାରେ ପାରିକୁଦ ଗଡ଼ର ମୁଖ୍ୟ ଦଣ୍ଡକାଳୀ ପୀଠ ଗାଦିଶ୍ୱର ଦେବଙ୍କ ସଭାପତିତ୍ୱରେ ଗୁରୁବାଇର ବାଙ୍କେଶ୍ୱର ଦେବ, ମାଲୁଦ ମଲେଶ୍ୱରୀର ମଲ୍ଲିକେଶ୍ୱର ଦେବ, ଗଙ୍ଗାଧରପୁର ଗାଦିଶ୍ୱର ଦେବ, ଗଞ୍ଜାମ ଜିଲା ଲଙ୍ଗଳେଶ୍ୱରର ସୂର୍ଯ୍ୟେଶ୍ୱର ଦେବ ଏକତ୍ରିତ ହୋଇଥିଲେ। ପାଟପଟୁଆରରେ ବାହାରି ଠାକୁର ଗ୍ରାମ ପରିକ୍ରମା କରିଥିଲେ। ହରିବୋଲ, ହୁଳହୁଳି ଶବ୍ଦରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ନୂଆଗାଁ ଯୁବକ ସଂଘର ସଭ୍ୟମାନେ ଶ୍ରଦ୍ଧାଳୁଙ୍କୁ ଦହିପଣା ବଣ୍ଟନ କରିଥିଲେ। ଅପରାହ୍ନ ୧ଟାରେ ଦଣ୍ଡ ଠାକୁରଙ୍କ ଭଗତାମାନେ ଧୂଳିଦଣ୍ଡ ଖେଳିଥିଲେ। ଅପରାହ୍ନ ୪ଟାରେ ପଞ୍ଚଦଣ୍ଡର ଠାକୁରଙ୍କୁ ନେଇ ଗୋଟିଏ ପୋଖରୀରେ ପାଣିତୋଳା ପର୍ବ ଆରମ୍ଭ ହୋଇଥିଲା। ଭଗତାମାନେ ସୁସଜ୍ଜିତ ଟାହିଆରେ ଫୁଲମାଳ ଦେଇ ପୋଖରୀ ତୁଠରେ ଭୋଗ ପୂଜା ଆରମ୍ଭ କରିବା ସହ ଆଳତି କରିଥିଲେ। ସେଠାରୁ ଗାଁ ଦାଣ୍ଡରେ ମାନସିକଧାରୀଙ୍କୁ ହକ୍ ଦେବା ପରେ ଭଗତାମାନେ ପ୍ରସାଦ ସେବନ କରିବାକୁ ଯାଇଥିଲେ। ରାତି ୧୦ଟା ୩୦ରେ ଠାକୁରମାନଙ୍କର ୨୧ହାଳ ପଟେ ଦଣ୍ଡ ନୃତ୍ୟ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ପଞ୍ଚଶମ୍ଭୁ ମହାମିଳନ କାର୍ଯ୍ୟକ୍ରମ ପରିଚାଳନାରେ ଗ୍ରାମ ଯୁବକ ସଂଘର ସଭ୍ୟମାନେ ସହଯୋଗ କରିଥିଲେ।

# ପାରିକୁଦ ଗଡ଼ରେ ଦଣ୍ଡପର୍ବ



କୃଷ୍ଣପ୍ରସାଦ, ୬।୪(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପାରିକୁଦ ଗଡ଼ର ଗାଦିଶ୍ୱେର ଦେବଙ୍କ ପୀଠରେ ପୂଜା ପାଉଥିବା ମା' ଦଣ୍ଡକାଳୀଙ୍କ ପାରମ୍ପରିକ ଦଣ୍ଡ ପର୍ବ ଚାଲୁରହିଛି। ଦଣ୍ଡ ପର୍ବ ଯୋଗୁ ଗାଁ ପରିବେଶ ଉତ୍ସବମୁଖର ହୋଇଉଠିଛି। ଗ୍ରାମରେ ଆମିଷ ଦ୍ରବ୍ୟର ବ୍ୟବହାର ଉପରେ କଟକଣା ଲାଗୁ କରାଯାଇଛି। ମାନସିକଧାରୀ ଦଣ୍ଡୁଆମାନେ ଦଣ୍ଡପର୍ବରେ ସାମିଲ ହୋଇଛନ୍ତି। ପ୍ରତ୍ୟହ ଅପରାହ୍ନରେ ଦଣ୍ଡକାଳୀଙ୍କ ସ୍ନାନ ସହ ଗ୍ରାମ ପରିକ୍ରମା ଆକୃଷ୍ଟ କରୁଛି। ପୋଖରୀ ତୁଠରେ ସ୍ନାନ ପରେ ମା' ଦଣ୍ଡକାଳୀଙ୍କ ଉଭା ପର୍ବକୁ ଶ୍ରଦ୍ଧାଳୁମାନେ ଉପଭୋଗ କରୁଥିବା ବେଳେ ରାତିରେ ଅନୁଷ୍ଠିତ ଦଣ୍ଡଯାତ୍ରା ଏକ ନିଆରା ପରମ୍ପରା ସୃଷ୍ଟି କରିଛି। ଆସନ୍ତା ୧୩ ତାରିଖରେ ଦଣ୍ଡ ପର୍ବ ଉଦ୍‌ଯାପିତ ହେବ ବୋଲି ଜଣାପଡ଼ିଛି।

# ମନ୍ମଥ ଭାରତୀୟ ଯବାନ କିଷାନ ପାର୍ଟିର ବିଧାୟକ ପ୍ରାର୍ଥୀ



ଟାଙ୍ଗୀ, ୬।୪(ରଘୁନାଥ ସାହୁ)

### ଚିଲିକା ନିର୍ବାଚନମଣ୍ଡଳୀ

ଖୋର୍ଦ୍ଧା ଜିଲା ଚିଲିକା ବିଧାନସଭା କ୍ଷେତ୍ର ପାଇଁ ଭାରତୀୟ ଯବାନ କିଷାନ ପାର୍ଟି ପକ୍ଷରୁ କ୍ୟାପ୍ଟେନ୍ ମନ୍ମଥ କୁମାର ସିଂ ପ୍ରାର୍ଥୀ ହୋଇଛନ୍ତି। ସେ ଦଳୀୟ କର୍ମକର୍ତ୍ତାଙ୍କୁ ନେଇ ପ୍ରଚାର ଆରମ୍ଭ କରିଛନ୍ତି। ବିଭିନ୍ନ ବସ୍ତି ଓ ଗାଁକୁ ଯାଇ ଭୋଟରଙ୍କ ସହିତ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରି ସମାଧାନ ପାଇଁ ପ୍ରତିଶ୍ରୁତି ଦେବା ସହ ନିଜ ସପକ୍ଷରେ ଭୋଟ୍ ଦେବାକୁ ନିବେଦନ କରିଛନ୍ତି। ପ୍ରକାଶ ଯେ, ନୌସେନାରେ କାର୍ଯ୍ୟ ସମ୍ପାଦନ କରି ଅବସର ନେଇଥିବା କ୍ୟାପ୍ଟେନ୍ ସିଂ ରାଜନୈତିକ ମୈଦାନକୁ ଓହ୍ଲାଇ ଜନପ୍ରତିନିଧି ହେବେ ବୋଲି କିଛିଦିନ ତଳେ ଏକ ଖବରଦାତା ସମ୍ମିଳନୀରେ କହିଥିଲେ। ଏପରିକି ଚିଲିକା ବିଧାନସଭା କ୍ଷେତ୍ରରେ ଲଢ଼ିବେ ବୋଲି କହିଥିଲେ। ଯୋଦ୍ଧା କେବେ ଯୁଦ୍ଧକୁ ଡରେ ନାହିଁ। ରାଜନୈତିକ ଯୁଦ୍ଧରେ ହାର୍-ଜିତ୍ ଥାଏ, ତଥାପି ବିଜୟର ଆଶା ନେଇ ରାଜନୀତି ମୈଦାନକୁ ଓହ୍ଲାଇଛି। ଦେଶମାତୃକାର ସେବା କରୁଥିଲି, ଆଉ ଏବେ ଚିଲିକା ମାଟିର ସେବା କରିବି ବୋଲି ସେ କହିଛନ୍ତି।

# ବଉଳାବନ୍ଧରେ ଏକାଦଶ ଦୋଳ ମେଳଣ

ଟାଙ୍ଗୀ, ୬।୪ (ରଘୁନାଥ ସାହୁ)

ଖୋର୍ଦ୍ଧା ଜିଲା ଚିଲିକା ବ୍ଲକ ଅନ୍ତର୍ଗତ ବଉଳାବନ୍ଧ ଗ୍ରାମଠାରେ ଏକାଦଶ ଦୋଳ ମେଳଣ ଅନୁଷ୍ଠିତ ହୋଇଯାଇଛି। ଦଶମୀ ରାତିରେ ଠାକୁରମାନେ ସୁସଜ୍ଜିତ ଦୋଳବିମାନରେ ପଟୁଆରରେ ଯାତ୍ରା ପଡ଼ିଆକୁ ଆସିଥିଲେ। ସେଠାରେ ପ୍ରଥମେ ପୀଠ ଦେବତା ବାଲୁଙ୍କେଶ୍ୱର ଦେବ ଆସନ ଅଳଙ୍କୃତ କରିଥିଲେ। ପରେ ଆମନ୍ତ୍ରିତ ରଘୁନାଥ ଦେବ, ଲକ୍ଷ୍ମୀନାରାୟଣ ଦେବ, ବୃନ୍ଦାବନ ଚନ୍ଦ୍ର ଦେବ, ମଦନମୋହନ ଦେବ, ଶ୍ୟାମଚାନ୍ଦ ଦେବ, ଗୋପୀନାଥ ଦେବ, ପତିତପାବନ ଦେବ, ରାଧାମୋହନ ଦେବ ଓ ମା' ଭଗବତୀ ପ୍ରମୁଖ ପଡ଼ିଆରେ ପହଞ୍ଚି ସ୍ୱ ସ୍ୱ ଆସନରେ ଉପବେଶନ କରିଥିଲେ। ଆମନ୍ତ୍ରିତ ଦେବଦେବୀଙ୍କ ନିକଟରେ ହୋମ କରାଯିବା ପରେ ନୈବେଦ୍ୟ ଅର୍ପଣ କରାଯାଇଥିଲା। ପଙ୍କ୍ତିଭୋଗ ପରେ ମେଳଣ ପଡ଼ିଆରେ ସମସ୍ତ ଠାକୁର ଏକତ୍ରିତ ହୋଇଥିଲେ। ଭକ୍ତଙ୍କ ହରିବୋଲ, ହୁଳହୁଳି, ଘଣ୍ଟ, କାହାଳି, ମୃଦଙ୍ଗର ଧ୍ୱନି ସହ ଆତସବାଜିର ଶବ୍ଦ ସାଙ୍ଗକୁ ଶିବାଷ୍ଟକମ୍ ଓ ଜଗନ୍ନାଥାଷ୍ଟକମ୍ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା। ଠାକୁରମାନେ ସପ୍ତବାର ପ୍ରଦକ୍ଷିଣ କରିବା ପରେ ଦେବାଳୟକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଶାନ୍ତିଶୃଙ୍ଖଳାରେ ଦୋଳଯାତ୍ରା ସମାପନ ହୋଇଥିବାରୁ କମିଟି ସଭାପତି ନିରଞ୍ଜନ ମହାରଣା ଏବଂ ଉପସଭାପତି ରତ୍ନାକର ତରାଇ ଧନ୍ୟବାଦ ଜଣାଇଛନ୍ତି।



# ଚିଲିକା ନୂଆପଡ଼ାରେ ଦଶଦୋଳ ଯାତ୍ରା



କୃଷ୍ଣପ୍ରସାଦ, ୬।୪ (କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ଚିଲିକା ନୂଆପଡ଼ାଠାରେ ଦଶଦୋଳ ଯାତ୍ରା ଆରମ୍ଭ ହୋଇଯାଇଛି। ମୁଖ୍ୟ ପୀଠାଧିଶ ଗୁପ୍ତେଶ୍ୱର ଦେବଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରୁ ୧୬ ଠାକୁର ସୁସଜ୍ଜିତ ବିମାନରେ ପଟୁଆରରେ ଆସି ପୂଜାମଣ୍ଡପରେ ବିରାଜମାନ ହୋଇଥିଲେ। ପ୍ରତ୍ୟହ ଲୋକନୃତ୍ୟ ଭାରତଲୀଳା ସହ ରାମନାଟକ ପରିବେଷଣ ହେଉଛି। ସନ୍ଧ୍ୟାରେ ସମରକଳା ପାଇକ ଆଖଡ଼ା ସହ ଆତସବାଜି ପ୍ରଦର୍ଶନ କରାଯାଉଛି। ଚିଲିକା ନୂଆପଡ଼ା ଗ୍ରାମ୍ୟ କମିଟି ସଭାପତି ନଳିନୀକାନ୍ତ ଜେନା, ସମ୍ପାଦକ ସୁକାନ୍ତ କୁମାର ପ୍ରଧାନଙ୍କ ସମେତ ୩୫ ଜଣିଆ କମିଟି ଯାତ୍ରା ପରିଚାଳନାରେ ସହଯୋଗ କରୁଛନ୍ତି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ କୃଷ୍ଣପ୍ରସାଦ ଥାନା ଆଇଆଇସି ବସନ୍ତ କୁମାର ସାହୁଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି। ରବିବାର ପ୍ରତ୍ୟୁଷରୁ ମେଳଣ ପର୍ବ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

# ଗ୍ରୀଷ୍ମ ପ୍ରବାହକୁ ନେଇ ବିଏମ୍‌ସିର ତତ୍ପରତା

ଭୁବନେଶ୍ୱର, ୬।୪ (ବନ୍ଦନା ସେଠୀ)



■ଆବଶ୍ୟକସ୍ଥଳେ ପ୍ରତି ୱାର୍ଡରେ ଆଉ ୨ଟି ଲେଖାଏ ଜଳସେବା ଶିବିର ଖୋଲିବ

■ଅଂଶୁଘାତ ଚିକିତ୍ସା ପାଇଁ ସରକାରୀ ଚିକିତ୍ସାଳୟରେ ସ୍ୱତନ୍ତ୍ର ବ୍ୟବସ୍ଥା ନିର୍ଦ୍ଦେଶ

ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ବିଭିନ୍ନ ସ୍ଥାନରେ ଜଳସେବା ଶିବିର ଖୋଲା ଯାଇଛି। ବିଏମ୍‌ସିର ପ୍ରତ୍ୟେକ ୱାର୍ଡରେ ଥିବା ପ୍ରମୁଖ ସ୍ଥାନଗୁଡିକରେ ଏହି ସେବା ଯୋଗାଇ ଦିଆଯାଉଛି। ପ୍ରତ୍ୟେକ ୱାର୍ଡରେ ୨ଟି କରି ୬୭ଟି ୱାର୍ଡର ସମୁଦାୟ ୧୩୪ଟି ଜଳସେବା ଶିବିର ଚାଲୁ ରହିଛି। ପ୍ରତି ଜଳସେବା ଶିବିରରେ ଜଣେ ଲେଖାଏ ସ୍ୱେଚ୍ଛାସେବୀ ସକାଳ ୯ଟାରୁ ଅପରାହ୍ନ ୪ଟା ୩୦ ପର୍ଯ୍ୟନ୍ତ ଉପସ୍ଥିତ ରହି ଜଳ ବଣ୍ଟନ କରୁଛନ୍ତି। ଏହାର ତଦାରଖ କରିବା ପାଇଁ ସ୍ଥାନୀୟ ଇଞ୍ଜିନିୟର, ସାନିଟାରୀ ଇନ୍ସପେକ୍ଟରମାନଙ୍କୁ କୁହାଯାଇଛି। ନିୟମିତ ଜଳ ଯୋଗାଣ, ଭଲ୍ୟୁଣ୍ଟିୟରଙ୍କ ଉପସ୍ଥିତିକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ତାପମାତ୍ରା ବୃଦ୍ଧିକୁ ଦୃଷ୍ଟିରେ ରଖି ବିଏମ୍‌ସିର ଜଳସେବା ଶିବିର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି। ଆବଶ୍ୟକସ୍ଥଳେ ବିଭିନ୍ନ ୱାର୍ଡରେ ଆଉ ୨ଟି ଲେଖାଏ ଜଳସେବା ଶିବିର ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷରେ କୌଣସି ଜଳସେବା ଶିବିରକୁ ଯଦି ଲୋକେ ଆସୁ ନାହାନ୍ତି, ତେବେ ଅଧିକ ଜନଗହଳି ସ୍ଥାନକୁ ସ୍ଥାନାନ୍ତର କରିବାକୁ କୁହାଯାଇଛି। କୌଣସି ବ୍ୟକ୍ତି ଅଂଶୁଘାତର ଶିକାର ହେବା ନଜରକୁ ଆସିଲେ ୧୯୨୯ ନମ୍ବରକୁ ତୁରନ୍ତ ଫୋନ୍ କରି ଜଣାଇବାକୁ କୁହାଯାଇଛି। ଥଣ୍ଡାପାନୀୟ ବିକ୍ରୟ କରୁଥିବା ଏବଂ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତକାରୀ ଓ ବିକ୍ରେତାଙ୍କ ଉପରେ କଡା ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯାତ୍ରୀ ପରିବହନ ସଂସ୍ଥାଗୁଡିକ ନିଜର ଯାନରେ ଆବଶ୍ୟକ ପରିମାଣର ପାନୀୟ ଜଳ, ଓଆର୍‌ଏସ୍ ରଖିବେ ଏବଂ ଯାତ୍ରୀଙ୍କ ଆବଶ୍ୟକତା କ୍ରମେ ଏହା ଯୋଗାଇ ଦେବାକୁ ଆଞ୍ଚଳିକ ପରିବହନ ଅଧିକାରୀ (ଆରଟିଓ)ଙ୍କ ମାଧ୍ୟମରେ ଜଣାଇ ଦିଆଯାଇଛି। ଅଧିକ ଖରା ହେଉଥିବା ସମୟରେ କୌଣସି କଣ୍ଟ୍ରାକ୍ଟର ବା ସଂସ୍ଥା ଶ୍ରମିକମାନଙ୍କୁ କାମରେ ଲଗାଇବେ ନାହିଁ। ଏଥିପାଇଁ ସଂପୃକ୍ତ ଇଞ୍ଜିନିୟରମାନେ ସଜାଗ ରହିବେ। ଶ୍ରମିକମାନଙ୍କୁ କାର୍ଯ୍ୟରେ ଲଗାଉଥିବା ଠିକାଦାର ବା ସଂସ୍ଥା ଛାଇ, ପିଇବା ପାଣି ଓ ଓଆରଏସ୍ ବ୍ୟବସ୍ଥା କରିବେ। ସହରାଞ୍ଚଳ ଆଶ୍ରୟସ୍ଥଳୀରେ ରହୁଥିବା ଶ୍ରମିକ, ଭିକାରିମାନେ କିପରି ଖରାରେ ନ ବୁଲିବେ ସେଥିପ୍ରତି କଡା ନଜର ରଖିବାକୁ ବିଏମ୍‌ସି କର୍ତ୍ତୃପକ୍ଷ ନିର୍ଦ୍ଦେଶ ଦେଇଛନ୍ତି। ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ଉପସ୍ଥିତ ରହି ଅଂଶୁଘାତ ରୋଗୀଙ୍କୁ ସେବା ଦେବାକୁ ନିଶ୍ଚିତ କରିବାକୁ ସହରାଞ୍ଚଳ ଜନସ୍ୱାସ୍ଥ୍ୟ ଅଧିକାରୀ (ଏଡିୟୁପିଏଚ୍‌ଓ)ଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିପାଇଁ ବିଏମ୍‌ସି ଅଞ୍ଚଳରେ ଥିବା ସମସ୍ତ ସରକାରୀ ଚିକିତ୍ସା କେନ୍ଦ୍ରରେ ସ୍ୱତନ୍ତ୍ର ଶଯ୍ୟା, ଆବଶ୍ୟକୀୟ ଔଷଧ, ଓଆର୍‌ଏସ୍ ମହଜୁଦ ରଖିବା ପାଇଁ କୁହାଯାଇଛି। ଅଂଶୁଘାତ ଜନିତ ଚିକିତ୍ସା ଓ ସେବା ପାଇଁ ପ୍ରତ୍ୟେକ ସରକାରୀ ଚିକିତ୍ସାଳୟରେ ୨୪ଘଣ୍ଟା ପ୍ରସ୍ତୁତ ରହିବେ। ବିଶେଷ କରି ସକାଳ ୧୧ଟାରୁ ୪ଟା ମଧ୍ୟରେ ନିଶ୍ଚିତ ଭାବେ ସେବା ପ୍ରଦାନକାରୀ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ଉପସ୍ଥିତ ରହିବେ। ସମସ୍ତ ଜଳସେବା ଶିବିରରେ ପାଣି ପହଞ୍ଚାଇବା ଏବଂ ଏହାର ଗତିବିଧିକୁ ଲକ୍ଷ୍ୟ କରିବା ପାଇଁ ଜୋନାଲ ଡେପୁଟି କମିଶନରଙ୍କ ଅଧୀନରେ ରହିଥିବା ଅଧିକାରୀ ଓ କର୍ମଚାରୀ ଏହାର ତଦାରଖ କରିବେ। ଅଙ୍ଗନୱାଡି କେନ୍ଦ୍ରଗୁଡିକରେ ଆବଶ୍ୟକ ପରିମାଣର ପାନୀୟ ଜଳ ଓ ଓଆର୍‌ଏସ ରଖିବା, ବିଦ୍ୟାଳୟରେ ଅଂଶୁଘାତ ସଚେତନତା କରାଇବା, ପାର୍କ ଏବଂ ରାସ୍ତା କଡରେ ହୋଇଥିବା ସବୁଜୀକରଣକୁ ସୁରକ୍ଷା ଦେବା ପାଇଁ କୁହାଯାଇଛି। ଏହାର ଅବମାନନା କରିବା ଦୃଷ୍ଟି ଗୋଚର ହେଲେ, ସଂପୃକ୍ତ ବ୍ୟକ୍ତି ବା ସଂସ୍ଥାଙ୍କଠାରୁ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଆଦାୟ କରାଯିବ ବୋଲି ସୂଚନା ଦିଆଯାଇଛି।

## ଓଃ କି ଖରା...



ଶନିବାର ରାଜଧାନୀ ଭୁବନେଶ୍ୱରର ତାପମାତ୍ରା ୩୯.୬ ଡିଗ୍ରୀ ରହିଥିଲାବେଳେ ଖରାରୁ ରକ୍ଷା ପାଇବା ପାଇଁ ଦୁଇଜଣ ବୃଦ୍ଧ ମୁଣ୍ଡରେ ଗାମୁଛା ପକାଇ ଯାଉଛନ୍ତି।

# ଏସ୍‌ସିବିରେ ପାଣି ପାଇଁ ରୋଗୀ ଡହଳବିକଳ

କଟକ,୬।୪(ଶିଳ୍ପା ପ୍ରିୟଦର୍ଶିନୀ)– ରାଜ୍ୟ ସମେତ କଟକ ସହରରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ହେଲେ ରାଜ୍ୟର ସର୍ବବୃହତ ଏସ୍‌ସିବି ମେଡିକାଲରେ ପାଣି ପାଇଁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଡହଳବିକଳ ହେଉଛନ୍ତି। ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ମିଳିଥିବା ସୂଚନା ଅନୁଯାୟୀ, ଏସ୍‌ସିବି ମେଡିକାଲର ଆଶୁ ଚିକିତ୍ସା କେନ୍ଦ୍ର, ସ୍ତ୍ରୀ ଓ ପ୍ରସୂତି ବିଭାଗ ଓ ରଞ୍ଜନରଶ୍ମି ବିଭାଗ ନିକଟ ସହ ବିଭିନ୍ନ ସ୍ଥାନରେ ପାନୀୟଜଳ ବ୍ୟବସ୍ଥାକରାଯାଇଛି। ଅଧିକାଂଶ ସ୍ଥାନରେ ଟ୍ୟାପ୍ ଲାଗିଥିଲେ ମଧ୍ୟ ପାଣି ଆସୁନାହିଁ। ଫଳରେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ପାଣି ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ଏସ୍‌ସିବି ମେଡିକାଲକୁ ଆସିଥିବା ଯାଜପୁର ଅଞ୍ଚଳର ରମେଶ ଭଦ୍ରା କହିଛନ୍ତି, ରଞ୍ଜନରଶ୍ମି ବିଭାଗରେ ଏକ୍ସ–ରେ କରିବା ପାଇଁ ଧାଡ଼ିରେ ଛିଡା ହୋଇରହିଛି। ଏଭଳି ଗରମରେ ତଣ୍ଟି ଶୁଖି ଯିବାରୁ ପାଣି ପାଇଁ ନିକଟରେ ଥିବା ଟ୍ୟାପ୍ ପାଖକୁ ଯାଇଥିଲି। ହେଲେ ସେଠାରେ ଥିବା ୪ଟି ଟ୍ୟାପ୍‌ରୁ ଗୋଟିଏରେ ପାଣି ଆସୁଛି। ଫଳରେ ପାଣି ପାଇଁ ଲୋକଙ୍କ ଲମ୍ବାଧାଡି ଲାଗିଛି। ଏ ସମ୍ପର୍କରେ ମେଡିକାଲ ପ୍ରଶାସନିକ ଅଧିକାରୀ ଡ. ଅବିନାଶ ରାଉତ କହିଛନ୍ତି, ମେଡିକାଲ ପରିସରରେ ପାନୀୟ ଜଳ ବ୍ୟବସ୍ଥା କରାଯାଇଛି। ଗରମରେ ରୋଗୀ କିପରି ଅସୁବିଧାର ସମ୍ମୁଖୀନ ନ ହେବେ ସେଥିପାଇଁ ମେଡିକାଲ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ଯଦି କୌଣସି ଜାଗାରେ ପାଣିଟ୍ୟାପ ଖରାପ ରହିଛି, ପିଏଚ୍‌ଡି ବିଭାଗ ସହ ଯୋଗାଯୋଗ କରି ତୁରନ୍ତ ଠିକ୍ କରାଯିବ।



ମହାବାରୁଣୀ ବୁଡ଼ ଅବସରରେ ଶନିବାର ଶ୍ରୀକପିଳେଶ୍ୱର ଦେବଙ୍କ ବାରୁଣେଶ୍ୱର ଯାତ୍ରା।

# ବାରୁଣୀ ଘାଟରେ ବୁଡ଼ ପକାଇଲେ ଶ୍ରଦ୍ଧାଳୁ

ପୁରୁଣା ଭୁବନେଶ୍ୱର,୬।୪(ସୁବାସ ଚନ୍ଦ୍ର ପ୍ରଧାନ)

ଶନିବାର ଥିଲା ପ୍ରଭୁ କପିଳେଶ୍ୱର ଦେବଙ୍କ ବାରୁଣେଶ୍ୱର ଯାତ୍ରା। ଏଥିପାଇଁ ପ୍ରାତଃ ୪ଟା ୩୦ରୁ କପିଳେଶ୍ୱର ଦେବଙ୍କ ମନ୍ଦିର ପହଡ଼ ଖୋଲିଥିଲା। ଭୋର ୫ଟାରେ ପାର୍ଶ୍ୱ ଦେବଦେବୀଙ୍କ ବାସି ବେଶ ଓଲାଗି କରାଯାଇଥିଲା। ପରେ ଠାକୁର ଠାକୁରାଣୀଙ୍କ ସ୍ନାନ ଓ ନୂତନ ବସ୍ତ୍ର ପରିଧାନ ପୂର୍ବକ ବେଶ କରାଯାଇଥିଲା। ପରେ ମଙ୍ଗଳ ଆଳତି ଓ ସାଧାରଣ ଦର୍ଶନ ହୋଇଥିଲା। ମଧ୍ୟାହ୍ନ ୧୨ଟାରେ ଗୋପାଳ ବଲ୍ଲଭ ବେଶ, ୧୨ଟା ୩୦ରେ ସକାଳ ଧୂପ,୧୨ଟା ୪୫ରେ ମା' ପାର୍ବତୀଙ୍କ ସକାଳ ଧୂପ ହୋଇଥିଲା। ଅପରାହ୍ନ ୧ଟାରେ କପିଳେଶ୍ୱର ଦେବଙ୍କ ଦ୍ୱିପ୍ରହର ଧୂପ ପାଇଁ ଅନ୍ୟାନ୍ୟ ନୀତି ହୋଇଥିଲା। ଅପରାହ୍ନ ୪ଟାରେ ଯାତ୍ରା ପୂଜା ହୋଇଥିଲା। ୪ଟା ୪୫ରେ ଆପଟିଆ ସେବାୟତଙ୍କ ଦ୍ୱାରା ବିମାନରେ ଠାକୁରଙ୍କ ବାରୁଣେଶ୍ୱର ଯାତ୍ରା ପାଇଁ ବିଜେ କରାଯାଇଥିଲା। ଏହା ପରେ ଗଙ୍ଗୁଆ ନଦୀ କୂଳସ୍ଥିତ ତୁଳସୀ ମହାବୀର ମନ୍ଦିରରେ ଠାକୁରଙ୍କ ଅନ୍ୟାନ୍ୟ ନୀତିକାନ୍ତି ହୋଇଥିଲା। ପରେ ଏହା ସନ୍ନିକଟ ଗଙ୍ଗୁଆ ନାଳରେ ମହାବାରୁଣୀ ବୁଡ଼ ଦେଇଥିଲେ ସ୍ଥାନୀୟ ଅଞ୍ଚଳର ଭକ୍ତମାନେ। ସ୍ଥାନୀୟ କର୍ପୋରେଟର ଚନ୍ଦ୍ର ଶେଖର ମଳିଆଙ୍କ ସହିତ ପ୍ରଭାତ ମହାନ୍ତି, ସନିଆ ମାଣ୍ଡୋଇ, ସୂର୍ଯ୍ୟଭାନୁ ମହାପାତ୍ର, ଗଣେଶ ମଳିଆ, ଅରବିନ୍ଦ ମଳିଆ, ସରୋଜ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏକଦା ଏହି ବାରୁଣେଶ୍ୱର ଘାଟରେ ହଜାର ହଜାର ଶ୍ରଦ୍ଧାଳୁ ବୁଡ଼ ପକାଉଥିବା ବେଳେ ଗଙ୍ଗୁଆ ନଦୀରେ ଦୂଷିତ ଜଳ ପ୍ରବାହିତ ନେଇ କମ୍ ସଂଖ୍ୟକ ଶ୍ରଦ୍ଧାଳୁ ବୁଡ ପକାଇଥିବା ଦେଖିବାକୁ ମିଳିଥିଲା।

### ଆସିଲେନି ଶ୍ରୀଲିଙ୍ଗରାଜ

ପରମ୍ପରା ଅନୁଯାୟୀ ଏହି ବାରୁଣେଶ୍ୱର ଯାତ୍ରାରେ ପ୍ରଭୁ ଶ୍ରୀଲିଙ୍ଗରାଜ ଏବଂ ଶ୍ରୀବାସୁଦେବଙ୍କ ସହିତ କପିଳେଶ୍ୱର ଦେବ ଯାତ୍ରା କରିଥାନ୍ତି। ୨୦୧୪ ଅଁଳା ନବମୀ ପରଠାରୁ ଲିଙ୍ଗରାଜଙ୍କ ହାଣ୍ଡି ଭଙ୍ଗା ଯାତ୍ରା ପରମ୍ପରାରେ କପିଳେଶ୍ୱର ମନ୍ଦିରର ଖୁଣ୍ଟିଆ ଏବଂ ମଳିଆ ସେବାୟତଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଯୋଗୁ ହାଣ୍ଡି ଭଙ୍ଗା ଯାତ୍ରାରେ ପୂର୍ଣ୍ଣଚ୍ଛେଦ ପଡିଥିଲା। ସେବାଠାରୁ ଶ୍ରୀଲିଙ୍ଗରାଜଙ୍କ ସହ କପିଳେଶ୍ୱର ଦେବଙ୍କ ମଧ୍ୟରେ ଥିବା ପ୍ରତ୍ୟକ୍ଷ ଯାନି ଯାତ୍ରାରେ ଲିଙ୍ଗରାଜ ଯୋଗ ଦେଉ ନ ଥିଲେ। ଅନୁରୂପଭାବେ ଶନିବାର ବାରୁଣେଶ୍ୱର ଯାତ୍ରାରେ ମଧ ଶ୍ରୀଲିଙ୍ଗରାଜ ଏବଂ ବାସୁଦେବ ଯୋଗ ଦେଇ ନ ଥିଲେ।

# ୮ରେ ସମ୍ପୂର୍ଣ୍ଣ ସୂର୍ଯ୍ୟୋପରାଗ

## ଭାରତରେ ରାତି ହୋଇଥିବାରୁ ପାଳନୀୟ ନୁହେଁ

ଭୁବନେଶ୍ୱର, ୬।୪ (ବନ୍ଦନା ସେଠୀ)

ଆସନ୍ତା ୮ ତାରିଖ ସୋମବାର ଏକ ବିରଳ ସମ୍ପୂର୍ଣ୍ଣ ସୂର୍ଯ୍ୟୋପରାଗ ସଙ୍ଗଠିତ ହେବ। ଏହି ମହାଜାଗତିକ ଘଟଣାଟି ଯୁକ୍ତରାଷ୍ଟ୍ର ଆମେରିକା, କାନାଡା ଓ ମେକ୍ସିକୋର କେତେକ ଅଞ୍ଚଳରେ ପୂର୍ଣ୍ଣ ଭାବରେ ଦେଖାଯିବ ଏବଂ ପାଖ ଅଞ୍ଚଳରେ ଆଂଶିକ ସୂର୍ଯ୍ୟୋପରାଗ ଦେଖାଯିବ। ଭାରତୀୟ ସମୟ ରାତି ୯ଟା ୧୨ ମିନିଟରେ ସୂର୍ଯ୍ୟୋପରାଗ ଆରମ୍ଭ ହୋଇ ବିଳମ୍ବିତ ରାତି ୨ଟା ୨୨ରେ ଶେଷ ହେବ। ସର୍ବାଧିକ ପରାଗ ରାତି ୧୧ଟା ୪୭ରେ ସଙ୍ଗଠିତ ହେବ ବୋଲି ଜ୍ୟୋତିର୍ବିଜ୍ଞାନୀ ଡ. ଶୁଭେନ୍ଦୁ ପଟ୍ଟନାୟକ ସୂଚନା ଦେଇଛନ୍ତି। ଅନେକ ବର୍ଷ ପରେ ଯୁକ୍ତରାଷ୍ଟ୍ର ଆମେରିକା, କାନାଡା ଓ ମେକ୍ସିକୋର ଅତ୍ୟନ୍ତ ଜନବହୁଳ ଅଞ୍ଚଳରେ ଏହି ପୂର୍ଣ୍ଣପରାଗ ଦେଖାଯିବ। କିନ୍ତୁ ଭାରତରେ ରାତି ହୋଇଥିବାରୁ ଏହା ପାଳନୀୟ ନୁହେଁ। ଡ. ପଟ୍ଟନାୟକ କହିଛନ୍ତି, ଆମ ସମାଜରେ ଆବହମାନ କାଳରୁ ଗ୍ରହଣ ଓ ପରାଗକୁ ନେଇ ଅନେକ ବିଶ୍ୱାସ ଓ ଅନ୍ଧବିଶ୍ୱାସ ରହିଛି। ତେବେ ବିଜ୍ଞାନର ଅଗ୍ରଗତି ଫଳରେ ମଣିଷ ଗ୍ରହଣ ଏବଂ ପରାଗ କାହିଁକି ଓ କିପରି ଘଟେ ତାହା ଠିକ୍ ଭାବରେ ଜାଣିସାରିଲାଣି। ଏସବୁ ହେଉଛି ଛାଇ ଆଲୁଅର ଖେଳ, ଯାହା ସୂର୍ଯ୍ୟ, ଚନ୍ଦ୍ର ଓ ପୃଥିବୀର ଏକ ବିଶେଷ ଅବସ୍ଥିତିରେ ଘଟିଥାଏ। ସୂର୍ଯ୍ୟୋପରାଗ ସମୟରେ 'ପୃଥିବୀ ଓ ସୂର୍ଯ୍ୟ'ମଝିରେ ଚନ୍ଦ୍ର ଏକ ସରଳରେଖାରେ ରହିଥାଏ ଓ ଚନ୍ଦ୍ରର ଛାଇ ପୃଥିବୀ ଉପରେ ପଡ଼ିଥାଏ। ଫଳରେ ସମ୍ପୃକ୍ତ ଅଞ୍ଚଳର ଲୋକମାନେ କିଛି ସମୟ ପାଇଁ ଦିନବେଳେ ସୂର୍ଯ୍ୟକୁ ଦେଖିପାରନ୍ତି ନାହିଁ ଏବଂ ରାତିର ଭ୍ରମ ସୃଷ୍ଟି ହୋଇଥାଏ। ସାଧାରଣତଃ ସୂର୍ଯ୍ୟୋପରାଗ ତିନି ପ୍ରକାରର ଯଥା ଆଂଶିକ, ସମ୍ପୂର୍ଣ୍ଣ ଓ ବଳୟ। ତେବେ ସୋମବାର ସମ୍ପୂର୍ଣ୍ଣ ସୂର୍ଯ୍ୟୋପରାଗ ସଂଗଠିତ ହେବ ବୋଲି ସେ କହିଛନ୍ତି।

# ଗଞ୍ଜେଇ ଜବତ, ଜଣେ ଗିରଫ

ଭୁବନେଶ୍ୱର,୬।୪
(ସୂର୍ଯ୍ୟକାନ୍ତ ବେହେରା)

କନ୍ଧମାଳରୁ ବେଆଇନ ଭାବେ ଗଞ୍ଜେଇ ଆଣି ଭୁବନେଶ୍ୱରରେ ବିକ୍ରି ପାଇଁ ନୂଆଗାଁ ଛକ ନିକଟରେ ଗ୍ରାହକ ଅପେକ୍ଷାରେ ଥିବାବେଳେ ଭରତପୁର ଥାନା ପୋଲିସ ଜଣେ ବେପାରୀଙ୍କୁ ଗିରଫ କରିଛି। ସେ ହେଲେ ସାମପୁର ପଣ୍ଡାକୁଦିଆ ବସ୍ତିର ପ୍ରଫୁଲ୍ଲ ଦାସ। ତାଙ୍କଠାରୁ ୫.୨ କେଜି ଗଞ୍ଜେଇ ଓ ଏକ ମୋବାଇଲ ଜବତ ହୋଇଛି। ଶନିବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ଅଭିଯୁକ୍ତ ପ୍ରଫୁଲ୍ଲଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ସମମ୍ ସିଇଓଙ୍କୁ 'ଉତ୍କଳ ପ୍ରତିଭା ସମ୍ମାନ'



ଭୁବନେଶ୍ୱର, ୬।୪(ଅସମାପିକା ସାହୁ)

ସମ୍ ଅଲ୍ଟିମେଟ୍ ମେଡିକେୟାର(ସମମ୍) ସିଇଓ ଡା. ଶ୍ୱେତପଦ୍ମା ଦାଶଙ୍କୁ 'ଉତ୍କଳ ପ୍ରତିଭା ସମ୍ମାନ' ପ୍ରଦାନ କରାଯାଇଛି। ଉତ୍କଳ ପ୍ରତିଭା ଫାଉଣ୍ଡେଶନ ପକ୍ଷରୁ ଓଡ଼ିଶା ଦିବସ ଅବସରରେ ଏହି ସମ୍ମାନ ତାଙ୍କୁ ଦିଆଯାଇଛି। ଆତିଥ୍ୟ ଏବଂ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଅତୁଳନୀୟ ଅବଦାନ ପାଇଁ ଡା. ଦାଶ ଏହି ସମ୍ମାନ ପାଇଛନ୍ତି। ଏହି ଅବସରରେ ଫାଉଣ୍ଡେଶନର ଚେୟାରମ୍ୟାନ ଡ. ସତ୍ୟବ୍ରତ ମୀନକେତନ କହିଥିଲେ, ତୁମର ଅକ୍ଳାନ୍ତ ପରିଶ୍ରମ ଏବଂ ଉଲ୍ଲେଖନୀୟ ସଫଳତା କେବଳ ଆମ ରାଜ୍ୟ ପାଇଁ ଗର୍ବ ଆଣିନାହିଁ, ଅଗଣିତ ବ୍ୟକ୍ତିବିଶେଷଙ୍କୁ ସମଗ୍ର ଦେଶରେ ଉତ୍କର୍ଷ ଆଣିବା ପାଇଁ ମଧ୍ୟ ଉଦ୍ୟମ କରିବାକୁ ପ୍ରେରଣା ଦେଇଛି।

# ଶିଳାଶ୍ରୀ ସାହିତ୍ୟ ପତ୍ରିକାର ବିଷୁବ ସଂଖ୍ୟା ଲୋକାର୍ପିତ

## ୨ଜଣଙ୍କୁ 'ଶିଳାଶ୍ରୀ ଯୁଗ୍ମ ସାହିତ୍ୟ ସମ୍ମାନ', ୮ଜଣଙ୍କୁ 'ଶିଳାଶ୍ରୀ ବିଷୁବ ସମ୍ମାନ'

ଭୁବନେଶ୍ୱର,୬।୪(ଶର୍ମିଷ୍ଠା ପାଣିଗ୍ରାହୀ)

ଶିଳାଶ୍ରୀ ସାହିତ୍ୟ ପତ୍ରିକାର ବିଷୁବ ସଂଖ୍ୟା ଶନିବାର ଲୋକାର୍ପିତ ହୋଇଯାଇଛି। ବୁଦ୍ଧ ମନ୍ଦିରଠାରେ ଆୟୋଜିତ ଉତ୍ସବରେ ସୁଲେଖ ଆଶାଲତା ଦାଶ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ପଣ୍ଡିତ ହରେକୃଷ୍ଣ ଶତପଥୀ, ମୁଖ୍ୟବକ୍ତା ଭାବେ ଡ.ଅଭୟ ନାୟକ, ସମ୍ମାନିତ ଅତିଥି ଭାବେ ଡ.ସୋମା ଚାନ୍ଦ ଓ ସମ୍ପାଦିକା ବାସନ୍ତୀ ଦାସ ଯୋଗଦେଇଥିଲେ। ଏହି ଅବସରରେ ଶିଳାଶ୍ରୀ ପ୍ରକାଶନୀ ପକ୍ଷରୁ ପ୍ରକାଶିତ ବାସନ୍ତୀ ଦାସଙ୍କ ଭଜନ ବହି 'ତୁଳସୀ ଦୟଣା ବାସେ' ଓ ସଂଯୁକ୍ତା ସ୍ୱାଇଁଙ୍କ କବିତା ବହି 'ସଂଯୁକ୍ତା ସୁରଭି' ଲୋକାର୍ପିତ ହୋଇଥିଲା। ପରେ ଅମୂଲ୍ୟ କୁମାର ଦାଶ ଓ ଡ. ଉର୍ମିମାଳା ଆଚାର୍ଯ୍ୟଙ୍କୁ 'ଶିଳାଶ୍ରୀ ଯୁଗ୍ମ ସାହିତ୍ୟ ସମ୍ମାନ' ଦିଆଯାଇଥିଲା। ସେହିଭଳି ଗୋପାଳ ଚନ୍ଦ୍ର ମିଶ୍ର, ରଜନୀକାନ୍ତ ପଟ୍ଟନାୟକ, ଅଲେଖ ନନ୍ଦୀ, ଧନଞ୍ଜୟ ବେଉରା, ହିମାଦ୍ରୀ ବିହାରୀ ରାଉତରାୟ, ରଞ୍ଜିତା ତ୍ରିପାଠୀ, ଗୀତାଞ୍ଜଳି ମହାପାତ୍ର ଓ ଡ. ରଶ୍ମି କରଙ୍କୁ 'ଶିଳାଶ୍ରୀ ବିଷୁବ ସମ୍ମାନ' ପ୍ରଦାନ କରାଯାଇଥିଲା। ବାସନ୍ତୀ ଦାସ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିବାବେଳେ ସଭା ପରିଚାଳନା କରିଥିଲେ ଡ.ନିବେଦିତା ମହାନ୍ତି। ଧନ୍ୟବାଦ ପ୍ରଦାନ କରିଥିଲେ ସୁଶାନ୍ତ କୁମାର ସ୍ୱାଇଁ। ସଭା ପରେ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମଞ୍ଜୁଳା ତ୍ରିପାଠୀ ସଭାପତିତ୍ୱ କରିଥିଲେ। ଅନିମା ପଟ୍ଟନାୟକ,ବିଶ୍ୱମିତ୍ରା ମିଶ୍ର ଓ ପ୍ରଜ୍ଞା ମହାନ୍ତି ସଂଯୋଜନା କରିଥିବାବେଳେ ୫୦ରୁ ଉର୍ଦ୍ଧ୍ୱ କବି ନିଜର କବିତା ପାଠ କରିଥିଲେ।




ଅତିଥିମାନେ ସାହିତ୍ୟ ପତ୍ରିକା 'ଶିଳାଶ୍ରୀ'ର ବିଷୁବ ସଂଖ୍ୟାକୁ ଉନ୍ମୋଚନ କରୁଛନ୍ତି।

# 'ଅଧିକାର ଛାଡ଼ିବା, କର୍ତ୍ତବ୍ୟ ଭୁଲିବା ଉଚିତ ନୁହେଁ'

## ଉତ୍କଳ ବିଶ୍ୱବିଦ୍ୟାଳୟ ଆଇନ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ

ଭୁବନେଶ୍ୱର,୬।୪(ଅନୁରାଧା ମହାରଣା)




ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ସୁପ୍ରିମକୋର୍ଟ ବିଚାରପତି ପ୍ରଶାନ୍ତ କୁମାର ମିଶ୍ରଙ୍କ ସହ ଅନ୍ୟ ଅତିଥିମାନେ।

ନାଗରିକମାନେ ଅଧିକାର ଛାଡ଼ିବା ଉଚିତ ନୁହେଁ କିମ୍ବା କର୍ତ୍ତବ୍ୟ ଭୁଲିବା ଉଚିତ୍ ନୁହେଁ। ଉତ୍କଳ ବିଶ୍ୱ ବିଦ୍ୟାଳୟ ଆଇନ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଅବସରରେ ଆୟୋଜିତ ଅନ୍ତର୍ଜାତୀୟ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୁପ୍ରିମ୍‌କୋର୍ଟ ଜଷ୍ଟିସ୍ ପ୍ରଶାନ୍ତ କୁମାର ମିଶ୍ର ଏପରି ମତ ଦେଇଛନ୍ତି। ଶନିବାର ମହାବିଦ୍ୟାଳୟ ପରିସରରେ ଏହି ଦୁଇଦିନିଆ ସମ୍ମିଳନୀର ଉଦଘାଟନ ହୋଇଛି। ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରାଦେଶିକ ସଂଗୀତ ଓ ବିଶ୍ୱବିଦ୍ୟାଳୟ ସଂଗୀତ ଗାନରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ବିଶ୍ୱବିଦ୍ୟାଳୟ କୁଳପତି ସବିତା ଆଚାର୍ଯ୍ୟ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାକାର୍ଯ୍ୟରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପ୍ରଫେସର ଏସ୍ କେ ନନ୍ଦ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ମିଳନୀର ବିଷୟବସ୍ତୁ 'ଭାରତ ପ୍ରସଙ୍ଗରେ ବିଶ୍ୱସ୍ତରୀୟ ମାନବାଧିକାର ଘୋଷଣାର ତର୍ଜମା' ସମ୍ପର୍କରେ ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ବିଭାଗ ମୁଖ୍ୟ ଡ. ଏମ୍ କେ ସାବୁଆଳ ସୂଚନା ଦେଇଥିଲେ। ଅତିଥି ଭାବେ ଯୋଗ ଦେଇଥିବା ବନାରସ ହିନ୍ଦୁ ବିଶ୍ୱବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ପ୍ରଫେସର ଡ. ଭିକେଶ୍ ରାମ୍ ତ୍ରିପାଠୀ ସମ୍ମିଳନୀ ପ୍ରସଙ୍ଗ ସମ୍ପର୍କରେ ସୁଚିନ୍ତିତ ମତ ରଖିଥିବାବେଳେ କୃତ୍ରିମ ବୁଦ୍ଧିମତା(ଏଆଇ) ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ଅନ୍ୟତମ ଅତିଥି ଭାବେ କାଠମାଣ୍ଡୁସ୍ଥିତ ତ୍ରିଭୁବନ ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ପ୍ରଫେସର ଡ. ବଳରାମ ପ୍ରସାଦ ବିଶ୍ୱସ୍ତରୀୟ ମୂଲ୍ୟବୋଧ ଏବଂ ଜାତୀୟ ବାସ୍ତବତା କ୍ଷେତ୍ରରେ ସୃଷ୍ଟି ହେଉଥିବା ଆହ୍ୱାନ ସମ୍ପର୍କରେ ମତ ରଖିଥିଲେ। ସେ ତାଙ୍କ ଅଭିଭାଷଣରେ ଓଡ଼ିଶା ଉଚ୍ଚ ପ୍ରଶଂସା କରିବା ସହ ପୁରୀ ବାରମ୍ବାର ଆସିବାକୁ ଚାହୁଁଥିବା କହିଥିଲେ। ଜଷ୍ଟିସ୍ ଶତ୍ରୁଘ୍ନ ପୂଜାରୀଙ୍କ ଅଭିଭାଷଣ ପରେ ସମ୍ମାନିତ ଅତିଥି ତଥା ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣସିଂ ନାଗରିକଙ୍କ ମୌଳିକ ଅଧିକାର ସମ୍ପର୍କରେ ମତ ରଖିଥିଲେ। ସେ କହିଥିଲେ ଆମ ଅଧିକାର ପାଇବା ପାଇଁ ସରକାରଙ୍କ ଠାରୁ ଯେପରି ଆଶା ରଖିଥାଉ ଦେଶପ୍ରତି ଥିବା ଆମ କର୍ତ୍ତବ୍ୟ ପୂରଣ କରିବା ପାଇଁ ଆଗଭର ହେବା ଉଚିତ୍। ଜଣେ ସ୍ୱାଧୀନତାର ସହ ବଞ୍ଚିବା ପାଇଁ ଅନ୍ୟ ଜଣଙ୍କ ସ୍ୱାଧୀନତା ପ୍ରତି ଅଣଦେଖା କରିବା ଉଚିତ୍ ନୁହେଁ ବୋଲି ସେ କାହାଣୀ ଛଳରେ ବୁଝାଇଥିଲେ। ମୁଖ୍ୟ ଅତିଥି ତଥା ସୁପ୍ରିମ୍‌କୋର୍ଟ ଜଷ୍ଟିସ୍ ପ୍ରଶାନ୍ତ କୁମାର ମିଶ୍ର ମାନବାଧିକାର ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ପରିଶେଷରେ ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା।

## ସଂକ୍ଷେପରେ

### ୮ରେ ସମ୍ପୂର୍ଣ୍ଣ ସୂର୍ଯ୍ୟୋପରାଗ

**ଭାରତରେ ରାତି ହୋଇଥିବାରୁ ପାଳନୀୟ ନୁହେଁ**

ଭୁବନେଶ୍ୱର, ୬।୪ (ବନ୍ଦନା ସେଠୀ)

ଆସନ୍ତା ୮ ତାରିଖ ସୋମବାର ଏକ ବିରଳ ସମ୍ପୂର୍ଣ୍ଣ ସୂର୍ଯ୍ୟୋପରାଗ ସଂଘଟିତ ହେବ। ଏହି ମହାଜାଗତିକ ଘଟଣାଟି ଯୁକ୍ତରାଷ୍ଟ୍ର ଆମେରିକା, କାନାଡା ଓ ମେକ୍ସିକୋର କେତେକ ଅଞ୍ଚଳରେ ପୂର୍ଣ୍ଣ ଭାବରେ ଦେଖାଯିବ ଏବଂ ପାଖ ଅଞ୍ଚଳରେ ଆଂଶିକ ସୂର୍ଯ୍ୟୋପରାଗ ଦେଖାଯିବ। ଭାରତୀୟ ସମୟ ରାତି ୯ଟା ୧୨ ମିନିଟରେ ସୂର୍ଯ୍ୟୋପରାଗ ଆରମ୍ଭ ହୋଇ ବିଳମ୍ବିତ ରାତି ୨ଟା ୨୨ରେ ଶେଷ ହେବ। ସର୍ବାଧିକ ପରାଗ ରାତି ୧୧ଟା ୪୭ରେ ସଂଘଟିତ ହେବ ବୋଲି ଜ୍ୟୋତିର୍ବିଜ୍ଞାନୀ ଡ. ଶୁଭେନ୍ଦୁ ପଟ୍ଟନାୟକ ସୂଚନା ଦେଇଛନ୍ତି। ଅନେକ ବର୍ଷ ପରେ ଯୁକ୍ତରାଷ୍ଟ୍ର ଆମେରିକା, କାନାଡା ଓ ମେକ୍ସିକୋର ଅତ୍ୟନ୍ତ ଜନବହୁଳ ଅଞ୍ଚଳରେ ଏହି ପୂର୍ଣ୍ଣପରାଗ ଦେଖାଯିବ। କିନ୍ତୁ ଭାରତରେ ରାତି ହୋଇଥିବାରୁ ଏହା ପାଳନୀୟ ନୁହେଁ। ଡ. ପଟ୍ଟନାୟକ କହିଛନ୍ତି, ଆମ ସମାଜରେ ଆବହମାନ କାଳରୁ ଗ୍ରହଣ ଓ ପରାଗକୁ ନେଇ ଅନେକ ବିଶ୍ୱାସ ଓ ଅନ୍ଧବିଶ୍ୱାସ ରହିଛି। ତେବେ ବିଜ୍ଞାନର ଅଗ୍ରଗତି ଫଳରେ ମଣିଷ ଗ୍ରହଣ ଏବଂ ପରାଗ କାହିଁକି ଓ କିପରି ଘଟେ ତାହା ଠିକ୍ ଭାବରେ ଜାଣିସାରିଲାଣି। ଏସବୁ ହେଉଛି ଛାଇ ଆଲୁଅର ଖେଳ, ଯାହା ସୂର୍ଯ୍ୟ, ଚନ୍ଦ୍ର ଓ ପୃଥିବୀର ଏକ ବିଶେଷ ଅବସ୍ଥିତିରେ ଘଟିଥାଏ। ସୂର୍ଯ୍ୟୋପରାଗ ସମୟରେ 'ପୃଥିବୀ ଓ ସୂର୍ଯ୍ୟ'ମଝିରେ ଚନ୍ଦ୍ର ଏକ ସରଳରେଖାରେ ରହିଥାଏ ଓ ଚନ୍ଦ୍ରର ଛାଇ ପୃଥିବୀ ଉପରେ ପଡ଼ିଥାଏ। ଫଳରେ ସମ୍ପୃକ୍ତ ଅଞ୍ଚଳର ଲୋକମାନେ କିଛି ସମୟ ପାଇଁ ଦିନବେଳେ ସୂର୍ଯ୍ୟକୁ ଦେଖିପାରନ୍ତି ନାହିଁ ଏବଂ ରାତିର ଭ୍ରମ ସୃଷ୍ଟି ହୋଇଥାଏ। ସାଧାରଣତଃ ସୂର୍ଯ୍ୟୋପରାଗ ତିନି ପ୍ରକାରର ଯଥା ଆଂଶିକ, ସମ୍ପୂର୍ଣ୍ଣ ଓ ବଳୟ। ତେବେ ସୋମବାର ସମ୍ପୂର୍ଣ୍ଣ ସୂର୍ଯ୍ୟୋପରାଗ ସଂଗଠିତ ହେବ ବୋଲି ସେ କହିଛନ୍ତି।

### କୋଚିଲେଇ ମହୋତ୍ସବ

କଟକ ସଦର, ୬।୪(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ସଫିପୁର ଗ୍ରାମରେ କୋଚିଲେଇ ମହୋତ୍ସବ ଶନିବାର ଆରମ୍ଭ ହୋଇଛି। ପ୍ରଥମ ଦିନରେ ସାଇ ମନ୍ଦିରରୁ ଚଉଡି ଶୋଭାଯାତ୍ରା ବାହାରି ଗ୍ରାମ ପରିକ୍ରମା କରିବା ପରେ ଯଜ୍ଞସ୍ଥଳରେ ପହଞ୍ଚିଥିଲା। ଏହି ଅବସରରେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା, ପ୍ରଫୁଲ୍ଲ କୁମାର ସିଂହ, ସୁମନ୍ତ ପଣ୍ଡା, ସୁବୋଧ ବେହେରାଙ୍କ ସମେତ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରୁଛନ୍ତି। ରବିବାର ଉଦ୍ୟାପନୀ ସନ୍ଧ୍ୟାରେ ରାଜ୍ୟର ସୁନାମଧନ୍ୟ କଣ୍ଠଶିଳ୍ପୀମାନେ ସଙ୍ଗୀତ ପରିବେଷଣ କରିବାର କାର୍ଯ୍ୟକ୍ରମ ରହିଛି।

### ଶିବିରରେ ୨୦୦ରୁ ଉର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ଫୁଲନଖରା,୬।୪(ସତ୍ୟରଞ୍ଜନ ଦାସମହାପାତ୍ର)

ପାହାଳ ଥାନା ଅନ୍ତର୍ଗତ ଭାରତ ଭିର୍ଲା ସ୍ପୋର୍ଟ୍ସ ଗ୍ରାଉଣ୍ଡରେ ସ୍ୱାସ୍ଥ୍ୟସେବା ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଭାରତ ଭିର୍ଲା ୱେଲ୍‌ଫେୟାର କମିଟି ପକ୍ଷରୁ ଆୟୋଜିତ ଶିବିରରେ ଭୁବନେଶ୍ୱର କେୟାର ହସ୍ପିଟାଲର ବିଶେଷଜ୍ଞ ଓ କର୍ମଚାରୀମାନେ ଯୋଗଦେଇ ୨୦୦ରୁ ଉର୍ଦ୍ଧ୍ୱ ରୋଗୀଙ୍କ ଚିକିତ୍ସା କରିଥିଲେ। ୱେଲ୍‌ଫେୟାର କମିଟି ସଭାପତି ରାକେଶ ମଲ୍ଲିକ, ସମ୍ପାଦକ ଗୌତମ ନାୟକ, ରାଜେନ୍ଦ୍ର ଦାସ, ଅବିନାଶ ଘୋଷ, ଦୀପ୍ତିରଞ୍ଜନ ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ପାଣି ପାଇଁ ରୋଗୀ ହନ୍ତସନ୍ତ

କଟକ,୬।୪(ଶିଳ୍ପା ପ୍ରିୟଦର୍ଶିନୀ)

**ଏସ୍‌ସିବି ମେଡିକାଲ**

**■ଟ୍ୟାପ୍ ଅଛି, ପାଣି ଆସୁନି**

ରାଜ୍ୟ ସମେତ କଟକ ସହରରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଅଂଶୁଘାତ ମୁକାବିଲା ପାଇଁ ରାଜ୍ୟ ସରକାର ବିଭିନ୍ନ ହସ୍ପିଟାଲରେ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ରାଜ୍ୟର ସର୍ବବୃହତ ଏସ୍‌ସିବି ମେଡିକାଲରେ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଏଠାରେ ପାଣି ପାଇଁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ହନ୍ତସନ୍ତ ହେଉଛନ୍ତି। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ମିଳିଥିବା ସୂଚନା ଅନୁଯାୟୀ, ଏସ୍‌ସିବି ମେଡିକାଲକୁ ବିଶ୍ୱସ୍ତରୀୟ ମେଡିକାଲରେ ପରିଣତ କରିବା ପାଇଁ ସରକାରଙ୍କ ପକ୍ଷରୁ ଉଦ୍ୟମ ଜାରି ରହିଛି। ଏଥିପାଇଁ ଉନ୍ନତୀକରଣ କାର୍ଯ୍ୟ ଜାରି ରହିଛି। ପ୍ରତିଦିନ ବିଭିନ୍ନ ସ୍ଥାନରୁ ବହୁ ସଂଖ୍ୟକ ରୋଗୀ ଚିକିତ୍ସା ପାଇଁ ଏଠାକୁ ଆସୁଛନ୍ତି। ଏଠାରେ ଥିବା ଆଶୁ ଚିକିତ୍ସା କେନ୍ଦ୍ର, ସ୍ତ୍ରୀ ଓ ପ୍ରସୂତି ବିଭାଗ ଓ ରଞ୍ଜନରଶ୍ମି ବିଭାଗ ନିକଟ ସମେତ ଅନ୍ୟ ସ୍ଥାନରେ ସେମାନଙ୍କ ପାଇଁ ପାନୀୟଜଳ ବ୍ୟବସ୍ଥା ମେଡିକାଲ ପକ୍ଷରୁ କରାଯାଇଛି। ଅଧିକାଂଶ ସ୍ଥାନରେ ଟ୍ୟାପ୍ ଲାଗିଥିଲେ ମଧ୍ୟ ପାଣି ଆସୁନାହିଁ। ଫଳରେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ପାଣି ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ଏସ୍‌ସିବି ମେଡିକାଲକୁ ଆସିଥିବା ଯାଜପୁର ଅଞ୍ଚଳର ରମେଶ ଭଦ୍ର କହିଛନ୍ତି, ରଞ୍ଜନରଶ୍ମି ବିଭାଗରେ ଏକ୍ସ-ରେ କରିବା ପାଇଁ ଧାଡ଼ିରେ ଛିଡା ହୋଇରହିଛି। ଏଭଳି ଗରମରେ ତଣ୍ଟି ଶୁଖି ଯିବାରୁ ପାଣି ପାଇଁ ନିକଟରେ ଥିବା ଟ୍ୟାପ୍ ପାଖକୁ ଯାଇଥିଲି। ହେଲେ ସେଠାରେ ଥିବା ୪ଟି ଟ୍ୟାପ୍‌ରୁ ଗୋଟିଏରେ ପାଣି ଆସୁଛି। ଫଳରେ ପାଣି ପାଇଁ ଲୋକଙ୍କ ଲମ୍ବାଧାଡି ଲାଗିଛି। ଏ ସମ୍ପର୍କରେ ମେଡିକାଲ ପ୍ରଶାସନିକ ଅଧିକାରୀ ଡ. ଅବିନାଶ ରାଉତ କହିଛନ୍ତି, ମେଡିକାଲ ପରିସରରେ ପାନୀୟ ଜଳ ବ୍ୟବସ୍ଥା କରାଯାଇଛି। ଗରମରେ ରୋଗୀ କିପରି ଅସୁବିଧାର ସମ୍ମୁଖୀନ ନ ହେବେ ସେଥିପାଇଁ ମେଡିକାଲ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଉଛି। ଯଦି କୌଣସି ଜାଗାରେ ପାଣିଟ୍ୟାପ ଖରାପ ରହିଛି, ପିଏଚ୍‌ଡି ବିଭାଗ ସହ ଯୋଗାଯୋଗ କରି ତୁରନ୍ତ ଠିକ୍ କରାଯିବ।



ଏସ୍‌ସିବି ମେଡିକାଲ୍‌ର ରଞ୍ଜନରଶ୍ମି ବିଭାଗ ନିକଟରେ ଥିବା ପାଣିଟ୍ୟାପ ଅଚଳ ହୋଇପଡିଛି।

# ନିର୍ବାଚନ ସୁପରିଚାଳନା ପାଇଁ ସହଯୋଗ ଲୋଡ଼ିଲେ

କଟକ,୬।୪(କାର୍ତ୍ତିକ ସାହୁ)

**କାର୍ଯ୍ୟରେ ଯୋଗଦେଲେ ନୂତନ ଜିଲାପାଳ ଅରିନ୍ଦମ ଡାକୁଆ**



କଟକର ନୂତନ ଜିଲାପାଳ ଭାବେ ୨୦୧୧ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ଅରିନ୍ଦମ ଡାକୁଆ ଶନିବାର ପୂର୍ବାହ୍ନରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ବିଦାୟୀ ଜିଲାପାଳ ବିନୀତ୍ ଭରଦ୍ୱାଜ ନୂତନ ଜିଲାପାଳ ଡାକୁଆଙ୍କୁ ସ୍ୱାଗତ କରିବା ସହ ଜିଲାପାଳଙ୍କ କାର୍ଯ୍ୟାଳୟରେ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଜିଲାପାଳଙ୍କ ସଦ୍‌ଭାବନା ଗୃହରେ ଆୟୋଜିତ ବୈଠକରେ ନୂତନ ଜିଲାପାଳ ଡାକୁଆ ଚଳିତ ଲୋକ ସଭା ଓ ବିଧାନସଭା ନିର୍ବାଚନକୁ ସୁପରିଚାଳନା କରିବା ପାଇଁ ସମସ୍ତଙ୍କର ସହଯୋଗ ଲୋଡ଼ିଥିଲେ। ଏଥିସହ ଜିଲାରେ ବିକାଶମୂଳକ ତଥା ଜନକଲ୍ୟାଣକାରୀ କାର୍ଯ୍ୟର ଧାରାକୁ ଆଗେଇ ନେବା ପାଇଁ ସେ ଆହ୍ୱାନ ଦେଇଥିଲେ। ଜନସାଧାରଣଙ୍କ ନିକଟରେ ସରକାରଙ୍କ ସେବା ପହଞ୍ଚାଇବା ପ୍ରଶାସନର ପ୍ରାଥମିକତା। ଆଧୁନିକ ଜ୍ଞାନକୌଶଳ ସହ ତାଳ ଦେଇ ନିଜକୁ ଅଧୁନାତନ କରିବା ଏବଂ ତ୍ୱରିତ ବେଗରେ ଲୋକଙ୍କ ସମସ୍ୟାର ସମାଧାନ କରି ସେମାନଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବା ଦିଗରେ କାର୍ଯ୍ୟ କରିବାକୁ ଡାକୁଆ ପରାମର୍ଶ ଦେଇଥିଲେ।

ଅତିରିକ୍ତ ଜିଲାପାଳ (ରାଜସ୍ୱ) ଉମାକାନ୍ତ ରାଜ, ଅତିରିକ୍ତ ଜିଲାପାଳ (ସାଧାରଣ) ଶିବ ଟପୋ, ଅତିରିକ୍ତ ଜିଲାପାଳ (ପ୍ରଶାସନ) ଡ. ଦିବ୍ୟଲୋଚନ ମହାନ୍ତ, କଟକ ସଦର ଉପଜିଲାପାଳ ଜ୍ୟୋତିଶଙ୍କର ରାୟ, ବାଙ୍କୀ ଉପଜିଲାପାଳ ଦେବୀ ପ୍ରସାଦ ମହାନ୍ତି, ଆଠଗଡ଼ ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ, କଟକ ସଦର ଅତିରିକ୍ତ ଉପଜିଲାପାଳ ଦେବାଶିଷ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ବିଦାୟୀ ଜିଲାପାଳ ଭରଦ୍ୱାଜ ଜିଲାରେ ସ୍ୱଳ୍ପ ସମୟ ଅବଧି ମଧ୍ୟରେ ସମସ୍ତଙ୍କର ସହଯୋଗ ମିଳିଥିବାରୁ ଧନ୍ୟବାଦ ଜଣାଇଥିଲେ। ନୂତନ ଜିଲାପାଳଙ୍କ କାର୍ଯ୍ୟଭାର ଗ୍ରହଣ ଅବସରରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ, କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ, ଷ୍ଟାଫ କମିଟି ସଭାପତି ଓ ସମ୍ପାଦକଙ୍କ ସମେତ ସଦସ୍ୟା, ସଦସ୍ୟ, ଜିଲାର ସମସ୍ତ ବରିଷ୍ଠ ଅଧିକାରୀଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ନୂତନ ଜିଲାପାଳଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଗଠନ ପାଇଁ ଆହ୍ୱାନ



କାର୍ଯ୍ୟକ୍ରମରେ ଭାଜପା କଟକ ଲୋକ ସଭା ପ୍ରାର୍ଥୀ ଭର୍ତ୍ତୃହରି ମହତାବଙ୍କ ସମେତ ଦଳୀୟ ନେତୃବୃନ୍ଦ।

କଟକ,୬।୪(ଶିଳ୍ପା ପ୍ରିୟଦର୍ଶିନୀ)

**ଭାଜପା ପ୍ରତିଷ୍ଠା ଦିବସ**

କଟକ ଗୌରୀଶଙ୍କର ପାର୍କ ନିକଟରେ ଶନିବାର ଭାଜପାର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କଟକ ନଗର ଭାଜପା ପକ୍ଷରୁ ଧ୍ୱଜ ସ୍ତମ୍ଭରେ ଶନିବାର ଦଳୀୟ ପତାକା ଉତ୍ତୋଳନ କରାଯାଇଥିଲା। ଭାଜପା କଟକ ନଗର ସଭାପତି ଲଲାଟେନ୍ଦୁ ବଡୁଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାଜପା କଟକ ଲୋକ ସଭା ପ୍ରାର୍ଥୀ ଭର୍ତ୍ତୃହରି ମହତାବ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିନୋଦ ଦାଶ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ସ୍ମୃତି ପଟ୍ଟନାୟକ, ନିର୍ବାଚନମଣ୍ଡଳୀ ସଂଯୋଜକ ଲକ୍ଷ୍ମୀଧର ପ୍ରଧାନ ଯୋଗଦେଇଥିଲେ। ଏହି ଅବସରରେ ଭର୍ତ୍ତୃହରି ନିଜ ଉଦ୍‌ବୋଧନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକଶିତ ଭାରତ ସଂକଳ୍ପରେ ଏଥର ଭାଜପାକୁ ୪୦୦ ପାର କରି ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଗଠନ କରିବା ଲକ୍ଷ୍ୟ ନେଇ କାର୍ଯ୍ୟ କରିବାକୁ ଉପସ୍ଥିତ କାର୍ଯ୍ୟକର୍ତ୍ତାଙ୍କୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଉମେଶ ଖଣ୍ଡେଲୱାଲ, ସବ୍ୟସାଚୀ ମହାପାତ୍ର, ଦେବାନନ୍ଦ ସିଂ, ଦେବାଶିଷ ରାୟ, ବିବେକାନନ୍ଦ ନାୟକ, ବିଶ୍ୱରଞ୍ଜନ ମିଶ୍ର, ପ୍ରକାଶ ଅଗ୍ରୱାଲ, ରତନ ମହାନ୍ତି, ସନ୍ତୋଷ ମହାନ୍ତି, ହରିଚନ୍ଦନ ନାୟକଙ୍କ ସମେତ କଟକ ନଗର ଭାଜପାର ସମସ୍ତ କର୍ମୀ, ଅନ୍ୟ ଜିଲା ଓ ମଣ୍ଡଳର ପଦାଧିକାରୀ ଉପସ୍ଥିତ ଥିଲେ।

## ଭାଜପା ପ୍ରତିଷ୍ଠା ଦିବସ

ଚୌଦ୍ୱାର,୬।୪(ଆଶୁତୋଷ ଦାସ)

ଭାଜପାର ଚୌଦ୍ୱାର ମଣ୍ଡଳ ଆନୁକୂଲ୍ୟରେ ଭାଜପାର ପ୍ରତିଷ୍ଠା ଦିବସ ଶନିବାର ପାଳିତ ହୋଇଯାଇଛି। ମଣ୍ଡଳ ସଭାପତି ସନ୍ତୋଷ କୁମାର ସାହୁଙ୍କ ପୌରୋହିତ୍ୟରେ ଦଳର ମଣ୍ଡଳ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଟକ ଲୋକ ସଭା ପ୍ରାର୍ଥୀ ଭର୍ତ୍ତୃହରି ମହତାବ ଓ ସମ୍ମାନିତ ଅତିଥି ଭାବେ ଚୌଦ୍ୱାର-କଟକ ବିଧାନସଭା ପ୍ରାର୍ଥୀ ନୟନ କିଶୋର ମହାନ୍ତି ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କଟକ ଜିଲା ଉପସଭାପତି ପ୍ରଶାନ୍ତ କୁମାର ହୋତା, ଜିଲା ସମ୍ପାଦକ ବୈରାଗୀ ଚରଣ ପ୍ରଧାନ, ଲୋକ ରଞ୍ଜନ ମହତାବ, ଅଜିତ୍ କୁମାର ସୁବୁଦ୍ଧିରାୟ, ମନମୋହନ ଉପାଧ୍ୟାୟ, ଦୀପକ ଦାସ, ସୁନୀଲ ଭୋଇ, ସତ୍ୟ ମଶ୍ର, ଭାବଗ୍ରାହୀ ପଟ୍ଟନାୟକ, ମମତା ବେହେରା, ମୌଷୁମୀ ନାୟକଙ୍କ ସମେତ ବହୁସଂଖ୍ୟକ ଦଳୀୟ କର୍ମୀ ଓ ଜନସାଧାରଣ ଉପସ୍ଥିତ ଥିଲେ। ପ୍ରତାପ କୁମାର ଜେନା ଧନ୍ୟବାଦ ଦେଇଥିଲେ।

# ବିଜେଡି ନେତୃବୃନ୍ଦଙ୍କୁ ଭେଟିଲେ ପ୍ରକାଶ

କଟକ, ୬।୪(ଶିଳ୍ପା ପ୍ରିୟଦର୍ଶିନୀ)

ବାରବାଟୀ-କଟକ ବିଜେଡି ପ୍ରାର୍ଥୀ ପ୍ରକାଶ ବେହେରା ଶନିବାର ଦଳୀୟ ନେତୃବୃନ୍ଦଙ୍କୁ ଭେଟିଛନ୍ତି। ସେ ଗୋରାକବରସ୍ଥିତ ମଧୁବାବୁଙ୍କ ସମାଧିପୀଠରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ପରେ ବିଜେଡି ଜିଲା ସଭାପତି ଦେବାଶିଷ ସାମନ୍ତରାୟ, କଟକ ନଗର ବିଜେଡି ସଭାପତି ମଧୁସୂଦନ ସାହୁ, ବିଜେଡିର ସମସ୍ତ କର୍ପୋରେଟର, ୱାର୍ଡ ସଭାପତିଙ୍କ ସମେତ ଅନ୍ୟାନ୍ୟ ନେତୃବୃନ୍ଦଙ୍କୁ ଭେଟିଥିଲେ। ପ୍ରକାଶ ବାରବାଟୀ-କଟକ ପାଇଁ ନୂଆ ଚେହେରା। ତାଙ୍କ ନାଁ ଘୋଷଣା କରିବା ପରେ ସେ ଶନିବାରଠାରୁ ନିଜ ସମର୍ଥକଙ୍କୁ ନେଇ ବିଜେଡି ନେତୃବୃନ୍ଦ ଓ କର୍ମୀଙ୍କ ନିକଟତର ହେବାକୁ ଆରମ୍ଭ କରିଛନ୍ତି। ଏନେଇ ପ୍ରକାଶ କହିଛନ୍ତି, ଦଳୀୟ ନେତୃବୃନ୍ଦଙ୍କ ନିକଟକୁ ଯାଇ ସମସ୍ତ ବିଷୟରେ ଆଲୋଚନା କରିଛି। ବିଜେଡି ପକ୍ଷରୁ ବାରବାଟୀ-କଟକରୁ ପ୍ରାର୍ଥୀ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଉଛି। ମୁଖ୍ୟମନ୍ତ୍ରୀ ଯେଉଁ ବିଶ୍ୱାସ ମୋ ଉପରେ ରଖିଛନ୍ତି ତାହାକୁ କାମରେ କରି ଦେଖାଇବି। ମୁଁ କଟକ ପାଇଁ ନୂଆ ନୁହେଁ। କଟକ ଜିଲାର ସଙ୍ଗଠନ ସହ ଦୀର୍ଘ ୨୦ ବର୍ଷ ହେବ ଜଡ଼ିତ ହୋଇରହିଛି। ବାରବାଟୀ-କଟକ ନିର୍ବାଚନମଣ୍ଡଳୀ ପାଇଁ ନୂଆ ହୋଇପାରେ ହେଲେ ଏଠାରେ ଦଳୀୟ ସଙ୍ଗଠନ ସୁଦୃଢ଼ ରହିଛି ଏବଂ ବହୁ ବିକାଶମୂଳକ କାର୍ଯ୍ୟ କରାଯାଇଛି ବୋଲି ସେ କହିଛନ୍ତି।

# ଶୋଭାଯାତ୍ରାରେ ବିଜେଡି ପ୍ରାର୍ଥୀଙ୍କ ଶକ୍ତି ପ୍ରଦର୍ଶନ



କାର୍ଯ୍ୟକ୍ରମରେ ବିଜେଡି କଟକ ଲୋକ ସଭା ପ୍ରାର୍ଥୀ ସଂତୃପ୍ତ ମିଶ୍ରଙ୍କ ସହ ଅନ୍ୟମାନେ।

କଟକ ସଦର, ୬।୪(ସୁଶାନ୍ତ କୁମାର ଜେନା)

ପାଖେଇ ଆସୁଛି ସାଧାରଣ ନିର୍ବାଚନ। ଏହାକୁ ଦୃଷ୍ଟିରେ ରଖି କଟକ ସଦର ବିଧାନସଭା ପ୍ରାର୍ଥୀ ଚନ୍ଦ୍ରସାରଥି ବେହେରା ଓ ବିଜେଡି କଟକ ଲୋକ ସଭା ପ୍ରାର୍ଥୀ ସଂତୃପ୍ତ ମିଶ୍ର ଶୋଭାଯାତ୍ରା ମାଧ୍ୟମରେ ଶନିବାର ଶକ୍ତି ପ୍ରଦର୍ଶନ କରିଛନ୍ତି। କଟକ ସଦର ବ୍ଲକ ଅନ୍ତର୍ଗତ ୪୨ ମୌଜାରେ ଆୟୋଜିତ ସମାବେଶରେ ଉଭୟ ପ୍ରାର୍ଥୀ ନିର୍ବାଚନମଣ୍ଡଳୀର ବିବିଧ ଉନ୍ନୟନମୂଳକ କାର୍ଯ୍ୟ ଆଗେଇ ନେବା ପାଇଁ ଭୋଟରମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ଦଳର ବିଜୟ ଧାରାକୁ ଜାରି ରଖିବା ପାଇଁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଖାନ୍‌ନଗରସ୍ଥିତ ପଞ୍ଚମୁଖୀ ହନୁମାନ ମନ୍ଦିର ନିକଟରୁ ବାହାରିଥିବା ବିଶାଳ ବାଇକ୍ ଶୋଭାଯାତ୍ରା ସଭାସ୍ଥଳରେ ପହଞ୍ଚିଥିଲା। ପରେ ୪୨ ମୌଜା ଅଞ୍ଚଳର ଜନସାଧାରଣ ମଞ୍ଚାସୀନ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ସଭାରେ ବିଜେଡି କଟକ ଜିଲା ସଭାପତି ଦେବାଶିଷ ସାମନ୍ତରାୟ, କଟକ ଅର୍ବାନ ବ୍ୟାଙ୍କ ସଭାପତି ପ୍ରଫୁଲ୍ଲ ମହାପାତ୍ର, କଟକ ସଦର ନିର୍ବାଚନମଣ୍ଡଳୀର ପର୍ଯ୍ୟବେକ୍ଷକ ଶୋଭନ ମହାନ୍ତି, ବ୍ଲକ ବିଜେଡି ସଭାପତି ପ୍ରମୋଦ ମହାପାତ୍ର, ବିଭୂତିଭୂଷଣ ପରିଡ଼ା, ସମର ବେହେରା, ଶରତ ରାୟ, ସରୋଜ ନାୟକ, ମନୋରଞ୍ଜନ ମହାପାତ୍ର, ଅମ୍ବିକା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବାରୁଣୀ ଘାଟରେ ବୁଡ଼ ପକାଇଲେ ଶ୍ରଦ୍ଧାଳୁ

ଖୁଣ୍ଟୁଣୀ,୬।୪(ସଚ୍ଚିଦାନନ୍ଦ ପଣ୍ଡା)

ଚୈତ୍ର ତ୍ରୟୋଦଶୀ ତିଥିରେ କଟକ ଜିଲା ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ବ୍ରହ୍ମପୁର ଗ୍ରାମସ୍ଥିତ ସିଦ୍ଧ ନାରାୟଣୀ ପୀଠ ମହାନଦୀର ବାରୁଣୀ ଘାଟରେ ଶନିବାର ବାରୁଣୀ ସ୍ନାନଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ଶୁକ୍ରବାର ବିଳମ୍ବିତ ରାତିରେ ସର୍ପେଶ୍ୱର ମହାଦେବ ସୁସଜ୍ଜିତ ବିମାନରେ ବ୍ରହ୍ମପୁରଠାରେ ପହଞ୍ଚିଥିଲେ। ପରେ ଗ୍ରାମବାସୀ ରୋଶଣି ଶୋଭାଯାତ୍ରାରେ ସର୍ପେଶ୍ୱରଙ୍କ ସହ ନୂଆ ଶାସନର ରାମେଶ୍ୱର ଓ ବ୍ରହ୍ମପୁରର ଗୋପାଳଜୀଉଙ୍କୁ ବ୍ରହ୍ମପୁର ଗ୍ରାମ ପରିକ୍ରମା କରାଇ ହରିହର ଭେଟ ପାଇଁ କଖଡ଼ି ପାଲାତୋଟାକୁ ନେଇଥିଲେ। ସେଠାରେ ବାବା ଧବଳେଶ୍ୱରଙ୍କ ସହିତ କଖଡ଼ିର ଲକ୍ଷ୍ମୀନାରାୟଣ, ନାରଙ୍ଗବସ୍ତ ଗ୍ରାମର ରାଧାକୃଷ୍ଣ, ମାହାଳପଡାର ଗୋପାଳଜୀଉ, ଜଗମୋହନପୁର ଶାସନର ଗୋପୀନାଥଜୀଉ, ଜେନାପୁରର ସ୍ୱପ୍ନେଶ୍ୱର, ଘଣ୍ଟିଖାଲର ବୃନ୍ଦାବନ ଚନ୍ଦ୍ର ଦେବ, ରାଧାଶ୍ୟାମପୁରର ରାଧାଶ୍ୟାମଜୀଉ, କାପ୍ତାବରାଇର ରାଧାକୃଷ୍ଣ ଦେବ, ପିଠାଖିଆର ରାଧାକୃଷ୍ଣ ଓ ଅନନ୍ତପୁର ଗୋପାଳଜୀଉଙ୍କ ସହିତ ଶନିବାର ପ୍ରତ୍ୟୁଷରେ ସର୍ପେଶ୍ୱର ଦେବଙ୍କ ହରିହର ଭେଟ ନୀତି ଅନୁଷ୍ଠିତ ହୋଇଥିଲା। ଏଥିସହ ନାମ ସଂକୀର୍ତ୍ତନ, ଘଣ୍ଟଘଣ୍ଟା, ବ୍ରାହ୍ମଣ, ପଣ୍ଡିତଙ୍କ ବେଦପାଠ ପରେ ସମସ୍ତ ଠାକୁର ପୂର୍ବାହ୍ନ ୧୧ଟା ୫୫ ମିନିଟ୍‌ରେ ବାରୁଣୀ ସ୍ନାନ କରିଥିଲେ। ଏହାପରେ ବିଭିନ୍ନ ସ୍ଥାନରୁ ଆସିଥିବା ହଜାର ହଜାର ଶ୍ରଦ୍ଧାଳୁ ବୁଡ଼ ପକାଇଥିଲେ। ବାରୁଣୀ ଘାଟରେ ବୁଡ଼ ପକାଇଲେ ଶ୍ରଦ୍ଧାଳୁମାନେ ରୋଗ ଓ ପାପମୁକ୍ତ ହୋଇଥାନ୍ତି ବୋଲି ବିଶ୍ୱାସ ରହିଛି।

ବ୍ରହ୍ମପୁର ଗ୍ରାମ କମିଟି ସଭାପତି ଲକ୍ଷ୍ମୀଧର ସାମନ୍ତରାୟ, ପ୍ରମୋଦ କୁମାର ସ୍ୱାଇଁ, ସମ୍ପାଦକ କୈଳାସ ଚନ୍ଦ୍ର ସାହୁ, ବାଦଲ ସାମଲ, ଉମାକାନ୍ତ ସ୍ୱାଇଁ, ଧୋବି ବିଶ୍ୱାଳ, ଧର୍ଯ୍ୟଧର ନାୟକ, କବିରାଜ ସାହୁ, ଚିନ୍ତାମଣି ମଲ୍ଲିକ, ନରେନ୍ଦ୍ର ମଲ୍ଲିକ, ମାନସ ମହାନ୍ତି ପ୍ରମୁଖ ଯାତ୍ରା ପରିଚାଳନା କରିଥିଲେ। ପ୍ରଶାସନ ପକ୍ଷରୁ ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ, ଅତିରିକ୍ତ ତହସିଲଦାର ଅଶୋକ କୁମାର ସ୍ୱାଇଁ, ଦେବୋତ୍ତର ସୁପରଭାଇଜର ଭବାନୀ ଶଙ୍କର ପଣ୍ଡା ବୁଡ଼ ସ୍ଥଳରେ ଉପସ୍ଥିତ ଥିଲେ। ଭିଡ଼ ନିୟନ୍ତ୍ରଣ ଓ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକ, ଖୁଣ୍ଟୁଣୀ ଆଇଆଇସି ଭବାନୀ ଶଙ୍କର ଖୁଣ୍ଟିଆଙ୍କ ସମେତ ୨ ପ୍ଲାଟୁନ ଫୋର୍ସ ମୁତୟନ ଥିଲେ। ସେହିପରି ଆଠଗଡ଼ ଅଗ୍ନିଶମ କର୍ମଚାରୀ ମଧ୍ୟ ଘାଟ ନିକଟରେ ଉପସ୍ଥିତ ଥିଲେ। ଏହି ଅବସରରେ ଶନିବାରଠାରୁ ୫ଦିନ ବ୍ୟାପୀ ବାରୁଣୀ ଯାତ୍ରା ପଡ଼ିଆରେ ଅପେରା ପରିବେଷଣ କରାଯାଉଛି। ଏଥିସହ ମିନାବଜାର ପଡିଥିବାବେଳେ ବିଭିନ୍ନ ସାମଗ୍ରୀ କିଣିବା ପାଇଁ ଲୋକଙ୍କ ଗହଳି ଲାଗୁଛି।



ମହାନଦୀର ବାରୁଣୀ ଘାଟରେ ଶ୍ରଦ୍ଧାଳୁମାନେ ବୁଡ଼ ପକାଉଛନ୍ତି।



କଟକ ସିଡିଏ ସେକ୍ଟର-୯ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିବୃନ୍ଦ।



କଟକ ମହାନଗର ଶାନ୍ତି କମିଟି ପକ୍ଷରୁ ମଙ୍ଗଳାବାଗସ୍ଥିତ ଏକ ମଣ୍ଡପରେ ବାସନ୍ତିକ ଦୁର୍ଗାପୂଜା ଓ ଭସାଣି ଉତ୍ସବ ପାଇଁ ପ୍ରସ୍ତୁତି ସଭା।

